- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

◆VOLUME- 43 ◆ISSUE-12 ◆SUNDAY ◆6 JULY 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୨ ◆ରବିବାର ◆୬ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)




ବାହୁଡ଼ାବିଜେରେ ଚତୁର୍ଦ୍ଧାମୂର୍ତ୍ତି: ତିନିରଥର ଘର୍ଘର ନାଦ ଓ ଭକ୍ତଙ୍କ କୋଳାହଳରେ ବଡ଼ଦାଣ୍ଡ ପ୍ରକମ୍ପିତ

## ଗିଲ୍‌ଙ୍କ ବିରଳ ଅଧିନାୟକ ଇନିଂସ

### ଗୋଟିଏ ଟେଷ୍ଟରେ ଦ୍ୱିଶତକ ଓ ଶତକ



■ **ବର୍ମିହାମ, ୫।୭ (ଏଜେନ୍ସି):** ଭାରତୀୟ କ୍ରିକେଟ ଦଳର ଅଧିନାୟକ ଶୁବମାନ ଗିଲ୍ ଚଳିତ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ଶତକ (୧୬୧ ରନ୍) ହାସଲ କରିଛନ୍ତି। ପୂର୍ବରୁ ପ୍ରଥମ ଇନିଂସରେ ସେ ୨୬୯ ରନ୍‌ର ମାରାଥନ ଇନିଂସ ଖେଳିଥିଲେ। ଏହା ଫଳରେ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଦ୍ୱିଶତକ ଓ ଶତକ ହାସଲ କରିବାରେ ବିଶ୍ୱର ୯ମ ତଥା ଭାରତର ଦ୍ୱିତୀୟ ବ୍ୟାଟର ହୋଇଛନ୍ତି। କିନ୍ତୁ ଜଣେ ଅଧିନାୟକ ଭାବେ ସେ ବିଶ୍ୱର ଦ୍ୱିତୀୟ ଏବଂ ଭାରତର ପ୍ରଥମ ଖେଳାଳି ଭାବେ ଏହି ସଫଳତା ଅର୍ଜନ କରିଛନ୍ତି। ଭାରତ ବିପକ୍ଷରେ ଇଂଲଣ୍ଡର ଗ୍ରାହମ ଗୁଚ୍ ପ୍ରଥମ ଅଧିନାୟକ ଭାବେ ୧୯୯୦ରେ ଲର୍ଡ୍‌ସ ଟେଷ୍ଟରେ ଏହି ସଫଳତା ପାଇଥିଲେ। ସେହିପରି ତାଙ୍କ ପୂର୍ବରୁ ୧୯୭୧ରେ ▶ପୃଷ୍ଠା-୭

# ବାହୁଡ଼ିଲେ ମହାବାହୁ, ଆଜି ସୁନାବେଶ

## ସଅଳ ହେଲା ପହଣ୍ଡି, ରଥଟଣା

## ସିଂହଦ୍ୱାର ସମ୍ମୁଖରେ ତିନି ରଥ

■ **ପୁରୀ, ୫।୭ (ସମିସ):** ଶେଷ ହୋଇଛି ନବଦିନାତ୍ମକ ଯାତ୍ରା। ଚଳିତବର୍ଷ ପାଇଁ ଆଡ଼ପ ମଣ୍ଡପରେ ସରିଛି ମହାପ୍ରଭୁଙ୍କ ଲୀଳାଖେଳା। ଭାଇ, ଭଉଣୀଙ୍କୁ ସାଥୀରେ ଧରି ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ବାହୁଡ଼ି ଯାଇଛନ୍ତି ବାହୁଡ଼ାବ୍ରହ୍ମ। ରାତି ସୁଦ୍ଧା ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଯାଇଛି ତିନିରଥ। ରବିବାର ରଥ ଉପରେ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେବେ ବିଶ୍ୱନିୟନ୍ତା। ବାହୁଡ଼ା ଯାତ୍ରାର ପାଗ ବେଶ୍ ଅନୁକୂଳ ଥିଲା। ଝିପିଝିପି ବର୍ଷା ସତ୍ତ୍ୱେ ସକାଳୁ ସକାଳୁ ବଡ଼ଦାଣ୍ଡରେ ଜମିଥିଲା ଭକ୍ତଙ୍କ ଭିଡ଼। ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ପ୍ରସ୍ତୁତ ରହିଥିଲେ ତିନିରଥ। ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ଲକ୍ଷଲକ୍ଷ ଭକ୍ତଙ୍କ ଗହଣରେ ବଡ଼ଦାଣ୍ଡରେ ଘର୍ ଘର୍ ନାଦରେ ଗଡ଼ିଥିଲା ତିନିରଥ। ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ଫେରିବାବେଳେ ବାଟରେ ମାଉସୀ ମା'ର ସ୍ନେହଭରା ପୋଡ଼ପିଠା ଖାଇଛନ୍ତି ମହାପ୍ରଭୁ। ତେବେ ବାହୁଡ଼ା ଯାତ୍ରାର ନୀତିକାନ୍ତି ବେଶ ସଅଳ ରହିଥିଲା। ଧାର୍ଯ୍ୟ ସମୟର ୨ ଘଣ୍ଟା ୫ ମିନିଟ୍ ପୂର୍ବରୁ ଆରମ୍ଭ ହୋଇଥିଲା ପହଣ୍ଡି। ଅଝଟ ନ ହୋଇ ବେଗି ବେଗି ରଥାରୂଢ଼ ହୋଇଥିଲେ ଚତୁର୍ଦ୍ଧାବିଗ୍ରହ। ସେହିପରି ନିର୍ଘଣ୍ଟ ସମୟର ୧ଘଣ୍ଟା ୧୦ ମିନିଟ୍ ପୂର୍ବରୁ ରଥଟଣା ଆରମ୍ଭ ହୋଇଥିବା ବେଳେ ରାତି ସୁଦ୍ଧା ସିଂହଦ୍ୱାରରେ ପହଞ୍ଚି ଯାଇଛନ୍ତି ତିନିରଥ। ବାହୁଡ଼ା ଯାତ୍ରାରେ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସମାଗମ ହୋଇଥିବା ପ୍ରଶାସନ ପ୍ରାକ୍ ଆକଳନ କରିଛି।

ଆଷାଢ଼ ମାସ ଶୁକ୍ଳ ଦଶମୀ। ଏହି ପବିତ୍ର ତିଥିରେ ଅନୁଷ୍ଠିତ ହୋଇଛି ବାହୁଡ଼ା ଯାତ୍ରା। ମହାପ୍ରଭୁଙ୍କୁ ରତ୍ନସିଂହାସନକୁ ▶ପୃଷ୍ଠା-୭

## ଅଝଟ ହେଲେ ହଳଦୀମୁଖୀ, ମାନ କଲେ ମାନଗୋବିନ୍ଦ

■ **ପୁରୀ, ୫।୭ (ସମିସ):** ସରିଛି ଜନ୍ମବେଦୀରେ ଲୀଳାଖେଳା। ନବଦିନାତ୍ମକ ଯାତ୍ରା ଶେଷ କରି ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଜନ୍ମବେଦୀ ଅଭିମୁଖେ ବାହୁଡ଼ିଛନ୍ତି ମହାପ୍ରଭୁ। ହେଲେ ରଥଯାତ୍ରା ଭଳି ବାହୁଡ଼ାରେ ବିଶ୍ୱନିୟନ୍ତା ମାନ କଲାଭଳି ଲାଗୁଥିଲେ। ପହଣ୍ଡିରେ ଅଝଟ କରି ନ ଥିଲେ ବି ଚାରମାଳରେ ରଥାରୂଢ଼ ବେଳେ ସେବାୟତଙ୍କୁ ନାକେଦମ୍ କରିଥିଲେ। ସତେ ଯେମିତି ରଥାରୂଢ଼ ହେବାକୁ ଚାହୁଁ ନ ଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ସେବାୟତମାନେ ବି ଝାଳନାଳ ହୋଇଯାଇଥିଲେ। ବେଶ୍ ସନ୍ତର୍ପଣରେ କାଳିଆସାଆନ୍ତଙ୍କୁ ରଥ ଉପରକୁ ବିଜେ କରାଉଥିଲେ। ରଥଯାତ୍ରା କଥା ମନେ ପକାଇ ଅନେକ ସେବାୟତ କହୁଥିଲେ ମାନ କରନି ହେ ମାନଗୋବିନ୍ଦ। ସଅଳ ରଥାରୂଢ଼ ହୁଅ ପ୍ରଭୁ। କାରଣ ରଥଯାତ୍ରା ଦିନ ମାନ କରିଥିଲେ ▶ପୃଷ୍ଠା-୭

## ମହାରାଷ୍ଟ୍ରରେ ମହାମିଳନ
## ଉଦ୍ଧବ-ରାଜ୍ ଏକାଠି



### ରାଜନୀତି ପାଇଁ ୨୦ ବର୍ଷ ପରେ ବଦଳିଲା ହୃଦୟ

### ହିନ୍ଦୀ ଲଦିବାକୁ ବରଦାସ୍ତ କରିବୁନି

### ମରାଠୀ ପାଇଁ ଲଢ଼ିବା ଯଦି ଗୁଣ୍ଡାଗର୍ଦ୍ଦି; ତା'ହେଲେ ଆମେ ଗୁଣ୍ଡା

■ **ମୁମ୍ବାଇ, ୫।୭ (ଏଜେନ୍ସି):** ମହାରାଷ୍ଟ୍ରରେ ଶନିବାର ମହାମିଳନ ହୋଇଛି। ଦୀର୍ଘ ଦୁଇ ଦଶନ୍ଧିର ବିବାଦ ତୁଟି ଯାଇଛି। ପୁରୁଣା ତିକ୍ତତାକୁ ଭୁଲି ଦୁଇ ପରିବାର ଏକାଠି ହୋଇ ଯାଇଛନ୍ତି। ଦାଦା ପୁଅ ଏବଂ ମାଉସୀ ପୁଅ ଭାଇ ପୁଣି ପରସ୍ପରକୁ ଆଲିଙ୍ଗନ କରିଛନ୍ତି। ୨୦୦୫ ପରେ ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି। ନୂଆ ଇତିହାସ ଲେଖିବାକୁ ଆଗେଇ ଆସିଛନ୍ତି ଏହି ଦୁଇ ଭାଇ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ (୬୪) ଏବଂ ଏମଏନଏସ ମୁଖ୍ୟ ରାଜ୍ ଠାକରେ (୫୭)। କେବଳ ରାଜନୀତି ପାଇଁ ଏହା ସମ୍ଭବ ହୋଇପାରିଛି। ମହାରାଷ୍ଟ୍ରରେ ହିନ୍ଦୀକୁ ନେଇ ବିବାଦ ଜାରି ରହିଛି। ରାଜ୍ୟର ପ୍ରାଥମିକ ବିଦ୍ୟାଳୟରେ ହିନ୍ଦୀକୁ ତୃତୀୟ ଭାଷା କରିବାର ବିବାଦୀୟ ନୀତିକୁ ଶାସକ 'ମହାୟୁତି' ମେଣ୍ଟ ▶ପୃଷ୍ଠା-୭

### ୧୫ ଦିନରେ ତିନି ବ୍ୟାଙ୍କ ଉପରୁ କଟକଣା ଉଠାଇନେଲେ ସରକାର

# କାହା ଚାପରେ ଛେପ ଢୋକିଲେ

■ **ଭୁବନେଶ୍ୱର, ୫।୭ (ସମିସ):** ମାତ୍ର ୧୫ଦିନର କଟକଣା ପରେ ଆଇସିଆଇସିଆଇ, ଆକ୍ସିସ୍ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ ପୁଣିଥରେ ଅନୁବନ୍ଧିତ ତାଲିକାକୁ ଫେରାଇ ଆଣିଛନ୍ତି ରାଜ୍ୟ ସରକାର। ସରକାରଙ୍କ ଫ୍ଲାଗ୍‌ସିପ୍ ଯୋଜନା କାର୍ଯ୍ୟାନ୍ୱୟନରେ ଦୁର୍ବଳ ପ୍ରଦର୍ଶନ ଦର୍ଶାଇ ଉପରୋକ୍ତ ୩ଟି ଘରୋଇ ବ୍ୟାଙ୍କକୁ ସରକାର ଅନୁବନ୍ଧିତ ବ୍ୟାଙ୍କ ତାଲିକାରୁ ବାଦ୍ ଦେଇଥିଲେ। ଏନେଇ ଗତ ୨୧ ତାରିଖରେ ଅର୍ଥ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ତେବେ ଗତ ମଙ୍ଗଳବାର ଉକ୍ତ ୩ ବ୍ୟାଙ୍କର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ଲୋକସେବା ଭବନରେ ସାକ୍ଷାତ କରିଥିଲେ। ନିଜ ପ୍ରଦର୍ଶନରେ ସୁଧାର ଆଣିବାକୁ ପ୍ରତିଶ୍ରୁତି ଦେବା ପରେ ସେମାନଙ୍କ ଉପରୁ କଟକଣା ଉଠାଯାଇଥିବା ସରକାର ସଫେଇ ଦେଇଛନ୍ତି।

### ଯୋଜନା କାର୍ଯ୍ୟାନ୍ୱୟନରେ ଦୁର୍ବଳ ପ୍ରଦର୍ଶନ ଯୋଗୁଁ ଅନୁବନ୍ଧିତ ତାଲିକାରୁ ବାଦ୍ ପଡ଼ିଥିଲେ

### ଅଦୃଶ୍ୟ ଚାପରେ ପଡ଼ି ସରକାର ପଛଘୁଞ୍ଚା ଦେଇଥିବା ନେଇ ତଥ୍ୟାଭିଜ୍ଞ ମହଲର ସନ୍ଦେହ

ଶନିବାର ଅର୍ଥ ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ବିଭିନ୍ନ ବିଭାଗକୁ ଚିଠି ଲେଖି ଗତ ୨୧ ତାରିଖରେ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରାଗଲା ବୋଲି ସୂଚନା ଦେଇଛନ୍ତି। ତେବେ ଗତ ୧୫ଦିନ ମଧ୍ୟରେ ପ୍ରଥମେ କଟକଣା ଜାରି କରିବା, ପରେ ଏଥିରେ ଆଂଶିକ ପରିବର୍ତ୍ତନ ଆଣିବା ଏବଂ ଶେଷରେ ନିର୍ଦ୍ଦେଶନାମାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ପଛରେ କ'ଣ କାରଣ ରହିଛି, ସେନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି। ଯେଉଁ ଢଙ୍ଗରେ ସରକାର ଏପରି ନିଷ୍ପତ୍ତି ନେଲେ ଓ ଛେପ ଢୋକିଲେ ଏହା ପଛରେ କୌଣସି ବାହ୍ୟ ଚାପ ଥିବା ତଥ୍ୟାଭିଜ୍ଞ ମହଲ ସନ୍ଦେହ ପ୍ରକାଶ କରୁଛନ୍ତି। ▶ପୃଷ୍ଠା-୭

## ଏଥର ବର୍ଷାଭିଜା ପାର୍ବଣ

■ **ଭୁବନେଶ୍ୱର, ୫।୭ (ସମିସ):** ଆସନ୍ତା ସେପ୍ଟେମ୍ବର ଏବଂ ଅକ୍ଟୋବର ମାସରେ ରାଜ୍ୟରେ ଭଲ ବର୍ଷା ହେବାର ସମ୍ଭାବନା ରହିଛି, ଯାହା ପାର୍ବଣ ଋତୁକୁ ଫିକା କରିପାରେ। ଏପରିକି ଜୁଲାଇ ମାସରେ ସ୍ୱାଭାବିକ ବର୍ଷା ହେବାକୁ ଥିବାବେଳେ ଅଗଷ୍ଟ ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ ବୋଲି ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ରନାଥ ପଶୁପାଳକ ପୂର୍ବାନୁମାନ କରିଛନ୍ତି। ବିଭିନ୍ନ ମଡେଲର ତଥ୍ୟକୁ ଅନୁଶୀଳନ କରି ଡ. ପଶୁପାଳକ ଉପରୋକ୍ତ ତଥ୍ୟ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ଚାଷକାର୍ଯ୍ୟ ପାଇଁ ବର୍ତ୍ତମାନ ପାଗ ଅନୁକୂଳ ଥିବାବେଳେ ▶ପୃଷ୍ଠା-୭


### ସେପ୍ଟେମ୍ବର, ଅକ୍ଟୋବର ମାସରେ ଭଲ ବର୍ଷା ଆକଳନ

## ଆଜି ହୀରାକୁଦ ଛାଡ଼ିବ ବନ୍ୟାଜଳ

■ **ସମ୍ବଲପୁର, ୫।୭ (ସମିସ):** ଆସନ୍ତାକାଲି (ରବିବାର) ସକାଳ ୧୦ଟାରେ ହୀରାକୁଦ ଚଳିତବର୍ଷର ପ୍ରଥମ ବନ୍ୟାଜଳ ଛାଡ଼ିବ। ଗତ କିଛି ଦିନ ହେବ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଉପରମୁଣ୍ଡରେ ବର୍ଷା ଓ ଛତିଶଗଡ଼ର କଲମା ବ୍ୟାରେଜ୍‌ର ସମସ୍ତ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଥିବାରୁ ହୀରାକୁଦ ଫୁଲିବାରେ ଲାଗିଛି। ▶ପୃଷ୍ଠା-୭

## ସାବଧାନ! ଛେନାରୁ ବ୍ୟାପିପାରେ ଝାଡ଼ାବାନ୍ତି


■ **ଭୁବନେଶ୍ୱର, ୫।୭ (ସମିସ):** କେବଳ ରାସ୍ତାକଡ଼ ଦୋକାନର ଖାଦ୍ୟ କି ଢାବା କିମ୍ବା ହୋଟେଲର ବାସି ଖାଦ୍ୟ-ପାନୀୟରୁ ନୁହେଁ; ଛେନା, ପନୀର କି ଖୁଆରୁ ବ୍ୟାପିପାରେ ଡାଇରିଆ। ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଛେନା, ଖୁଆ, ପନୀର୍ ଆଦିର ଶୁଦ୍ଧତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଲାଣି। କାରଣ ଏହି ସବୁ ଖାଦ୍ୟ ପଦାର୍ଥ ପରିବହନ କରିବା ସମୟରେ ସ୍ୱଚ୍ଛତାକୁ ଦୃଷ୍ଟି ଦିଆଯାଉ ନାହିଁ। ଅତି ଖାମ୍‌ଖିଆଲ୍ ଢଙ୍ଗରେ ବ୍ୟବସାୟୀମାନେ ଏସବୁକୁ ବାଇକ୍‌ରେ ଝୁଲା କରି ନେଉଛନ୍ତି। ବର୍ଷା ଦିନେ ରାସ୍ତାରେ ଅଳିଆ ପାଣି ଉପର ଦେଇ ଯାନବାହନ ଯିବାବେଳେ ପାଣିର ଛିଟା ଏସବୁ ଖାଦ୍ୟ ପଦାର୍ଥ ଉପରେ ପଡୁଛି। ବ୍ୟବସାୟୀମାନେ ଏହି ଅଳିଆପାଣିରେ ବତୁରା



ଛେନା, ପନୀର ଓ ଖୁଆକୁ ନେଇ ବିଭିନ୍ନ ଛକ ବଜାରରେ ବିକ୍ରି କରୁଛନ୍ତି। ଲୋକମାନେ ବି ଏହାକୁ କିଣି ନେଉଛନ୍ତି। ଖାଦ୍ୟ ସୁରକ୍ଷା ଅଧିକାରୀମାନେ ହୋଟେଲ୍, ଢାବା, ରେସ୍ତୋରାଁ, ଫାଷ୍ଟଫୁଡ୍ ଷ୍ଟଲ୍‌ରେ ଚଢ଼ଉ କରୁଛନ୍ତି; ମାତ୍ର ଏଥିପ୍ରତି ନଜର ନାହିଁ। ଅସନା ପାଣିରେ ବତୁରିଥିବା ପନୀର, ଛେନା, ଖୁଆକୁ ଖାଇ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବାର ମଧ୍ୟ ଆଶଙ୍କା ରହିଛି। ତେଣୁ ଏସବୁ ଖାଦ୍ୟ ସାମଗ୍ରୀ କେତେ ଶୁଦ୍ଧ, ତା'ର ଯାଞ୍ଚ କରାଯିବା ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ▶ପୃଷ୍ଠା-୭

### ଅସୁରକ୍ଷିତ ଅବସ୍ଥାରେ ହେଉଛି ପରିବହନ

### ରାସ୍ତାକଡ଼ ପଚା ପାଣି ଛିଟା ଗଣ୍ଡିଲିରେ ମିଶୁଛି





# ଆଜି ସୁନାବେଶ ରତ୍ନାଳଙ୍କାରରେ ଝଲସିବେ ବିଶ୍ୱନିୟନ୍ତା

ରବିବାର ଆଷାଢ଼ ଶୁକ୍ଳ ଏକାଦଶୀ। ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ମହଣ ମହଣ ସୁନାରେ ସଜେଇ ହେବେ ରଥାରୂଢ଼ ଦାରୁବିଗ୍ରହ। ତେବେ ରଥ ଉପରେ ହେଉଥିବା ଏହି ବେଶକୁ ବଡ଼ତଡ଼ାଉ ବେଶ ମଧ୍ୟ କୁହାଯାଏ। ଗଜପତି ମହାରାଜା କପିଳେନ୍ଦ୍ରଦେବଙ୍କ ସମୟରୁ ଏହି ବେଶ ହୋଇଆସୁଥିବା ଶୁଣିବାକୁ ମିଳେ। ଏହି ଅପୂର୍ବ ବେଶ ଲାଗି ଏଥର ଶ୍ରୀମନ୍ଦିର ପରିସର ଅସ୍ଥାୟୀ ବାହାର ଭଣ୍ଡାରଘରୁ ବାହାରିବ ମହଣ ମହଣ ସୁନା ଓ ରୁପା ଅଳଙ୍କାର। ବହୁବିଧ ରତ୍ନଅଳଙ୍କାର ଲାଗି ହୋଇ ରଥ ଉପରେ ଝଲସିବେ ଦାରୁଦିଅଁ।

## ଅପରାହ୍ନ ୫ଟାରୁ ବେଶ ଆରମ୍ଭ

ରବିବାର ପୂର୍ବାହ୍ନରେ ମହାପ୍ରଭୁଙ୍କର ଅସ୍ଥାୟୀ ବାହାର ରତ୍ନଭଣ୍ଡାର (ଯାହାକି ବର୍ତ୍ତମାନ ଚାଙ୍ଗଡା ଘରେ କାର୍ଯ୍ୟକ୍ଷମ) ଖୋଲାଯିବ। ସେଥିରୁ ସୁନାବେଶ ଲାଗି ଆବଶ୍ୟକ ଅଳଙ୍କାର ବାହାର କରାଯିବ। ଭଣ୍ଡାରମେକାପ ଓ ବଣିଆଙ୍କ ଉପସ୍ଥିତିରେ ଅଳଙ୍କାରଗୁଡ଼ିକ ସଫା କରାଯିବ। ରଥ ଉପରେ ମହାପ୍ରଭୁଙ୍କ ମଇଲମ ଓ ମେକାପ ସର୍ବାଙ୍ଗ ନୀତି ବଢ଼ିବା ପରେ ସୁନାବେଶ ଆରମ୍ଭ ହେବ। ନିର୍ଘଣ୍ଟ ସମୟ ପୂର୍ବରୁ ଅର୍ଥାତ୍ ସଅଳ ନୀତିକାନ୍ତି କରାଯିବା ଲାଗି ପୂର୍ବରୁ ଦଇତାପତିଙ୍କ ସହ ପ୍ରଶାସନର ଆଲୋଚନା ବେଳେ ନିଷ୍ପତ୍ତି ନିଆଯାଇଛି।

ଅନ୍ୟପକ୍ଷରେ, ଚଳିତବର୍ଷ ସୁନାବେଶରେ ୧୦ରୁ ୧୫ଲକ୍ଷ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ସଅଳ ନୀତିକାନ୍ତି କରାଯାଇ ନିର୍ଘଣ୍ଟ ସମୟ ପୂର୍ବରୁ ଚତୁର୍ଦ୍ଧା ବିଗ୍ରହଙ୍କ ସୁନାବେଶ କରାଯିବ। ଏହାଦ୍ୱାରା ଭକ୍ତମାନେ ଅଧିକ ସମୟ ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦର୍ଶନ ସୁଯୋଗ ପାଇବେ। ସେହିପରି ସୁନାବେଶ ସମୟରେ ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ କୌଣସି ସେବାୟତ ରହିବେ ନାହିଁ। ଫଳରେ ଶ୍ରଦ୍ଧାଳୁମାନେ ସୁନ୍ଦର ଭାବେ ସୁନାବେଶ ଦର୍ଶନ କରିପାରିବେ। ରଥ ଉପରକୁ ଅଣସେବାୟତ ଚଢ଼ିବେ ନାହିଁ। ସେହିପରି କୌଣସି ସେବାୟତ ମୋବାଇଲ ଫୋନ ନେଇପାରିବେ ନାହିଁ ବୋଲି କଡାକଡି ଭାବେ ସ୍ପଷ୍ଟ କରିଦିଆଯାଇଛି।

ଅନ୍ୟପକ୍ଷରେ, ସୁନାବେଶ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ରଥଯାତ୍ରାରେ ଯେଉଁଭଳି ସୁରକ୍ଷା ଏବଂ ଟ୍ରାଫିକ କଟକଣା ଥିଲା ସେହିଭଳି କଟକଣା ମଧ୍ୟ ରହିବ ବୋଲି କହିଛନ୍ତି ଏସ୍‌ପି ପିନାକ ମିଶ୍ର।



## ବଡ଼ତଡ଼ାଉଙ୍କ ଅନୁରୋଧରେ ହେଉଛି ରଥ ଉପରେ ସୁନାବେଶ

ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କର ମାନବୀୟ ଲୀଳା ଭଳି ରାଜକୀୟ ଲୀଳା ମଧ୍ୟ ଅନୁଷ୍ଠିତ ହେଉଛି। ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହେଉଛନ୍ତି ରାଜାଧିରାଜ। ତାଙ୍କର କେତେକ ରୀତି, ନୀତି, ବେଶ ଓ ଭୋଗ ଇତ୍ୟାଦିରେ ରାଜକୀୟ ଠାଣି ପରିଲକ୍ଷିତ ହୋଇଥାଏ। ରାଜାଧିରାଜ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁନାବେଶ ବା ରାଜବେଶ ବର୍ଷକୁ ପାଞ୍ଚଥର ଅନୁଷ୍ଠିତ ହୁଏ। ଆଶ୍ୱିନ ଶୁକ୍ଳ ଦଶମୀ (ଦଶହରା), କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମା ଏହି ଚାରିଥର ଶ୍ରୀମନ୍ଦିର ରତ୍ନସିଂହାସନରେ ଏବଂ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ସିଂହଦ୍ୱାର ସମ୍ମୁଖରେ ଥିବା ରଥ ଉପରେ ସୁନାବେଶ କରାଯାଇଥାଏ।



ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ମହାପ୍ରଭୁଙ୍କର ଏହି ଲାବଣ୍ୟମୟ ସୁବର୍ଣ୍ଣ ବେଶ କେବେଠାରୁ ଆରମ୍ଭ ହେଲା, ତାହା ଠିକ୍ ଭାବେ କହିବା କଷ୍ଟକର। ଏ ସମ୍ପର୍କରେ ସ୍କନ୍ଦ ପୁରାଣ କିମ୍ବା ନୀଳାଦ୍ରି ମହୋଦୟ ଭଳି ଗ୍ରନ୍ଥମାନଙ୍କରେ କିଛି ଉଲ୍ଲେଖ ନାହିଁ। ତେବେ ମହାପ୍ରଭୁଙ୍କର ଏହି ଦିବ୍ୟ ବେଶକୁ ସର୍ବଧର୍ମ, ସର୍ବମତବାଦର ଜନସାଧାରଣ ଓ ଭକ୍ତଗଣ ଆନନ୍ଦରେ ଦର୍ଶନ କରିଥା'ନ୍ତି। ଏହି ଦିନ ଶ୍ରୀକ୍ଷେତ୍ରରେ ପ୍ରବଳ ଗହଳି ଲାଗିଥାଏ। ରଥ ଉପରେ ହେଉଥିବା ସୁନାବେଶର ନାମ ହେଉଛି ବଡ଼ତଡ଼ାଉ ବେଶ। ବଡ଼ତଡ଼ାଉ ବେଶ ସମ୍ପର୍କରେ ଜଣାଯାଏ, ୧୪୬୦ ଖ୍ରୀଷ୍ଟାବ୍ଦରେ ରାଜା କପିଳେନ୍ଦ୍ରଦେବ ଦେବୀ ଜୟଦୁର୍ଗାଙ୍କ କୃପାରୁ ଦକ୍ଷିଣ ଭାରତ ବିଜୟ କରି ୧୬ଟି ହସ୍ତୀ ପୃଷ୍ଠରେ ବିପୁଳ ଧନରତ୍ନ ଲଦି ନିଜ ରାଜ୍ୟକୁ ଆଣି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଅର୍ପଣ କରିଥିଲେ।

ଗଜପତି ମହାରାଜାଙ୍କର ମହାପ୍ରଭୁଙ୍କ ପ୍ରତି ଭକ୍ତି ଓ ଆଗ୍ରହ ଲକ୍ଷ୍ୟ କରି ବଡ଼ତଡ଼ାଉ ସେବକ (ଅଳଙ୍କାରଗୁଡ଼ିକୁ ଭଣ୍ଡାରରୁ ଆଣି ବେଶ ଶେଷ ହେବା ପରେ ପୁଣି ଭଣ୍ଡାର ମଧ୍ୟରେ ଯେ ଗଣି କରି ରଖନ୍ତି) ଶ୍ରୀଛାମୁରେ ଜଣାଇଥିଲେ ଯେ ଶ୍ରୀମନ୍ଦିରର ରତ୍ନସିଂହାସନ ଉପରେ ବର୍ଷ ମଧ୍ୟରେ ହେଉଥିବା ସକଳ ବେଶକୁ ସମସ୍ତ ବର୍ଗର ଲୋକେ ଦର୍ଶନ କରିପାରୁନାହାନ୍ତି । ତେଣୁ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ବାହୁଡ଼ା ଦିନ ରଥତ୍ରୟ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତା' ପରଦିନ ରଥ ଉପରେ ଠାକୁରମାନଙ୍କ ସର୍ବସମ୍ମୁଖରେ ସୁନାବେଶରେ ସୁସଜ୍ଜିତ କରାଗଲେ ସମସ୍ତେ ଉପକୃତ ହୋଇପାରନ୍ତେ। ବଡ଼ତଡ଼ାଉ ସେବକଙ୍କ ଅନୁରୋଧକ୍ରମେ ସେହି ଦିନଠାରୁ ରାଜା କପିଳେନ୍ଦ୍ରଦେବ ୧୩୮ ପ୍ରକାର ରତ୍ନଖଚିତ ସ୍ୱର୍ଣ୍ଣ ଅଳଙ୍କାର ନିର୍ମାଣ କରି ପ୍ରଥମେ ଠାକୁରମାନଙ୍କୁ ରଥ ଉପରେ ବଡ଼ ଏକାଦଶୀଦିନ ଚିତ୍ତାକର୍ଷକ ସୁନାବେଶ କରାଇଥିଲେ। ତେଣୁ ଏହି ସୁନାବେଶ ବଡ଼ତଡ଼ାଉ ବେଶ ନାମରେ ପ୍ରସିଦ୍ଧ ଲାଭ କରିଛି। ମହାପ୍ରଭୁଙ୍କର ମଧ୍ୟାହ୍ନ ଧୂପ ନୀତି ସରିବା ପରେ ଦୁର୍ଲଭ ସୁନାବେଶ ଆରମ୍ଭ ହୋଇଥାଏ। ଏହି ବେଶରେ ମେକାପ, ପୁଷ୍ପାଳକ ଓ ଖୁଣ୍ଟିଆ ସେବକ ପ୍ରମୁଖ ସାହାଯ୍ୟ କରିଥାନ୍ତି। ରଥ ଉପରେ ଏମାନଙ୍କ ସହ ଦଇତାପତି ସେବକମାନେ ମଧ୍ୟ ଅଂଶଗ୍ରହଣ କରିଥା'ନ୍ତି। ଏହିଦିନ ଦ୍ୱିପ୍ରହର ଧୂପ (ଖଇ, କୋରା, ଧୁଆମୁଗ, ଆମ୍ବ, ପଣସ, ନଡ଼ିଆ ଇତ୍ୟାଦି ଶୁଖିଲି ଭୋଗ) ପରେ ଠାକୁରମାନେ ମଇଲମ ହୁଅନ୍ତି। ଏହାପରେ ଖଣ୍ଡେଖଣ୍ଡେ ଶାଢ଼ି ଓ ଖଣ୍ଡୁଆ ଲାଗି ହୁଅନ୍ତି। ପରେ ଫୁଟାଲାଗି (ଟାଇଟ ବସ୍ତ୍ର ପରିଧାନ କରନ୍ତି) ହୁଅନ୍ତି। ଅଧର ବଳା ଓ ଦୁଇ ଭୁଜରେ ବଳା ଲାଗି ହେବା ପରେ ଅଳଙ୍କାରମାନ ଲାଗି ହୋଇଥାନ୍ତି।

## ସୁନାବେଶ ନୀତି ନିର୍ଘଣ୍ଟ



| | |
|---|---|
| ମଙ୍ଗଳ ଆଳତି | ସକାଳ ୬ରୁ ୬ଟା ୩୦ |
| ମଇଲମ ତଡ଼ପଲାଗି | ସକାଳ ୭ଟା |
| ଅବକାଶ | ୮ଟା |
| ବେଶ ଶେଷ | ୯ଟା |
| ଗୋପାଳବଲ୍ଲଭ | ପୂର୍ବାହ୍ନ ୧୦ରୁ ୧୦ଟା ୩୦ |
| ସକାଳଧୂପ | ୧୧ଟାରୁ ମଧ୍ୟାହ୍ନ ୧୨ଟା |
| ମଇଲମ | ୧୨ଟା ୩୦ |
| ମହାସ୍ନାନ ଓ ସର୍ବାଙ୍ଗ | ଅପରାହ୍ନ ୧ଟା |
| ବେଶ ଶେଷ | ୧ଟା ୩୦ |
| ମଧ୍ୟାହ୍ନ ଧୂପ | ଅପରାହ୍ନ ୨ରୁ ୩ଟା |
| ମଇଲମ | ୩ଟା ୩୦ |
| ଖଣ୍ଡୁଆ ଲାଗି ସନ୍ଧ୍ୟା ଆଳତି | ୪ଟା |
| ଏକାଦଶୀ ସର୍ବାଙ୍ଗ | ୪ଟା ୩୦ |
| ସୁନାବେଶ | ୫ଟାରୁ ୬ଟା ୩୦ |
| ସନ୍ଧ୍ୟାଧୂପ | ରାତି ୮ରୁ ୯ଟା |
| ସୁନାବେଶ ମଇଲମ | ରାତି ୧୦ରୁ ୧୧ଟା |
| ଚନ୍ଦନଲାଗି | ୧୧ଟା |
| ବଡ଼ସିଂହାର ବେଶ | ୧୨ଟା |
| ବଡ଼ସିଂହାର ଭୋଗ | ୧୨ଟା ୩୦ |
| ମଇଲମ | ୧୨ଟା ୪୫ |
| ଶୟନଠାକୁର ବିଜେ | ରାତି ୧ଟା |
| ରାତ୍ର ପହୁଡ | ଭୋର୍ ୪ଟା |






## ମାଉସୀ ମା'ର ପୋଡ଼ପିଠା ଖାଇଲେ ମହାପ୍ରଭୁ



ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭୋଜନପ୍ରିୟ। ସେଥିପାଇଁ ତାଙ୍କ ନିକଟରେ ଷାଠିଏ ପଉଟି ଭୋଗ ଏବଂ ଛପନପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ତଥାପି ପୋଡ଼ପିଠା ପ୍ରତି ଦାରୁବିଗ୍ରହଙ୍କର ଥାଏ ବିଶେଷ ଅଭିରୁଚି। ପ୍ରତିଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପାଖରେ ପିଠା ଭୋଗ ଲାଗି କରାଯାଏ। ଶନିବାର ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିବା ବେଳେ ବାଟରେ ଅଟକି ମାଉସୀ ମା'ର ପୋଡ଼ପିଠା ଖାଇଛନ୍ତି ଦାରୁଦିଅଁ। ପ୍ରଥମେ ତାଳଧ୍ୱଜ ରଥ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ବଡ଼ଠାକୁରଙ୍କୁ ପୋଡ଼ପିଠା ସର୍ପମଣୋହି କରାଯାଇଥିଲା। ପରେ ଦେବୀ ସୁଭଦ୍ରା ଏବଂ ଶେଷରେ କାଳିଆ ଠାକୁରଙ୍କ ରଥରୁ ଏକ ଲାଗିମାଳ ଅଣାଯାଇ ଅର୍ଦ୍ଧଶୋଷିନୀଙ୍କୁ ଲାଗି କରାଯାଇଥିଲା। ପରେ ମାଉସୀ ମା' ଘର ପୋଡ଼ପିଠା ଖାଇ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଥିଲେ ଭାବବିନୋଦିଆ। ବଡ଼ଠାକୁର ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ପୋଡ଼ପିଠା ସମର୍ପଣ ପରେ ସନ୍ଧ୍ୟାରେ ମାଉସୀ ମା' ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା ନନ୍ଦିଘୋଷ ରଥ। ପୂଜାପଣ୍ଡା ସାମନ୍ତ ଭୋଗ କରିବା ପରେ ପୂଜକ ବିଶ୍ୱନାଥ ମିଶ୍ର ପୋଡ଼ପିଠା ସମର୍ପି ଦେଇଥିଲେ।







ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ାବିଜେ: ଲୋକାରଣ୍ୟ ପୁରୀ ବଡ଼ଦାଣ୍ଡ (ଫଟୋ-ଅନିଲ)

# ଅଣ୍ଟୁନି 'ହରିଶ୍ଚନ୍ଦ୍ର' ଟଙ୍କା

## ଶବ ସତ୍କାର ପାଇଁ ହୀନସ୍ତା ହେଉଛନ୍ତି ଆତ୍ମୀୟ

ଭୁବନେଶ୍ୱର, ୫ ।୭ (ସମିସ): ଶବ ସତ୍କାର ପାଇଁ ୨୦୧୩ରୁ ରାଜ୍ୟ ସରକାର ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ଯୋଗାଇ ଦେଉଛନ୍ତି। ଗ୍ରାମାଞ୍ଚଳରେ ଏଥିପାଇଁ ୩ ହଜାର ଟଙ୍କା ମିଳୁଥିବାବେଳେ ସହରାଞ୍ଚଳରେ ୪ ହଜାର ଟଙ୍କା ମିଳୁଛି। ହେଲେ ଏତିକି ଟଙ୍କାରେ ବର୍ତ୍ତମାନ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଶବ ପୋଡ଼ିବା ସମ୍ଭବ ହେଉନି। ଜଙ୍ଗଲ କାଟିବାରେ ବିଭିନ୍ନ ପ୍ରକାର ଅଙ୍କୁଶ ଲାଗିବା ଯୋଗୁଁ କାଠ ଦାମ୍ ଦିନକୁ ଦିନ ବଢ଼ି ଚାଲିଛି।

### ବର୍ଷକ ଭିତରେ ୫୩ କୋଟି ଖର୍ଚ୍ଚ କରିଛନ୍ତି ସରକାର

ଏଥିସହ ଘିଅ, ବ୍ରାହ୍ମଣ ଖର୍ଚ୍ଚ ଓ ମାଲଭାଇଙ୍କ ଖର୍ଚ୍ଚ ମିଶାଇଲେ ଏହି ଟଙ୍କା ଆଦୌ ଅଣ୍ଟୁନି। ହିନ୍ଦୁ ଧର୍ମାବିଲମ୍ବୀ ଲୋକମାନେ ଯେନତେନ ପ୍ରକାରେ ଦାହ, ସଂସ୍କାର କରି ଦେଉଛନ୍ତି। ମାତ୍ର ମୁସଲ୍‌ମାନ ଓ ଖ୍ରୀଷ୍ଟିଆନ୍‌ମାନଙ୍କୁ ଏତିକି ଟଙ୍କା କାଣିଚାଏ ବି ଅଣ୍ଟୁନଥିବା ଜଣାପଡ଼ିଛି। ମୁସଲ୍‌ମାନ ଓ ଖ୍ରୀଷ୍ଟୀଆନ୍ ଲୋକମାନଙ୍କ ପାଇଁ ୬ଫୁଟ୍‌ରେ ୪ ଫୁଟ୍‌ର ଗାତ ଖୋଳିବାକୁ ପଡୁଛି। ଏହି ଗାତ ଖୋଳିବାରେ ହିଁ ସରକାର ଦେଉଥିବା ସହାୟତା ଶେଷ ହୋଇଯାଉଛି। ବାକି ପ୍ଲାଏ, ଚାଦର ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଟଙ୍କା ଅଣ୍ଟୁନି। ତେଣୁ ଏହି ସହାୟତା ରାଶି ବଢ଼ାଇବା ପାଇଁ ଦାବି ହେଉଛି।

୨୦୨୩ରେ ଶେଷଥର ପାଇଁ ସରକାର ଏହି ଯୋଜନାର ସହାୟତା ରାଶି ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ୧ହଜାର ଟଙ୍କା ବଢ଼ାଇଥିଲେ। ହେଲେ ଗତ ଦୁଇ ବର୍ଷ ଭିତରେ ବଜାର ଦାମ୍ ହୁ ହୁ ବଢ଼ିବା ଲାଗିଛି। ବିଶେଷକରି କାଠ, ଘିଅ, ପ୍ଲାଏ, ଓ ଅନ୍ୟାନ୍ୟ ସାମଗ୍ରୀର ଦର ବଢ଼ିଛି। ତେଣୁ ସରକାର ଯେତିକି ଟଙ୍କା ବଢ଼ାଇଛନ୍ତି ଏହା ସମୁଦ୍ରକୁ ଶଙ୍ଖେ। ଗରିବ ଲୋକଟିଏ ସମ୍ମାନର ସହ ଶବ ସତ୍କାର କରିବା ପାଇଁ ସରକାର ଏକ ମହତ୍ ଉଦ୍ଦେଶ୍ୟ



ରଖି ଏହି ଯୋଜନା ଆରମ୍ଭ କରିଥିଲେ। କିନ୍ତୁ ବାସ୍ତବରେ ଏହି ଉଦ୍ଦେଶ୍ୟ ସାଧିତ ହୋଇପାରୁନି। ତେଣୁ ସରକାର ଏହାକୁ ଗମ୍ଭୀରତାର ସହ ନେଇ ବିଚାର କରିବାକୁ ସଚେତନ ନାଗରିକ ମହଲରେ ଦାବି ହେଉଛି। ଅନ୍ୟପକ୍ଷରେ ହରିଶ୍ଚନ୍ଦ୍ର ଯୋଜନାରେ ହିନ୍ଦୁ ଧର୍ମାବଲମ୍ବୀ ଲୋକଙ୍କ ପାଇଁ ବିଶେଷ ସୁବିଧା କରାଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ଶବ ସତ୍କାର କଲେ ହରିଶ୍ଚନ୍ଦ୍ର ଯୋଜନାରେ ବିଶେଷ ସୁବିଧା କରାଯାଇଛି। ଯେପରି ପୁରୀ ସ୍ୱର୍ଗଦ୍ୱାରରେ ଶବ ସତ୍କାର କଲେ ଶବ ପହଞ୍ଚିବା ପରେ ଯଦି ହରିଶ୍ଚନ୍ଦ୍ର ସହାୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହେଉଛନ୍ତି ତେବେ ଫର୍ମ ପୂରଣ କରିକି ଦେଇଦେଲେ ସବୁ ସହାୟତା ମାଗଣାରେ ମିଳିଯାଉଛି। ହେଲେ ମୁସଲିମ୍ କି ଖ୍ରୀଷ୍ଟୀୟାନ ଧର୍ମାବଲମ୍ବୀ ଯଦି କେହି ମୃତ୍ୟୁବରଣ କରୁଛନ୍ତି, ତେବେ ତାଙ୍କୁ ପ୍ରଥମେ ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ସବୁ କାର୍ଯ୍ୟ କରିବାକୁ ପଡୁଛି। ଏହାପରେ ତାଙ୍କୁ ଫର୍ମ ପୂରଣ କରିକି ଦେଲେ କିଛି ଦିନ ପରେ ସହାୟତା ମିଳୁଛି।

ସେହିପରି ଅଚିହ୍ନା ଶବ ବିଶେକରି ଦୁର୍ଘଟଣା ଆଦିରେ ମିଳୁଥିବା ଶବର ସତ୍କାର ପାଇଁ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେଉଛନ୍ତି। ଗତବର୍ଷ ହରିଶ୍ଚନ୍ଦ୍ର ଯୋଜନାରେ ଶବ ସତ୍କାର ପାଇଁ ୧ଲକ୍ଷ ୬୯ହଜାର ପରିବାରକୁ ୫୩ କୋଟି ଟଙ୍କାରୁ ଅର୍ଥ ଅର୍ଥ ଯୋଗାଇ ଦିଆଯାଇଛି। ଅତୀତରେ ରାଜ୍ୟର କେତେକ ସ୍ଥାନରେ ହରିଶ୍ଚନ୍ଦ୍ର ଯୋଜନାରେ ହେରଫେର ନେଇ ଅଭିଯୋଗ ଆସିଥିବା ବେଳେ ଏତେ ସଂଖ୍ୟାରେ ଲୋକଙ୍କ ନିକଟରେ ନିଜର ପ୍ରିୟଜନଙ୍କ ଶବ ସତ୍କାରପାଇଁ ଅର୍ଥ ନଥିବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ତେବେ ରାଜ୍ୟର ୮୦ ପ୍ରତିଶତରୁ ଅଧିକ ଲୋକଙ୍କର ରାସନକାର୍ଡ ଥିବାରୁ ସେମାନେ ମାଗଣା ଚାଉଳ ପାଇବା ସହିତ ଏହି କାର୍ଡ ସହାୟତାରେ ପ୍ରିୟଜନଙ୍କ ଶବକୁ ହରିଚନ୍ଦ୍ର ଯୋଜନାରେ ସାମିଲ କରି ସରକାରୀ ସହାୟତା ପାଇବାରେ ସଫଳ ହେଉଛନ୍ତି। ତେଣୁ ହରିଶ୍ଚନ୍ଦ୍ର ସହାୟତା ବଢ଼ାଇବା ପାଇଁ ବିଭିନ୍ନ ଧର୍ମାବଲମ୍ବୀ ଲୋକମାନେ ଦାବି କରିଛନ୍ତି।

# ମାଲିରେ ହିଞ୍ଜିଳି ଯୁବକଙ୍କୁ ଅପହରଣ



ବ୍ରହ୍ମପୁର, ୫।୭ (ସମିସ): ପଶ୍ଚିମ ଆଫ୍ରିକା ମହାଦେଶର ମାଲି ଦେଶରେ ଆତଙ୍କବାଦୀମାନେ ଅପହରଣ କରିନେଇଥିବା ୩ ଭାରତୀୟଙ୍କ ମଧ୍ୟରେ ଓଡ଼ିଶାରୁ ଜଣେ ରହିଛନ୍ତି। ସେ ହେଲେ, ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ସମରଝୋଳ ଗ୍ରାମର ପି. ଭେଙ୍କଟରମଣ (୨୮)। ଏହି ଖବର

### ଥାନାରେ ଏତଲା ଦେଲେ ମା'

ପ୍ରଘଟ ହେବା ପରେ ଭେଙ୍କଟରମଣଙ୍କ ପରିବାରର ଚିନ୍ତା ବଢ଼ି ଯାଇଛି। ପୁଅକୁ ଫେରାଇ ଆଣିବା ପାଇଁ ଶନିବାର ରାତିରେ ମା' ପି. ନାର୍ସାମା ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରିବା ସହ ଭାରତ ସରକାରଙ୍କୁ ନିବେଦନ କରିଛନ୍ତି। ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ସେଠୀ କହିଛନ୍ତି।

ସୂଚନାନୁଯାୟୀ, ଗତ ନଭେମ୍ବରରେ ଭେଙ୍କଟରମଣ ମାଲିର ଏକ ଘରୋଇ ସିମେଣ୍ଟ କମ୍ପାନୀରେ ନିଯୁକ୍ତି ପାଇଥିଲେ। ଗତ ୩୦ ତାରିଖରେ ତାଙ୍କୁ ସେଠାକାର ପୁଲିସ୍ ଗିରଫ କରିଥିବା ନେଇ ସଂପୃକ୍ତ କମ୍ପାନୀ ପକ୍ଷରୁ ପରିବାର ସଦସ୍ୟଙ୍କୁ ଫୋନ୍ ଯୋଗେ ଜଣାଯାଇଥିଲା। କିନ୍ତୁ ଏହାକୁ ତାଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରିନଥିଲେ। ତେବେ ପରବର୍ତ୍ତୀ ସମୟରେ ଆତଙ୍କବାଦୀମାନେ ସଂପୃକ୍ତ ସିମେଣ୍ଟ କାରଖାନା ଉପରେ ଆକ୍ରମଣ କରି ୩ ଭାରତୀୟଙ୍କୁ ଅପହରଣ କରିନେଇଥିବା ଗଣମାଧ୍ୟମରୁ ଜାଣିବାକୁ ପାଇଥିଲେ। ଅପହୃତଙ୍କ ମଧ୍ୟରେ ତାଙ୍କ ପୁଅ ଥିବା ଜାଣିବା ପରେ ପରିବାରଲୋକେ ହିଞ୍ଜିଳି ଥାନାରେ ଅଭିଯୋଗ କରିବା ସହ ପୁଅକୁ ଫେରାଇ ଆଣିବାକୁ ଭାରତ ସରକାରଙ୍କୁ ନିବେଦନ କରିଛନ୍ତି।

■ ଚିନ୍ତା ପ୍ରକଟ କଲେ ନବୀନ

# ବ୍ୟକ୍ତିଗତ ହସ୍ତକ୍ଷେପ କରନ୍ତୁ ବୈଦେଶିକ ମନ୍ତ୍ରୀ

ଭୁବନେଶ୍ୱର, ୫।୭ (ସମିସ): ମାଲିରେ ଉଗ୍ରବାଦୀମାନେ ହିଞ୍ଜିଳିକାଟୁ ବ୍ଲକ୍‌ର ପି. ଭେଙ୍କଟରମଣଙ୍କୁ ଅପହରଣ କରିନେବା ଘଟଣାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିନ୍ତା ପ୍ରକଟ କରିଛନ୍ତି। ଏକ ଟୁଇଟ୍‌ରେ ନବୀନ କହିଛନ୍ତି, ଭେଙ୍କଟରମଣଙ୍କ ସହ ତାଙ୍କ ପରିବାରଲୋକ ଯୋଗାଯୋଗ କରିପାରୁନାହାନ୍ତି। ସେମାନେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏଣୁ କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏହି ମାମଲାରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବା ସହ ତାଙ୍କର ଶୀଘ୍ର ଏବଂ ନିରାପଦ ମୁକ୍ତି ନିଶ୍ଚିତ କରାନ୍ତୁ ବୋଲି ନବୀନ ଅନୁରୋଧ କରିଛନ୍ତି।

# ତଡୁଥିଲା ପୁଲିସ୍; ଅଟକାଇଲେ ସେବାୟତ



ପୁରୀ, ୫।୭ (ସମିସ): ରଥଯାତ୍ରା ବିଭ୍ରାଟ ପ୍ରଶାସନକୁ ଘାରିଛି। କର୍ଡନ ଭିତରେ ହଜାର ହଜାର ପାସ୍‌ଧାରୀ ରହିବାରୁ ରଥଟଣାରେ ବିଶୃଙ୍ଖଳା ହେଲା। ତେଣୁ ବାହୁଡ଼ାରେ ଯେପରି ଏହି ବିଭ୍ରାଟର ପୁନରାବୃତ୍ତି ନ ହୁଏ, ସେଥିପାଇଁ ପ୍ରଶାସନ କର୍ଡନ ଭିତରେ ପାସ୍‌ଧାରୀଙ୍କୁ କାଣ୍ଟଛାଣ୍ଟ କରିବାକୁ ଚିନ୍ତା କରିଥିଲା। ଏଥିପାଇଁ ଶନିବାର କର୍ଡନ୍ ଭିତରୁ ନୃତ୍ୟଶିଳ୍ପୀଙ୍କୁ ବାରଣ କରାଯାଉଥିଲା। ବହୁ ଶିଳ୍ପୀ କର୍ଡନ ପାସ୍ ପାଇଥିଲେ ବି ତାଙ୍କୁ ନାଚିବାକୁ ମନା କରାଯାଇଥିଲା। ଏହାକୁ ନେଇ ନୃତ୍ୟଶିଳ୍ପୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନେକ ମନ ଦୁଃଖରେ ଫେରିଯାଉଥିବା ବେଳେ ଏହା ବରିଷ୍ଠ ସେବାୟତ ତଥା ମହାପ୍ରଭୁ ଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ରଙ୍କ ନଜରରେ ପଡ଼ିଥିଲା। ନୃତ୍ୟଶିଳ୍ପୀଙ୍କୁ ବାହାର କରୁଥିବା ମହିଳା ପୁଲିସକୁ ଏପରି ନ କରିବାକୁ କହିଥିଲେ। ଏହା ସତ୍ତ୍ୱେ ସମ୍ପୃକ୍ତ ପୁଲିସ ଅଧିକାରିଣୀ ନୃତ୍ୟଶିଳ୍ପୀଙ୍କୁ ବାହାର କରୁଥିବା ଦେଖି ଉତ୍‌କ୍ଷିପ୍ତ ହୋଇଥିଲେ ଜଗୁନି। ମହିଳା ପୁଲିସକୁ କଡ଼ା ଭାଷାରେ ଆଇପିଏସ୍ ବୋଲି କ'ଣ ଭାବୁଛ, ମୋତେ ଚିହ୍ନିଛ

### ପହଣ୍ଡିରେ ନୃତ୍ୟ କଲେ ଶିଳ୍ପୀ

ବୋଲି କହିବା ସହ ସେମାନେ ମହାପ୍ରଭୁଙ୍କ ପହଣ୍ଡିରେ ନାଚିବା ପାଇଁ କେତେ ଦୂରରୁ ଆସିଛନ୍ତି। ତାଙ୍କୁ ସୁଯୋଗ ଦିଆଯିବା ଦରକାର। ମହାପ୍ରଭୁ ଖୁସି ହେବେ ବୋଲି ସେ କହିଥିଲେ। ପରେ ନୃତ୍ୟଶିଳ୍ପୀମାନେ ପହଣ୍ଡିରେ ନୃତ୍ୟ ପରିବେଷଣ କରିଥିଲେ।

କାଦୁଅରେ ଦବି ଭାଙ୍ଗିଗଲା ରଥ ଚକ

# କାନ୍ଧରେ ବୁହା ହୋଇ ମନ୍ଦିର ଗଲେ ମହାପ୍ରଭୁ

କେନ୍ଦୁଝର, ୫।୭ (ସମିସ): କାଦୁଅ ରାସ୍ତାରେ ଦବିଯାଇ ଭାଙ୍ଗିଗଲା ଚକ। ଆଉ ଆଗକୁ ଗଡ଼ିପାରିଲାନି ରଥ। ତେଣୁ ମହାପ୍ରଭୁଙ୍କୁ କାନ୍ଧେଇ କାନ୍ଧେଇ ମନ୍ଦିରକୁ ବୋହିଲେ ଭକ୍ତ। କେନ୍ଦୁଝର ଜିଲ୍ଲା ଯୋଡ଼ା ଅଞ୍ଚଳରେ ଆଜି ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରାସ୍ତା ଖରାପ ଯୋଗୁଁ ମହାପ୍ରଭୁ କାଲିମାଟି ଜଗନ୍ନାଥ ମନ୍ଦିରକୁ ରଥରେ ବାହୁଡ଼ି ପାରିନାହାନ୍ତି।





ସୂଚନାନୁଯାୟୀ, ପ୍ରତିବର୍ଷ ରଥଯାତ୍ରାରେ କାଲିମାଟି ଜଗନ୍ନାଥ ମନ୍ଦିରରୁ ଚତୁର୍ଦ୍ଧା ବିଗ୍ରହ ଦବୁନା କ୍ୟାମ୍ପ ପର୍ଯ୍ୟନ୍ତ ଯାଇ ବାହୁଡ଼ାରେ ଫେରିଥା'ନ୍ତି। ଆଜି ବାହୁଡ଼ା ଅବସରରେ ଭକ୍ତମାନେ ମହାପ୍ରଭୁଙ୍କୁ ମନ୍ଦିରକୁ ବାହୁଡ଼ାଇ ଆଣୁଥିବା ବେଳେ ବିପର୍ଯ୍ୟସ୍ତ ରାସ୍ତା ଯୋଗୁଁ ବାଟରେ ରଥର ଚକ କାଦୁଅରେ ଦବିଯିବା ସହ ଭାଙ୍ଗି ଯାଇଥିଲା। ଫଳରେ ରଥ ଆଉ ଆଗକୁ ବଢ଼ି ପାରିନଥିଲା। ତେଣୁ, ଅନ୍ୟୋନପାୟ ହୋଇ ଭକ୍ତମାନେ ମହାପ୍ରଭୁଙ୍କୁ କାନ୍ଧେଇ କାନ୍ଧେଇ ମନ୍ଦିରକୁ ଆଣିଥିଲେ। ଏହି ଘଟଣାରୁ, ଖଣି ଅଞ୍ଚଳର ରାସ୍ତାଘାଟ ଅବସ୍ଥା କିପରି ତାହା ସ୍ପଷ୍ଟ ବାରି ହୋଇପଡୁଛି। ରାସ୍ତାର ରକ୍ଷଣାବେକ୍ଷଣ ପ୍ରତି କାହାର ଉତ୍ତରଦାୟିତ୍ୱ ନଥିଲା ପରି ମନେ ହେଉଛି। ରାସ୍ତାଟିର ଏଭଳି ଅବସ୍ଥା ଦେଖି ଲୋକେ ଦୁଃଖ ବ୍ୟକ୍ତ କରୁଥିବା ବେଳେ ଆଉ କେତେ ଦିନ ରାସ୍ତା ଅବସ୍ଥା ରହିବ ବୋଲି ପ୍ରଶ୍ନ ହେଉଛି।

# ଅନିଶ୍ଚିତତାରେ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର

## କେନ୍ଦ୍ରର କଠୋର ସର୍ତ୍ତ ପରେ ରାଜ୍ୟରେ ଉଦ୍‌ବେଗ

ଭୁବନେଶ୍ୱର, ୫।୭ (ସମିସ): ପୁରୀରେ ବହୁପ୍ରତୀକ୍ଷିତ ବିମାନ ବନ୍ଦର ପ୍ରତିଷ୍ଠା ନେଇ କେନ୍ଦ୍ର ପରିବେଶ ମନ୍ତ୍ରାଳୟର ପରାମର୍ଶଦାତା କମିଟି କଠୋର ସର୍ତ୍ତ ରଖିବା ପରେ ଏହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ପୁରୀକୁ ଗ୍ରୀନଫିଲ୍ଡ ବିମାନ ବନ୍ଦର ବାବେ ଗଢ଼ିତୋଳିବା ପାଇଁ ଗତ ମେ ୬ ତାରିଖରୁ କେନ୍ଦ୍ର ସରକାର ନୀତିଗତ ଅନୁମୋଦନ ଦେଇଥିଲେ ହେଁ ପରିବେଶ ମନ୍ତ୍ରାଳୟ ଏଥିରେ କେଁ ପୂରାଇଛି। ଫଳରେ ବିମାନ ବନ୍ଦରର ଭାଗ୍ୟକୁ ନେଇ ଅନିଶ୍ଚିତତା ଦେଖା ଦେଇଥିବା ବେଳେ ଉଭୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ ଦଳ। ବିଜେଡି ଉଦବେଗ ପ୍ରକାଶ କରିଥିବା ବେଳେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟ ମଞ୍ଜୁରୀ ଖୁବଶୀଘ୍ର ମିଳିଯିବ ବୋଲି ଆଶା ପ୍ରକଟ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ମାସ ୨୪ ତାରିଖରେ କେନ୍ଦ୍ର ପରିବେଶ ମନ୍ତ୍ରାଳୟର ପରାମର୍ଶଦାତା କମିଟି ବୈଠକ ହୋଇଥିଲା। ଏଥିରେ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପୁରୀ ଉପକୂଳ, ବନ୍ୟପ୍ରାଣୀ, ଜୈବବିବିଧତା ଏବଂ ପ୍ରାକୃତିକ ପରିବେଶ ଗଭୀର ଭାବେ ପ୍ରଭାବିତ ହେବ ବୋଲି କମିଟି ସଦସ୍ୟ ଉଦବେଗ ପ୍ରକାଶ କରିଥିଲେ। ଏନେଇ ସେମାନେ ରାଜ୍ୟ ସରକାରଙ୍କଠାରୁ କିଛି ନିର୍ଦ୍ଦିଷ୍ଟ ଅତିରିକ୍ତ ସୂଚନା ମାଗିଥିବା ଜଣାପଡ଼ିଛି।

ବିଜେଡିର ବରିଷ୍ଠ ବିଧାୟକ କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ ପୁରୀରେ ବିମାନବନ୍ଦର ହେବା ଅତ୍ୟନ୍ତ ଜରୁରୀ ଅଟେ। କଳାହାଣ୍ଡିରେ ଉତ୍କେଳା ଏୟାରପୋର୍ଟ ହେବା ପରେ ଗୋଟେ ଅଞ୍ଚଳର ପରିଭାଷା ବଦଳି ଗଲା। ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ହେଲେ ପୂରା ବିଶ୍ୱରୁ ଲୋକେ ପୁରୀରେ ସହଜରେ ପହଞ୍ଚିବାକୁ ଥିବାବେଳେ ଆମର ପରମ୍ପରା ବିଶ୍ୱବ୍ୟାପୀ ହେବ।

■ ଆଲୋଚନା ମାଧ୍ୟମରେ ସମାଧାନ କରନ୍ତୁ ସରକାର: ବିଜେଡି
■ ବିଜେପିର ଦୃଢ଼ୋକ୍ତି, ଡବଲ ଇଞ୍ଜିନ ସରକାରରେ କିଛି ବାଧକ ସାଜିବ ନାହିଁ

ଓଡ଼ିଶାର ମାନଚିତ୍ର ପୂରା ବିଶ୍ୱରେ ପ୍ରକାଶିତ ହେବ। ପ୍ରକଳ୍ପ କାର୍ଯ୍ୟନ୍ୱୟନରେ ଯାହା ବାଧା ଆସୁଛି ସେ ବିଷୟରେ ଆମେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ସମାଧାନର ବାଟ ବାହାର କରିବା ଉଚିତ। ଅନେକ ଅନ୍ତର୍ଜାତୀୟ ବିମାନବନ୍ଦର ସମୁଦ୍ର କୂଳରେ ହୋଇଛି ଆଉ କିଛି ସମୁଦ୍ର ଭିତରେ ହୋଇଛି। କେନ୍ଦ୍ର ଯଦି ପୁରୀରେ ବିମାନବନ୍ଦର ନ କରିବ ଏବଂ ଜଗନ୍ନାଥ ସଂସ୍କୃତିର ବିକାଶରେ ପ୍ରତିବନ୍ଧକ ହେବ ସେ ସରକାରର ପତନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ସେପଟେ ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ କେନ୍ଦ୍ରର ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ଡବଲ ଧକ୍କା ଦେଇଛି। ସବୁ କ୍ଷେତ୍ରରେ ଓଡ଼ିଶାକୁ ଲୁଟିଛନ୍ତି।

ଅନ୍ୟପକ୍ଷରେ ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ କହିଛନ୍ତି ପୁରୀରେ ସାଢେ ଚାରି କୋଟି ଓଡିଆଙ୍କ ଦେବତା ଅଛନ୍ତି। ପୁରୀରେ ଏୟାର ପୋର୍ଟ ହେବ। କେନ୍ଦ୍ର ସରକାର ପାଖରେ ନିଶ୍ଚିତ ଭାବରେ ଆମେ ଦାବି ରଖିବୁ। ବିମାନ ବନ୍ଦର ପ୍ରତିଷ୍ଠା ଦିଗରେ ଯାହା ବାଧକ ସାଜୁଛି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହ ବସି ଆଲୋଚନା କରିବେ। ଆମର ଡବଲ ଇଞ୍ଜିନ ସରକାର ଅଛି। କୌଣସି ଜିନିଷରେ ବାଧକ ସାଜିବ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ପରିବେଶ ମନ୍ତ୍ରଣାଳୟର ଜଙ୍ଗଲ ପରାମର୍ଶଦାତା କମିଟି ଓଡ଼ିଶାର ପୁରୀରେ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ମଞ୍ଜୁରୀକୁ ସ୍ଥଗିତ ରଖିଛି। ଏହା ଅଲିଭ୍ ରିଡଲେ କଇଁଛ, ଡଲଫିନ୍ ଏବଂ ପ୍ରବାସୀ ପକ୍ଷୀଙ୍କ ପାଇଁ ସମ୍ଭାବ୍ୟ କ୍ଷତି ଏବଂ ଉପକୂଳକୁ ବାତ୍ୟା ଠାରୁ ସୁରକ୍ଷା ଦେଉଥିବା ୧୩,୦୦୦ ଗଛ ନଷ୍ଟ ହେବାର ପ୍ରଭାବ ବିଷୟରେ ଏହାର ଆଞ୍ଚଳିକ କାର୍ଯ୍ୟାଳୟର ଚିନ୍ତାକୁ ଉଦ୍ଧୃତ କରିଛି।




# ବାହୁଡ଼ିଲେ ମହାବାହୁ
# ଜୟ ଜଗନ୍ନାଥ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ






ବ୍ରହ୍ମବରଦା, ୫।୭ (ସମିସ):

ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତରେ ବାହୁଡ଼ଶ ଯାତ୍ରା ପାଳିତ ହୋଇଯାଇଛି। ଏହି ଅବସରରେ ବଡ଼ି ଭୋରର ସେବାୟତମାନଙ୍କ ଦ୍ୱାରା ମଙ୍ଗଳ ଆଳତି, ସୂର୍ଯ୍ୟପ୍ରଭା, ଅବକାଶ କାର୍ଯ୍ୟ ଓ ସମସ୍ତ ନୀତିକାନ୍ତି ଅନୁଯାୟୀ ପୂଜାକାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କୁ ପହଣ୍ଡି କରି ରଥାରୂଢ଼ କରାଯାଇଥିଲା। ଅପରାହ୍ନ ୪ଟାରେ ରଥଯାତ୍ରା ପୂଜା କମିଟିର ମୁଖ୍ୟ ସୁକାନ୍ତ ବିଶ୍ୱାଳ ଛେରାପହଁରା କରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ଘଣ୍ଟଘଣ୍ଟା, ହରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସାରା ଗ୍ରାମ ପ୍ରକମ୍ପିତ ହୋଇଉଠିଥିଲା। ଦୂରଦୂରାନ୍ତରୁ ଆସିଥିବା କଳାକାର ମାନେ ରଥ ସମ୍ମୁଖରେ ଭକ୍ତିପୂତ ଓଡିଶୀ ନୃତ୍ୟ ପରିବେଷଣ ସାଙ୍ଗକୁ ଘଣ୍ଟୁଆ ଭାଇ ମାନଙ୍କ ଘଣ୍ଟ ନାଦରେ ସମଗ୍ର ଅଞ୍ଚଳ ଫାଟି ପଡୁଥିଲା। ଭକ୍ତ ମାନେ ଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ନାମକୁ ଅକୁଣ୍ଠ ଚିତ୍ତରେ ଡାକୁଥିବାର ଦେଖିବାକୁ ମିଳିଥିଲା। ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ମାନେ ଭାବବିହ୍ୱଳ ହୋଇ ଶ୍ରଦ୍ଧା ଓ ଭକ୍ତି ସହକାରେ ରଥକୁ ଟାଣି ଟାଣି ବ୍ରହ୍ମବରଦା ହାଟସ୍ଥିତ ଦୂର୍ଗା ମଣ୍ଡପ ନିକଟରୁ ବ୍ରାହ୍ମଣ ସାହି ଜଗନ୍ନାଥ ମନ୍ଦିର ପର୍ଯ୍ୟ ନେଇଥିଲେ। ଏହି ପବିତ୍ର ବାହୁଡା ଯାତ୍ରାରେ ସେବାୟତ ନିଶିକାନ୍ତ ପାଢୀ, ଓ ଅନ୍ୟ ପୂଜକ ପୂଜାକାର୍ଯ୍ୟରେ ସହଯୋଗ କରିଥିବା ବେଳେ ଗ୍ରାମର ମୁରବି ପବିତ୍ର ବିଶ୍ୱାଳ, ଧୀରେନ୍ଦ୍ର ବିଶ୍ୱାଳ, ଶୁଭେନ୍ଦୁ ବିଶ୍ୱାଳ, ଦେବବ୍ରତ ବିଶ୍ୱାଳ, ବିଷ୍ଣୁଚରଣ ଓଝା, ଚିନ୍ତାମଣି ରାଉତ ,ନିତ୍ୟାନନ୍ଦ ରାଉତ ଆଦି ସହଯୋଗ କରିଥିଲେ।

**ଶଙ୍ଖଚିଲା:** କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମ ବଳଦେବଜୀଉ ମନ୍ଦିରରେ ଆଜି ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆସ୍ଥା ଓ ବିଶ୍ୱାସର ଏହି ଦିବ୍ୟ ଯାତ୍ରାରେ ଅନେକ ଶ୍ରଦ୍ଧାଳୁ ଓ ଜଗନ୍ନାଥ ପ୍ରେମୀମାନେ ସାମିଲ ହୋଇ ରଥ ଟାଣିଥିଲେ। ମନ୍ଦିରରେ ମଙ୍ଗଳ ଆଳତି ଓ ଅବକାଶ ନୀତିକାନ୍ତି ପରେ ପହଣ୍ଡି କରାଯାଇ ଘଣ୍ଟ, ଘଣ୍ଟା, ସଂକୀର୍ତ୍ତନରେ ମହାପ୍ରଭୁଙ୍କୁ ରଥକୁ ନିଆଯାଇଥିଲା। ଆସନ୍ତାକାଲି ରଥରେ ସୁନାବେଶ, ସୋମବାର ଅଧରପଣା ଲାଗି, ମଙ୍ଗଳବାର ନୀଳାଦ୍ରିବିଜେ ହେବ ବୋଲି ଟ୍ରଷ୍ଟ ବୋର୍ଡ ତରଫରୁ ସୂଚନା ମିଳିଛି। ବଳଦେବଜୀଉ ଟ୍ରଷ୍ଟ ବୋର୍ଡର ପ୍ରଧାନ ଟ୍ରଷ୍ଟି ଅଭିଳାଷ ବୋଇତାଇ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ। ଟ୍ରଷ୍ଟ ବୋର୍ଡର ଡ. ଚିନ୍ତାମଣି ପାଢ଼ୀ, ବିଶ୍ୱଜିତ ନାୟକ, ଚନ୍ଦ୍ରମଣି ବେହେରା, ପ୍ରୀତିରଞ୍ଜନ ସାହୁ, ବିକ୍ରମ ବିଶ୍ୱାଳ, କାମଦେବ ଦାସ, ସଦାନନ୍ଦ ବେହେରା, ଅତନୁ ବିଶ୍ୱାଳ, ନିରଞ୍ଜନ ନାୟକ, ରାଜୀବ ଲୋଚନ ରାଉତ, ଭବାନୀ ଶଙ୍କର ପାଢ଼ୀ, ସନାତନ ଦାସ, ପପୁନା ସାହୁ, ସନ୍ତୋଷ ନାୟକ, ବିଦ୍ୟାଧର ସାହୁଙ୍କ ସହିତ ଶ୍ରୀଜଗନ୍ନାଥ ସେନା ଓ ଶ୍ରୀବଳଦେବଜୀଉ ସେବା ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

**କୟାଁଗୋଲା:** ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତସ୍ଥ ଚନ୍ଦନ ଶ୍ରୀକ୍ଷେତ୍ର ନାରୀଗାଁଠାରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିରିପଟା ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ସମାଜସେବୀ ବିଜୟ କୁମାର ଧଳଙ୍କ ସଭାପତିତ୍ୱ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତୁଷାର ରଞ୍ଜନ ରାଉତ, ମନୋଜ ଧଳ, ପ୍ରମୋଦ ସ୍ୱାଇଁ, ଅକ୍ଷୟ ଧଳ, ତପନ ନାଥ, ନରେନ୍ଦ୍ର ରାଉତ ସମେତ ମନ୍ଦିର କମିଟିର ସମସ୍ତ ସଭ୍ୟସଭ୍ୟାମାନେ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା। ସେହିପରି ଏହି ବ୍ଲକର ଗୁଣ୍ଡିଚାନଗର ମାଉସୀ ମା' ମନ୍ଦିରରୁ ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦାମୋଦରପୁର ସ୍ଥିତ ଜଗନ୍ନାଥ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ମହାପ୍ରଭୁ। ସମାଜସେବୀ ଜଗଦୀଶ ଶଙ୍କର ସାହୁଙ୍କ ପୌରୋହିତ୍ୱରେ ଆୟୋଜିତ ଏହି ରଥଯାତ୍ରା ଏବଂ ବାହୁଡ଼ାଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ସାନ୍ନିଧ ଲାଭ କରିଥିଲେ। ନିଜାମପୁର, ଥାଳକୁଡ଼ି ଠାରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

**ବରୀ:** ବରୀ ବ୍ଲକ ଅନ୍ତର୍ଗତ ହଳଦିବସନ୍ତ ଠାରେ ମହାପ୍ରଭୁ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ପାଳିତ ହୋଇଯାଇଛି। ସକାଳ ଆଳତି, ବାଲଭୋଗ ସହ ସାମୁହିକ ଦୀପଦାନ ସରିଲା ପରେ ରଥ ସଂସ୍କାର ଓ ଝରାପୂଜା ସହ ଦେବ ଆବାହନ କରାଯାଇଥିଲା। ଭକ୍ତମାନେ ପହଣ୍ଡି ବିଜେ କରାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥ ଉପରକୁ ଆଣିଥିଲେ। ଆଜ୍ଞାମାଳ ପ୍ରାପ୍ତି ପରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକ ରାଜବେଶ ପରିଧାନ କରି ପଟୁଆରରେ ଆସି ରଥ ଉପରେ ଆଳତି କରିବା ପରେ ଛେରାପହଁରା କରିଥିଲେ। ହଳଦିବସନ୍ତ ଜଗନ୍ନାଥ ମନ୍ଦିର କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ରହି ରଥ ଟଣାରେ ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରୀ ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡ଼ି, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି, ବରୀ ବିଜେଡ଼ି ସଭାପତି କେଦାର ଚନ୍ଦ୍ର ସାମଲ, କୁମାର ସାମଲ, ସମାଜସେବୀ ଅରବିନ୍ଦ ମହାନ୍ତି, ହିମାଂଶୁ ଦାଶ, ବୁଲୁ ଯାଦବ ପ୍ରମୂଖ ରଥ ଟାଣିଥିଲେ। ଅନୁରୂପ ଭାବେ ବରୀ ମାଉଣ୍ଟ, ବାଲିଆ, ସାହୁ ପଡା, ଜଂପଡ଼ା, କୁଷବଟ ପ୍ରଭୃତି ସ୍ଥାନରେ ବାହୁଡା ଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ପାଳିତ ହୋଇ ଯାଇଛି।

**ରଗଡି:** କୋରେଇର ବିଭିନ୍ନ ସ୍ଥାନରେ ପବିତ୍ର ବାହୁରା ଯାତ୍ରା ଅନୁଷ୍ଠିତ ହୋଇଛି। ପଛିକୋଟଗଡ଼ରେ ବାହୁଡ଼ା ଉତ୍ସବ ପାରମ୍ପରିକ ରୀତିନୀତିରେ ସମ୍ପନ୍ନ ହୋଇଛି। ପଛିକୋଟଗଡ଼ ରାଜ ପରିବାର ପକ୍ଷରୁଏ ହି ପୁରାତନ ରଥଯାତ୍ରା ପର୍ବ ଆୟୋଜିତ ହୋଇଆସୁଛି। ରଥଟଣାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଅପରାହ୍ନରେ ମାଉସୀ ମା' ଘର କାଚରାସାହିରୁ ଠାକୁର ରଥକୁ ଆସିଥିଲେ। ଭକ୍ତ ମାନେ ଆନନ୍ଦ ଉଲ୍ଲାସ ମଧ୍ୟରେ ରଥ ଟାଣିଥିଲେ। ଜିତେନ୍ଦ୍ର ତ୍ରିପାଠୀ, କାହ୍ନୁଚରଣ ପଣ୍ଡା, ବାଇଧର ପଣ୍ଡା ଓ ଅଶୋକ କୁମାର ପଣ୍ଡା ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। କୋରେଇ ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ସେହିପରି ଜହ୍ନା ଓ କନ୍ତୋର ରେ ବଳଦେବଜୀଉ ଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଛି। କୋରାବନ୍ଦି ଗ୍ରାମରେ ଅନୁଷ୍ଠିତ ବାହୁଡା ଯାତ୍ରାରେ ଶାନ୍ତନୁ କର ଛେରାପହଁରା କରିଥିବା ବେଳେ ରବୀନ୍ଦ୍ର କୁମାର କର, ଦୁର୍ଗା ପ୍ରସାଦ ନନ୍ଦ ଓ ବିଶ୍ୱଜିତ କର ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ସେହିପରି ଅସନଝର, ଖମିଗାଁ, ଉପୁଳାଇ, କଣ୍ଟାଝରିଗଡ଼, ନୂଆଗଡ, ଇଟାପୁର ପ୍ରଭୃତି ସ୍ଥାନରେ ମଧ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଛି।



**ଧର୍ମଶାଳା:** ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଥିବା ମାଉସୀ ମା' ମନ୍ଦିରରେ ୯ଦିନ ରହଣୀ ପରେ ପ୍ରଭୁ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ସାଙ୍ଗରେ ଧରି ଆଜି ସ୍ୱମନ୍ଦିର ପରିସରକୁ ଫେରିଛନ୍ତି। ଧର୍ମଶାଳା ହାଟପଡିଆସ୍ଥିତ ମାଉସୀ ମା' ମନ୍ଦିରରେ ଧର୍ମଶାଳା ମୁନ୍‌ସୀମିଳନ କମିଟି ଓ ଭାଲୁଖାଇ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ମିଳିତ ଭାବେ ଅପରାହ୍ନ ସାଢ଼େ ଚାରିଟାରୁ ରଥଟଣା ଆରମ୍ଭ ହୋଇ ଧର୍ମଶାଳା ବଜାର, ଶାନ୍ତିବଜାର, ବୁଦ୍ଧଛକ, ଜାରକା ବଜାର ଦେଇ ଭାଲୁଖାଇ ମନ୍ଦିରରେ ପହଞ୍ଚିଥିଲା। ଠାକୁରଙ୍କ ଏହି ବାହୁଡ଼ାଯାତ୍ରା ସମୟରେ ବିଭିନ୍ନ ଛକମାନଙ୍କରେ ଭଜନ ପରିବେଷଣ କରାଯାଇଥିବା ଦେଖିବାକୁ ମିଳିଥିଲା। ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇ ରଥ ଟାଣିଥିବା ବେଳେ ବିଭିନ୍ନ ସ୍ଥାନରେ ମହିଳାମାନେ ରାସ୍ତାରେ ମୁରୁଜ ପକାଇବା ସହ କଳସ ବସାଇ ଠାକୁରଙ୍କୁ ବନ୍ଦାପନା କରିଥିଲେ। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବାହୁଡ଼ାଯାତ୍ରାରେ ଯୋଗଦେଇ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିବା ସହ ରଥ ଟାଣିଥିଲେ। ମୁନ୍‌ସୀମିଳନ କମିଟି ସଭାପତି ତଥା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ, ସମ୍ପାଦକ ପ୍ରମୋଦ ଦାସ, ଗଗନ ବରାଳ, ବିଚିତ୍ର ସ୍ୱାଇଁ, ଚନ୍ଦ୍ରମଣି ପଣ୍ଡିତ, ରବିନ୍ଦ୍ର କୁମାର ମହାନ୍ତି, ଆଲୋକ ଲେଙ୍କା, ଶରତ ଓଝା, ମନୋଜ ରାଉଳ, ରବିନ୍ଦ୍ର ମହାନ୍ତି, ପ୍ରବୋଧ ପାତ୍ର, ଅମୀୟ ମହାନ୍ତି ଭାଲୁଖାଇ ଜଗନ୍ନାଥ ମନ୍ଦିର କମିଟିର କାର୍ଯ୍ୟକାରୀ ସଭାପତି ଇଂ. କଳ୍ପତରୁ ସାହୁ, ସମ୍ପାଦକ ମନୋଜ ରଣା, ଅଭୟ ରଉତ, ପ୍ରଭୁଦତ୍ତ ଜେନା, ଜ୍ଞାନେନ୍ଦ୍ର ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆସନ୍ତା କାଲି ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହେବ।

## ସୁକିନ୍ଦା ସାହିତ୍ୟ ସମାଜର 'କବି କଣ୍ଠେ ଜଗନ୍ନାଥ'

ସୁକିନ୍ଦା, ୫।୭ (ସମିସ): ଯାଜପୁର ଜିଲ୍ଲାର ପୁରାତନ ସହିତ୍ୟାନୁଷ୍ଠାନ ସୁକିନ୍ଦା ସାହିତ୍ୟ ସମାଜ ଆନୁକୂଲ୍ୟରେ ପବିତ୍ର ବାହୁଡ଼ା ଦଶମୀ ଅବସରରେ ଏକ ସାରସ୍ୱତ ଭକ୍ତି ନୈବେଦ୍ୟ କାର୍ଯ୍ୟକ୍ରମ "କବି କଣ୍ଠେ ଜଗନ୍ନାଥ' ଅନୁଷ୍ଠିତ ହୋଇଯାଇଛି। ଆଜି ସୁକିନ୍ଦାଗଡସ୍ଥିତ ଭାରତୀୟ ବିଦ୍ୟାନିକେତନ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ବିରେନ୍ଦ୍ର କୁମାର ଶତପଥୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଜଗନ୍ନାଥଙ୍କ ବିନା ଓଡ଼ିଆ ସାହିତ୍ୟ ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ସାହିତ୍ୟ ସମାଜର ସଭାପତି କୁଳମଣି ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାହାଦୁର ପାଟସାହାଣୀ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ସାହିତ୍ୟ ସମାଜର ସମ୍ପାଦକ ହିମାଂଶୁ ଶେଖର ଦ୍ୱିବେଦୀ ସଂପାଦକୀୟ ବିବରଣୀ ପାଠ କରିଥିବାବେଳେ ଅଜୟ କୁମାର ଖୁଣ୍ଟିଆ ସ୍ୱାଗତ ଭାଷଣ, ବିଜୟ କୁମାର ସାହୁ ଅତିଥି ପରିଚୟ ଓ ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଗୁରୁ ନିମେଇଁ ଚରଣ ମାଝୀଙ୍କ ସଂଯୋଜନାରେ ମନୋଜିତ ଦାସ ଓ ସାଥୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କ୍ଷଣପ୍ରଭା ଧଳଙ୍କ କବିତା ସଙ୍କଳନ 'ଭାବ ମହ୍ଲାର' ଉନ୍ମୋଚିତ ହୋଇଥିଲା। ପ୍ରଥମ ଅଧିବେଶନରେ ବିଷ୍ଣୁ ଚରଣ ସାହୁଙ୍କ ଅଧକ୍ଷତାରେ ଏବଂ ପ୍ରଭାତୀ ରାଉତ ଓ କାଞ୍ଚନବାଳା ମଲ୍ଲଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବିତା ପାଠରେ ଗୋକୁଳ ବିହାରୀ ପୃଷ୍ଟି ଓ ନିର୍ମଳ କୁମାର ରାଉତ ଅତିଥି ରୂପେ ଯୋଗଦେଇଥିଲେ।



## ଯାଜପୁର ଇନରହୁଇଲ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ

ଯାଜପୁରଟାଉନ, ୫।୭ (ସମିସ): ଯାଜପୁର ଇନରହୁଇଲ କ୍ଲବର ଅଧିଷ୍ଠାନ ଉତ୍ସବ ଏବଂ ଚିକିତ୍ସିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସ୍ଥାନୀୟ ରୋଟାରୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ବିଦାୟୀ ସଭାପତି ଯାଜ୍ଞସେନୀ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କ୍ଲବର ଡିଷ୍ଟ୍ରିକ୍ଟ ଚେୟାରମେନ ସନ୍ଧ୍ୟାରାଣୀ ମିଶ୍ର ଓ ସ୍ୱତନ୍ତ୍ର ଅତିଥି ଭାବେ ଚାର୍ଟର ପ୍ରେସିଡେଣ୍ଟ ଗୌରପ୍ରିୟା ଦେବୀ ଯୋଗ ଦେଇଥିଲେ। ବିଦାୟୀ ସମ୍ପାଦିକା ପ୍ରତିମା ସାହୁ ବିଗତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ନୂତନ ସଭାପତି ସତ୍ୟଭାମା ପତି ଓ ସମ୍ପାଦିକା ଲିଲିରାଣୀ କର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସ୍ୱାଗତ କରିଥିଲେ ଅଧାପିକା ସ୍ୱର୍ଣ୍ଣପ୍ରଭା ପଣ୍ଡା। ବରିଷ୍ଠ ସଭ୍ୟା ତିଳୋତ୍ତମା ଦାଶ ପରିଚୟ ପ୍ରଦାନ କରିଥିଲେ। ପୂର୍ବତନ ରୋଟାରୀ କ୍ଲବ ସଭାପତି ଡା ରାଜ କିଶୋର ପଣ୍ଡା, ଚାର୍ଟଡ ସମ୍ପାଦିକା ସୁରୁଚି ପାଣି, ସଭ୍ୟା ଅନ୍ନପୂର୍ଣ୍ଣା ଶତପଥୀ ଓ ତୁଷାରକାନ୍ତି ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ଚିକିତ୍ସକ ଦିବସ ପରିପ୍ରେକ୍ଷୀରେ ବରିଷ୍ଠ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଡା. ଭାଗୀରଥି ପାଣି, ଡା. ରାଜକିଶୋର ପଣ୍ଡା, ଡା. ମଦନମୋହନ ସାମଲ, ଡା ବରେନ୍ଦ୍ରନାଥ ଜେନା ଓ ଡା. ସୁପ୍ରକାଶ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟାଙ୍ଗନା ତଥା କରାଟେ ପ୍ରଶିକ୍ଷିକା ସାଇ ସନ୍ତୋଷିନୀ ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ନୂତନ କର୍ମକର୍ତ୍ତା ଭାବେ ଉପସଭାପତି ଚିତ୍ରଲେଖା ନାୟକ, କୋଷାଧକ୍ଷ ବିଜୟଲକ୍ଷ୍ମୀ ସ୍ୱାଇଁ, ଆଇଏସଓ ଚିକିମିକି ହୀରା ସାହୁ ମଧ ଦାୟିତ୍ୱ ଗ୍ରହଣ କରିଥିଲେ। ବରିଷ୍ଠ ସଭ୍ୟା ମନୋରମା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।




■ ବନବିଭାଗ ପାଳୁଛି ବନମହୋତ୍ସବ

## ଜରାଜୀର୍ଣ୍ଣ ଅବସ୍ଥାରେ ପିମ୍ପୁଡ଼ିଆ ପାର୍କ

କାଳିଆପାଣି, ୫।୭ (ସମିସ): ରାଜ୍ୟ ବ୍ୟାପୀ ବନ ମହୋତ୍ସବ ଚାଲିଥିବାବେଳେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିମ୍ପୁଡ଼ିଆ ପଞ୍ଚାୟତରେ ୫୦ ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମାଣ ହୋଇଥିବା ଏକ ପାର୍କ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହି କାର୍ଯ୍ୟକୁ ବନ ବିଭାଗ ତଦାରଖ କରିବା ସହିତ ୫ ଗୋଟି ଏଜେନ୍ସିକୁ କାମ ଦେଇ ପାର୍କ କାମ ଆରମ୍ଭ କରିଥିଲା। ପାର୍କ କାମ ଜାନୁଆରୀ ମାସର ଶେଷ ସପ୍ତାହରେ ସମ୍ପୂର୍ଣ୍ଣ ହୋଇଯାଇଥିଲା। ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ କାହାକୁ ନ ଦେଇ ବନ ବିଭାଗ ନିଜ ହାତରେ ରଖିଥିଲା। ଫେବୃଆରୀ ମାସ ଠାରୁ ଜୁଲାଇ ମାସ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହରେ ବହୁ ଦାମୀ ଫଳନ୍ତି ବୃକ୍ଷ ପାଣି ନ ପାଇ ଖରାରେ ଶୁଖି ନଷ୍ଟ ହୋଇଯାଇଛି। ବାରମ୍ବାର ନୂଆ ରେଞ୍ଜରଙ୍କୁ ଅବଗତ କରାଇଲେ ମଧ ତାଙ୍କଠାରୁ କୌଣସି ଉତ୍ତର ମିଳିନଥିଲା। ସପେଟା, ଲିଚୁ, ଚେରି, କରମଙ୍ଗା, ପିଜୁଳି, ଆପଲ ବେରି ଠାରୁ ଆରମ୍ଭ କରି ବହୁ ଦାମୀ ଦାମୀ ଫୁଲ ଗଛ ସବୁ ଛାରଖାର ହୋଇଯାଇଛି। ବର୍ତ୍ତମାନ ରାଜ୍ୟରେ ବନମହୋତ୍ସବ ଚାଲିଥିଲା ବେଳେ ସୁକିନ୍ଦାରେ ଏହା ଏକ ପ୍ରହସନ ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି। ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଅନେକ ପାର୍କ ଗଢି ନିର୍ମାଣ ହୋଇଥିବା ବେଳେ ପ୍ରାୟତଃ ସବୁ ପାର୍କ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ବନମହୋତ୍ସବ ରେ ଗଛ ଲଗାଇବା ଏକ ଭେଳିକି ବୋଲି ଲୋକମାନେ କହିବା ଆରମ୍ଭ କରିଦେଲେଣି।





## ଦୁର୍ବଳ ନଦୀବନ୍ଧ ପାଇଁ ଲୋକେ ଆତଙ୍କିତ

ବରୀ, ୫।୭ (ସମିସ): ବନ୍ୟା ନିୟନ୍ତ୍ରଣ ପାଇଁ ସରକାର ବ୍ୟାପକ ପ୍ରସ୍ତୁତି ଚଳାଇଥିବା ବେଳେ ବିଭିନ୍ନ ସ୍ଥାନରେ ଦୁର୍ବଳ ନଦୀବନ୍ଧ ପାଇଁ ନଈକୂଳିଆ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବରୀ ଜଳ ସମ୍ପଦ ଉପଖଣ୍ଡ ଅଧୀନରେ ଥିବା ବାଲୁଙ୍ଗାପାଟିଆ ନଦୀର ଫୁଲୁପୁର ଗ୍ରାମ ନିକଟରେ ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ରହିଛି। ସେହି ସ୍ଥାନରେ ବନ୍ଧଟି ଦୁଇପଟ ଉଚ୍ଚ ରହିଥିବା ବେଳେ ଘାଟ ନିକଟରେ ଅତ୍ୟନ୍ତ ନୀଚ ଥିବାରୁ ଚାଷ ଜମିରେ ହିଡ଼ଦେବା ଭଳି ମାଟି ହୁଡ଼ା କରାଯାଇଛି। ତେଣୁ ଫୁଲୁପୁର, ରଜାପୁର, ବନ୍ଧପଡା ପ୍ରଭୃତି ଗ୍ରାମର ଜନସାଧାରଣ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀ ଉପରୋକ୍ତ ସ୍ଥାନ ପରିଦର୍ଶନ କରି ବିହିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନଦୀ ବନ୍ଧକୁ ମରାମତି କରିବାକୁ ଗ୍ରାମବାସୀ ମାନେ ନିବେଦନ କରିଛନ୍ତି।

## ଯୁକ୍ତ ୩ ନାମଲେଖା ଶେଷ; ୪୯୫ ସିଟ୍ ବଳକା

ଧର୍ମଶାଳା, ୫।୭ (ସମିସ):

ଏବେ ସୁଦ୍ଧା ଯୁକ୍ତ ୩ରେ ତୃତୀୟ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ଧର୍ମଶାଳା ବ୍ଲକର ୫ଟି ଡିଗ୍ରୀ କଲେଜରେ ନାମ ଲେଖାଇବା ପରେ ଅଦ୍ୟାବଧି ୪୯୫ଟି ସିଟ୍ ବଳକା ରହିଛି। ଏହି ୫ଟି ଡିଗ୍ରୀ କଲେଜରେ ମୋଟ ୩ଟି ପର୍ଯ୍ୟାୟରେ ୧୨୮୭ ଜଣ ଛାତ୍ରଛାତ୍ରୀଙ୍କୁ ନାମଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେଥି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୨୯ ଜଣ, ୨ୟ ପର୍ଯ୍ୟାୟରେ ୨୦୧ ଓ ୩ୟ ପର୍ଯ୍ୟାୟରେ ୧୯୧ ମୋଟ ୭୨୧ ଜଣ ନାମ ଲେଖାଇଛନ୍ତି। ଏବେସୁଦ୍ଧା ୫ଟି କଲେଜରେ ୪୯୫ଟି ସିଟ୍ ବଳକା ରହିଛି। ଧର୍ମଶାଳା କଲେଜରେ କଳାରେ ୨୫୬ ସିଟ୍‌ରୁ ୧୬୩ ଜଣ, ବିଜ୍ଞାନରେ ୧୬୦ଟି ସିଟ୍ ଥିବାବେଳେ ୧୨୯ ଓ ବାଣିଜ୍ୟରେ ୬୪ଟି ସିଟ ଥିବାବେଳେ ମାତ୍ର ୮ ଜଣ ଛାତ୍ରଛାତ୍ରୀ ନାମ ଲେଖାଇ ଥିବା କଲେଜ ଅଧକ୍ଷ ସୂଚନା ଦେଇଛନ୍ତି। ମୁକୁନ୍ଦପାତ୍ର ମହାବିଦ୍ୟାଳୟରେ କଳାରେ ୨୨୪ରୁ ୧୧୫ ଜଣ ଓ ବିଜ୍ଞାନରେ ୧୨୮ରୁ ମାତ୍ର ୮୮ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ଜେନାପୁର ଡିଗ୍ରୀ ମହାବିଦ୍ୟାଳୟର କଳାରେ ୧୯୨ଟି ସିଟରୁ ୧୦୭ ଜଣ ନାମ ଲେଖାଇଛନ୍ତି। ସେହିପରି ଚଢ଼େଇଧରାସ୍ଥିତ ଜଗନ୍ନାଥଜିଉ ଡିଗ୍ରୀ କଲେଜ କଳାରେ ୬୪ଟି ସିଟ୍ ଥିବାବେଳେ ୪୫ ଜଣ ଓ ଧର୍ମଶାଳା ମହିଳା ମହାବିଦ୍ୟାଳୟରେ କଳାରେ ୧୨୮ଟି ସିଟ୍ ଥିବାବେଳେ ମାତ୍ର ୬୬ ଜଣ ନାମ ଲେଖାଇଛନ୍ତି ବୋଲି ଜଣାପଡିଛି। ଆସନ୍ତା ୭ ତାରିଖରୁ ୧୦ ତାରିଖ ମଧ୍ୟରେ ସ୍ପଟ୍ ନାମଲେଖା ପାଇଁ ଆବେଦନ କରାଯିବ। ୧୪ ତାରିଖରେ ଚୟନ ତାଲିକା ପ୍ରକାଶ ପାଇବା ସହ ୧୫ ତାରିଖରେ ଆବଶ୍ୟକୀୟ ଅର୍ଥ ପୈଠ କରି ନାମ ଲେଖାଇବେ। ଯେଉଁମାନେ ୱେଟିଙ୍ଗ ଲିଷ୍ଟରେ ଥିବେ ସେମାନେ ୧୬ ତାରିଖରେ ନାମ ଲେଖାଇ ପାରିବେ ବୋଲି ବିଭାଗ ପକ୍ଷରୁ ବିଜ୍ଞପ୍ତିରେ ଦର୍ଶାଯାଇଛି।

## ସୁକିନ୍ଦାରେ ଦୁଇ ଦୋକାନରୁ ଲୁଟ୍



ସୁକିନ୍ଦା, ୫।୭ (ସମିସ): ଗୋଟିଏ ରାତିରେ ସୁକିନ୍ଦାରେ ଦୁଇ ଦୋକାନରୁ ଲୁଟ୍ ହୋଇଥିବା ବେଳେ ଲୁଟ୍ ସମୟର ଭିଡିଓ ଏବ ସାମାଜିକ ଗଣମାଧ୍ୟମରେ ଘୁରିବୁଲୁଛି। ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟଦ୍ୱାର ନିକଟରେ ଥିବା ଶ୍ରୀକାନ୍ତ ସାହୁଙ୍କ ପାନ ଦୋକାନ ଓ ମନୋଜ ବାରିକଙ୍କ ସେଲୁନରେ ଶୁକ୍ରବାର ବିଳମ୍ବିତ ରାତିରେ ଏହି ଲୁଟ୍ ହୋଇଛି। ଶନିବାର ସକାଳେ ଦୁଇ ଦୋକାନୀ ଦୋକାନରେ ପହଞ୍ଚି କବାଟରେ ଥିବା ତାଲା ଖୋଲାଥିବା ଦେଖି ସୁକିନ୍ଦା ଥାନା ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଶ୍ରୀକାନ୍ତ ସାହୁଙ୍କ ଦୋକାନରେ ଲାଗିଥିବା ସିସିଟିଭିରେ ଲୁଟ୍ ସମୟର ଭିଡିଓ ଏବେ ଘୁରିବୁଲୁଛି। ସୁକିନ୍ଦା ଅଞ୍ଚଳରେ ଚୋରି, ଲୁଟ୍ ଘଟଣା କ୍ରମାଗତ ଭାବେ ବଢ଼ି ଚାଲିଥିବା ବେଳେ ପୋଲିସର ସ୍ଥାନୀୟ ପୁଲିସର ନିରବତା ଲୁଟେରାଙ୍କ ମନୋବଳକୁ ବହୁଗୁଣିତ କରିଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। କୌଣସି ଲୁଟ୍ ଘଟଣାରେ ପୁଲିସକୁ ସଫଳତା ମିଳୁନଥିବାରୁ କିଛି ଲୋକ ଲୁଟର ଶୀକାର ହୋଇ ମଧ୍ୟ ପୁଲିସ ନିକଟରେ ଅଭିଯୋଗ କରିନାହାନ୍ତି।

# ୧୦ ବର୍ଷ ହେଲା ଜୀବନ ଯନ୍ତ୍ରଣାରେ ଶିକାର ଯୁବତୀ

ଯାଜପୁର, ୫।୭ (ସମିସ)



ଯାଜପୁର ବ୍ଲକ ଉପରବରୁହାଁ ପଞ୍ଚାୟତ କଟେରିଗାଁର ବଳରାମ ମଳିକଙ୍କ ଝିଅ ରତ୍ନୁ (୧୫) ଗତ ୧୦ ବର୍ଷ ଧରି ଶଯ୍ୟାଶାୟୀ। ତାଙ୍କୁ ୫ ବର୍ଷ ହେବା ପର୍ଯ୍ୟନ୍ତ ସେ ସବୁ କାମ ଠିକ୍‌ଠାକ୍ କରୁଥିଲେ। ଗାଁ ଦାଣ୍ଡରେ ସାଙ୍ଗମାନଙ୍କ ସହ ଖେଳାବୁଲା କରୁଥିଲେ। ହଠାତ୍ ତାଙ୍କ ଶରୀରରେ ଅଜବ ଲକ୍ଷଣମାନ ଦେଖିବାକୁ ମିଳିଲା। ହାତଗୋଡ଼ ବିନ୍ଧିବା ସହ ଧୀରେଧୀରେ ଦୁଇଗୋଡ଼ ଓ ହାତ ତାଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଗଲା। ହାତଗୋଡ଼ରେ ସେ କ'ଣ କରୁଛନ୍ତି, ନିଜେ ଜାଣି ପାରିଲେ ନାହିଁ। କେତେବେଳେ ନିଜ ଶରୀରକୁ କ୍ଷତାକ୍ତ କରିବା ସହ ଅନ୍ୟମାନଙ୍କୁ ମଧ୍ୟ କ୍ଷତି ପହଞ୍ଚାଇଲେ। ଦୈନିକ ଏମିତି ହେବା ଦ୍ୱାରା ଉପାୟଶୂନ୍ୟ ପରିବାର ଲୋକ ତାଙ୍କ ହାତଗୋଡ଼ରେ ବେଡ଼ି ପକାଇଦେଲେ। ଆଜିକୁ ୧୦ ବର୍ଷ ହେବ ସେ ଏମିତି ଅବସ୍ଥାରେ ଘରେ ପଡ଼ିଛନ୍ତି। ରତ୍ନୁଙ୍କ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ଥିବା ବେଳେ ଏତେ ଟଙ୍କା କେଉଁଠୁ ପାଇବେ ସେ ନେଇ ପରିବାର ଲୋକେ ଚିନ୍ତାରେ ଦିନ କାଟୁଛନ୍ତି। ରତ୍ନୁଙ୍କ ସମ୍ପର୍କରେ ଖବର ପାଇ ବିଜେଡି ନେତା ତଥା ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ଭବପ୍ରସାଦ ଦାସ ତାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏଥି ସହିତ ରତ୍ନୁଙ୍କ ଚିକିତ୍ସା ପାଇଁ

### ଭବପ୍ରସାଦଙ୍କ ସହାୟତା ପ୍ରଦାନ

ସହାୟତା କରିଥିଲେ। ପୂର୍ବରୁ ଭବ ରତ୍ନୁଙ୍କ ପାଇଁ ଭିନ୍ନକ୍ଷମ ଭତ୍ତା ଓ ରାସନ କାର୍ଡ ବ୍ୟବସ୍ଥା କରିଥିବା ବେଳେ ଏବେ ତାଙ୍କର ଚିକିତ୍ସା ପାଇଁ ସହଯୋଗ କରିଥିବା ଜଣାପଡ଼ିଛି। ଏହି ସମୟରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଗୋଲାମ ଅଲ୍ଲୀ ଓ ସମିତିସଭ୍ୟ ରଶ୍ମିରଞ୍ଜନ ମହାନ୍ତିଙ୍କ ସମେତ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ଦଶରଥପୁରରେ ବାହୁଡ଼ା ଯାତ୍ରା

**ଦଶରଥପୁର, ୫।୭ (ସମିସ):** ଦଶରଥପୁର ବ୍ଲକ ଅଞ୍ଚଳରେ ଆଜି ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାଲଟପୁର ପଞ୍ଚାୟତ ଗୁଣ୍ଡିଚାନଗର ପଡ଼ିଆସ୍ଥ ମାଉସୀ ମା' ମନ୍ଦିରରୁ ଦାମୋଦରପୁର ଶ୍ରୀଜଗନ୍ନାଥ ମନ୍ଦିର ଅଭିମୁଖେ ବାହାରିଥିଲା ବାହୁଡା ରଥ। ଠାକୁର ରାଜା ତଥା ପରିବେଶବିତ ଜଗଦୀଶ ଶଙ୍କର ସାହୁ ଏବଂ ପୂଜାରୀମାନେ ଚତୁର୍ଦ୍ଧାମୂରତିଙ୍କ ପୂଜାକର୍ମ ପରେ ଛେରାପହଁରା ହୋଇଥିଲା। ଏହାପରେ ଶତାଧିକ ଲୋକ ଭଜନ କୀର୍ତ୍ତନର ତାଳେ ତାଳେ ପାଲଟପୁସ୍ଥ ଗୁଣ୍ଡିଚାନଗରରୁ ରଥ ଟାଣି ଟାଣି ନେଇ ଦାମୋଦରପୁରସ୍ଥ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲା। ସେହିପରି, ଦଶରଥପୁର, କଟୁରିଆ, ଝୁମ୍ପୁରୀ, ଇଟାପୁର, ତଳିହା, ବିରଜାପୁର, ସିଦ୍ଧେଶ୍ୱର, ବିରଜାପୁର, ନନ୍ଦିପୁର, ବାବାଲପୁର, ପାଳଦା, ଭେଲଙ୍ଗ, ମନ୍ଦାରଖଣ୍ଡ, ରହାସୋଇ ଇତ୍ୟାଦି ସ୍ଥାନମାନଙ୍କରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକର ଗୁଣ୍ଡିଚାନଗର ମାଉସୀ ମା' ମନ୍ଦିରରୁ ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।



# ସନ୍ଥସାଧକ ଶ୍ରୀଅରକ୍ଷିତ ଦାସଙ୍କ ଜନ୍ମୋତ୍ସବ ଆଜି



**ବାଲିଚନ୍ଦ୍ରପୁର, ୫।୭ (ସମିସ):** ମହାପୁରୁଷ ଶ୍ରୀଶ୍ରୀ ଅରକ୍ଷିତ ଦାସଙ୍କ ପୁଣ୍ୟ ଆବିର୍ଭାବ ଦିବସ ଚଳିତ ଆଷାଢ଼ ଶୁକ୍ଳ ଏକାଦଶୀ ତିଥି ଜୁଲାଇ ୬ ତାରିଖ ରବିବାର ଭକ୍ତିପୂତ ପରିବେଶରେ ପାଳିତ ହେବ। ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ, ପଲାଇ ପକ୍ଷରୁ ଓଲାଶୁଣୀ ପାହାଡ଼ର ପାଦଦେଶରେ ପୂଜିତା ମା' ଓଲାଶୁଣୀଙ୍କ ପୀଠରେ ପୂର୍ବାହ୍ନ ୧୦ ଘଟିକାରେ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ସ୍ୱତନ୍ତ୍ର ଶାସନ ସଚିବ ଧନଞ୍ଜୟ ସ୍ୱାଇଁ ମୁଖ୍ୟଅତିଥି, ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବିଦ୍ୟୁମିତ୍ର ବଳ ବିଶିଷ୍ଟ ଅତିଥି ଓ କବି ଅଧ୍ୟାପକ ଯତିନ୍ଦ୍ର କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ଉତ୍ସବରେ ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ପୌରୋହିତ୍ୟ କରିବେ। ମହାପୁରୁଷଜୀଙ୍କ ପବିତ୍ର ଜନ୍ମୋତ୍ସବ ତିଥିରେ ଓଲାଶୁଣୀ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ଗଞ୍ଜାମ ଜିଲ୍ଲା ବଡ଼ଖେମୁଣ୍ଡିର ରାଜଧାନୀ ତଥା ସନ୍ଥ ମହାପୁରୁଷଙ୍କ ଜନ୍ମବେଦୀ ବିଜୟନଗର ଗଡ଼ ଗ୍ରାମରେ ପୂଜାର୍ଚ୍ଚନା ଓ ଭଜନକୀର୍ତ୍ତନ, ଦିଗପହଣ୍ଡିସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଲଳିତଗିରିଠାରେ ଥିବା କେଶସ୍ମୃତି ପୀଠରେ ନବବସ୍ତ୍ର, ନୈବେଦ୍ୟ, ତୁଳସୀମାଳ ଓ ପ୍ରିୟଭୋଗ ପୋଡ଼ପିଠା ଏବଂ ଦୁଧ ଗଇଁଠା ଅର୍ପଣ କରାଯିବ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଟ୍ରଷ୍ଟ ପକ୍ଷରୁ ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ, ଟ୍ରଷ୍ଟି ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ, ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ସାମଲ, ପୂର୍ବତନ ସରପଞ୍ଚ ଉମେଶଚନ୍ଦ୍ର ସାମଲ, ଶ୍ରୀକାନ୍ତ କୁମାର ସାମଲ, ପୂର୍ବତନ ସରପଞ୍ଚ ସରସ୍ୱତୀ ବେହେରା ପ୍ରମୁଖ

# ଦୁଇ ଅସହାୟ ପିଲା ଶିଶୁ ମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର



**କବାଟବନ୍ଧ, ୫।୭ (ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସଙ୍ଗଠନ ସଚେତନ ନାଗରିକ ମଞ୍ଚ ସହଯୋଗରେ ଦୁଇ ଅସହାୟ ପିଲାଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ସୋରାଇ ଗ୍ରାମର ବକଟି ଦଳେଇଙ୍କ ପରିବାର ଅତି ଅସହାୟ। ମାନସିକ ରୋଗୀ ପୁଅ ଓ ନାତି ନାତୁଣୀଙ୍କୁ ଭରଣ ପୋଷଣ ପାଇଁ ବହୁ ଅସୁବିଧାରେ ଦିନ କାଟୁଛନ୍ତି। ବକଟି ବାହାରେ ରହି କାମ କରି ଘର ଚଳାଉଛନ୍ତି। ଏମିତି ପରିସ୍ଥିତିରେ ଘର ଚଳାଇବା କାଠିକର ପାଠ ହେଉଥିବା ବେଳେ ଔଷଧ ଏବଂ ଦିନକୁ ଦିନ ପିଲାଙ୍କ ଖାଇବା, ରହିବା ଓ ପଢ଼ିବା ପାଇଁ ସମସ୍ୟା ଦେଖାଦେଉଛି। ସଚେତନ ନାଗରିକ ମଞ୍ଚ ପକ୍ଷରୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ଦୃଷ୍ଟିଗୋଚର କରାଯାଇ ଶନିବାର ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ବକଟିଙ୍କ ଦଶ ବର୍ଷର ନାତୁଣୀ ସଭଦ୍ରା ଦଳେଇ ଓ ସାତ ବର୍ଷର ନାତି ପ୍ରଶାନ୍ତ ଦଳେଇଙ୍କୁ ଶିଶୁ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ସଚେତନ ନାଗରିକ ମଞ୍ଚର ଆବାହକ ସରୋଜ ବେହେରା, ଶିଶୁ ସୁରକ୍ଷା ଅଧିକରୀ କାଳିପ୍ରଶାଦ ସାହୁ ଓ ରବୀନ୍ଦ୍ର ସେଠୀ ଉପସ୍ଥିତ କରାଇଥିଲେ। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ରେକ୍ସନା ଜେନା ସମେତ ତୃପ୍ତି ଜେନା, ପ୍ରଶାନ୍ତ ମିଶ୍ର, ଜୟନ୍ତ ଗୋସ୍ୱାମୀ, ରମେଶ ସେଠୀ, ଅସହାୟ ପରିବାର ଓ ପିଲାଙ୍କ ଭବିଷ୍ୟତର ସୁରକ୍ଷା ପାଇଁ ଘଟଣାଟିକୁ ହୃଦୟଙ୍ଗମ କରିବା ସହିତ ଦୁଇ ପିଲାଙ୍କୁ ସହଯୋଗର ହାତ ବଢ଼େଇଥିଲେ।

### ପ୍ରଧାନ ଶିକ୍ଷକ ଓ ତାଲିମପ୍ରାପ୍ତ ସ୍ନାତକ ବର୍ଗର ଶିକ୍ଷକ ଅଭାବ

# ଦଶରଥପୁରରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ

**କର୍ଯ୍ୟାଁଗୋଲା, ୫।୭ (ସମିସ):** ଦଶରଥପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଲାଗି ରହିଛି। ପ୍ରତିବର୍ଷ ଚାକିରିରୁ ଅବସର ନେଉଥିବା ଶିକ୍ଷକଙ୍କ ସ୍ଥାନରେ ନୂତନ ନିଯୁକ୍ତି ଦିଆଯାଉନି। ଲେବୁଲ ୪ ଓ ୩ ପ୍ରଧାନ ଶିକ୍ଷକ ଏବଂ ତାଲିମ ପ୍ରାପ୍ତ ସ୍ନାତକ ଶିକ୍ଷକ ଉଭୟ କଳା ଓ ବିଜ୍ଞାନ (ବିଷୟ ଭିତ୍ତିକ) ଫାଙ୍କା ପଡ଼ିଛି। ଦଶରଥପୁର ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ଥିବା ବିଦ୍ୟାଳୟ ଗୁଡିକରେ ଏଭଳି ସମସ୍ୟା ମୁଣ୍ଡ ଘୁରାଇଲା ଭଳି। ମିଳିଥିବା ସୂଚନା ମୁତାବକ ଲେବୁଲ୍ ୪ ପ୍ରଧାନ ଶିକ୍ଷକ ୭୪, ଲେବୁଲ ୩ର ୪୮ ଓ ଟିଜି ଶିକ୍ଷକ ୭୭ଟି ପଦବୀ ଖାଲିପଡ଼ିଛି। ବିଜ୍ଞାନ ଶିକ୍ଷକ ୧୪ ଓ କଳା ଶିକ୍ଷକ ପଦବୀରେ ୨୯ ଜଣ ଶିକ୍ଷକ ନାହାଁନ୍ତି। ଦୀର୍ଘ ଦିନ ଧରି ଏତେ ସଂଖ୍ୟକ ଶିକ୍ଷକ ଖାଲି ପଡ଼ିଥିବା ବେଳେ ବିଭାଗ ପକ୍ଷରୁ ପଦବୀ ପୂରଣରେ ତତ୍ପରତା ପ୍ରକାଶ ପାଉନି। ମାଗଣାରେ ସ୍କୁଲ ୟୁନିଫର୍ମ, ଜୋତା, ଟୋପି, ପାଠ୍ୟ ପୁସ୍ତକ ସହିତ ମଧ୍ୟାହ୍ନ ଭୋଜନ ସରକାରୀ ବିଦ୍ୟାଳୟରେ ମିଳୁଛି। ଏସବୁ ସତ୍ତ୍ୱେ ଅଭିଭାବକ ମାନେ ନିଜ ନିଜ ପିଲାମାନଙ୍କୁ ବେସରକାରୀ ଓ ସରସ୍ୱତୀ ଶିଶୁ ମନ୍ଦିରରେ ପାଠ ପଢ଼ାଇବାକୁ ପସନ୍ଦ କରୁଛନ୍ତି। ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସରକାରୀ ବିଦ୍ୟାଳୟ ଭଳି ଆନୁଷଙ୍ଗିକ ଭିତ୍ତିଭୂମି ନାହିଁ। ଅପେକ୍ଷାକୃତ ବହୁ କମ୍ ଦରମାରେ ଶିକ୍ଷକ ଶିକ୍ଷୟତ୍ରୀ ଶିକ୍ଷାଦାନ କରିଥାନ୍ତି। ତେବେ ପରୀକ୍ଷା ଫଳ ସରକାରୀ ବିଦ୍ୟାଳୟ ତୁଳନାରେ ଯଥେଷ୍ଟ ଭଲ ବୋଲି ବେଶ୍ କିଛି ବର୍ଷ ହେଲା ପ୍ରମାଣିତ ହୋଇ ଆସୁଛି। ତେଣୁ ସରକାରୀ ବିଦ୍ୟାଳୟରେ ତାଲା ଝୁଲିବା ପୂର୍ବରୁ ଏହାକୁ ସୁଧାରିବାକୁ ସରକାର ଉଦ୍ୟମ କରନ୍ତୁ ବୋଲି ଦାବି ହୋଇଛି।

# ରସୁଲପୁରରେ ଚାଷୀ ଓ କ୍ରେତା କର୍ମଶାଳା




**କୁଆଖିଆ, ୫।୭ (ସମିସ):** ରସୁଲପୁର ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଚାଷୀ ଓ କ୍ରେତାମାନଙ୍କ ମଧ୍ୟରେ ସୁ-ସମ୍ପର୍କ ସୃଷ୍ଟି ଉଦ୍ଦେଶ୍ୟରେ ଏକ କର୍ମଶାଳା ଜରିଆରେ ଚାଷୀମାନଙ୍କୁ ସଚେତନ କରାଯାଇଛି।

ଗଙ୍ଗୋତ୍ରୀ ଓ ଏଏଫ୍‌ସି (ଏଗ୍ରିକଲଚ୍ୟୁରାଲ ଫାଇନାନ୍ସିଂ କର୍ପୋରେସନ୍) ସାମାଜିକ ସଂଗଠନ ମିଳିତ ଆନୁକୂଲ୍ୟରେ ଆୟୋଜିତ ଚାଷୀ ଓ କ୍ରେତା ସମ୍ପର୍କ କର୍ମଶାଳାକୁ ଯୋଜନା ଅଧିକାରୀ ଜ୍ୟୋତିରଞ୍ଜନ ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବରେ ଯାଜପୁର ଜିଲା କୃଷି ଅଧିକାରୀ ଅରୁଣ କୁମାର ବେହେରା ଯୋଗଦେଇ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ରସୁଲପୁର ବ୍ଲକ ଭାରପ୍ରାପ୍ତ କୃଷି ଅଧିକାରୀ ଆଶିଷ କୁମାର ବେହେରା, ବ୍ଲକ ଉଦ୍ୟାନ କୃଷି ଅଧିକାରୀ ଜୟଦେବ ସିଟ୍, ବ୍ଲକ ସହକାରୀ କୃଷି ଅଧିକାରୀ ଅରଜିତ୍ ଉପାଧ୍ୟାୟ, କୃଷି ପରିଚାଳକ ସଞ୍ଜୟ କୁମାର ରାଉତ, ମଣ୍ଡି ଅନୁଧ୍ୟାନ ଅଧିକାରୀ ରଞ୍ଜନ କୁମାର ରାଉତ ପ୍ରମୁଖ ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଗଙ୍ଗୋତ୍ରୀ ସଂଗଠନର ପ୍ରକଳ୍ପ ସଂଯୋଜିକା ଅନୁସୂୟା ରାଉତ କର୍ମଶାଳାକୁ ପରିଚାଳନା କରିଥିବା ବେଳେ କୃଷି ପରିଚାଳକ ସଞ୍ଜୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କର୍ମଶାଳାରେ ଯୋଗଦେଇ ଥିବା ବିଭିନ୍ନ ବର୍ଗର ଚାଷୀମାନେ ପରିବର୍ତ୍ତିତ ପାଣିପାଗର ସ୍ଥିତି କ୍ଷତିଗ୍ରସ୍ତ ହେଉଥିବା ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ, ପାଣିପଞ୍ଚାୟତ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଜଳଉତ୍ସଗୁଡିକୁ କାର୍ଯ୍ୟକ୍ଷମ କରିବା, ଚାଷୀମାନଙ୍କୁ ବିଜୁଳି ବିଲ୍ ଛାଡ କରିବା, ପଞ୍ଚାୟତସ୍ତରରେ ଶୀତଳୀକରଣ ଗୃହ ଓ ମଣ୍ଡି ଖୋଲିବା, ପ୍ରତ୍ୟେକ ଫସଲକୁ ବୀମାଭୁକ୍ତ କରାଇବା, ପଞ୍ଚାୟତସ୍ତରରେ ଚାଷରେ ହେଉଥିବା କ୍ଷୟକ୍ଷତିକୁ ଆକଳନ କରାଯାଇ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏ ଦିଗରେ ଲିଖିତ ଭାବରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ଜିଲା କୃଷି ଅଧିକାରୀ ବେହେରା ଉପସ୍ଥିତ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କୃଷିଜାତ ଦ୍ରବ୍ୟର କ୍ରେତାମାନଙ୍କ ସହ ଆଲୋଚନା କରାଯାଇ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା।

# ରେଲୱେ ବ୍ରିଜ୍‌ରୁ ମୃତଦେହ ଜବତ

**ସୁକିନ୍ଦା, ୬।୭ (ସମିସ):** ଅନୁଗୁଳ ସୁକିନ୍ଦା ରେଳପଥର ମଙ୍ଗଳପୁର ରେଲୱେ ବ୍ରିଜ ଉପରୁ ଜଣେ ଅପରିଚିତ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ରେଳ ଦୁର୍ଘଟଣାରେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ନିକଟ ରେଲୱେ ବ୍ରିଜ ଉପରରେ ଜଣେ ବ୍ୟକ୍ତି ରକ୍ତାକ୍ତ ଅବସ୍ଥାରେ ପଡ଼ିରହିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ନୀଳସୁନ୍ଦର ହାଇସ୍କୁଲର ପ୍ରତିଷ୍ଠା ଦିବସ



**ଧର୍ମଶାଳା, ୫।୭ (ସମିସ):** ଧର୍ମଶାଳା ବ୍ଲକ ନେଉଳପୁରସ୍ଥିତ ନୀଳସୁନ୍ଦର ସରକାରୀ ଉଚ୍ଚବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବୃଷଭାନୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ତତ୍କାଳୀନ ସଭ୍ୟ ତଥା ପୂର୍ବତନ ସରପଞ୍ଚ ନାରାୟଣ ଚନ୍ଦ୍ର ନାୟକ, ଶିଶୁ ସାହିତ୍ୟିକ ଡ. ପ୍ରିୟନାଥ ମହାପାତ୍ର, ସତ୍ୟନାରାୟଣ ବେହେରା, ପଞ୍ଚାନନ ରାଉତ, ଯଶୋବନ୍ତ ନାରାୟଣ ରାମ, ବିନୟ କୁମାର ସାହୁ, ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବିଚିତ୍ରାନନ୍ଦ ରାଉତ ଓ ମହମ୍ମଦ ୟୁନୁସ ପ୍ରମୁଖ ଯୋଗଦେଇ ନିଜ ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ପ୍ରତିଷ୍ଠା ଦିବସରେ ପ୍ରତିଷ୍ଠାତା ସଦସ୍ୟ ଭାବେ ଶ୍ରୀ ନାୟକଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଶିକ୍ଷୟିତ୍ରୀ ସାଗରିକା ମହାକୁଡ଼ ବେଦପାଠ କରିଥିଲେ। ଶିକ୍ଷକ ଅନନ୍ତ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# କାନ୍ଥ ପଡ଼ି ମହିଳା ମୃତ

**ଯାଜପୁର, ୫।୭ (ସମିସ):** ଯାଜପୁର ଜିଲ୍ଲାରେ ଗତ କିଛି ଦିନ ଧରି ଲଗାଣ ବର୍ଷା ଜାରି ରହିଛି। ଯାହାଫଳରେ ବିଭିନ୍ନ ତଳିଆ ଅଞ୍ଚଳରେ ବର୍ଷା ଜଳ ଭର୍ତ୍ତି ହୋଇଯାଇଛି। ଏହାର ପ୍ରଭାବରେ ଯାଜପୁର ଟାଉନ ଥାନା ବିଚିତ୍ରପୁର ପଞ୍ଚାୟତ ନୂଆ ଗୋବିନ୍ଦପୁର ଗାଁରେ କାନ୍ଥ ପଡ଼ି ବୀଣା ଦାସ ନାମକ ଜନୈକ ମହିଳାଙ୍କ ମୃତ୍ୟୁ ଘଟିଛି। ଖବରପାଇବା ପରେ ମୃତକଙ୍କ ଘରେ ବିଜେଡ଼ି ନେତା ଭବପ୍ରସାଦ ଦାସ ପହଞ୍ଚି ଶୋକବ୍ୟକ୍ତ କରିବା ସହିତ ମୃତକଙ୍କ ପରିବାରକୁ ସହାୟତା ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଏ ନେଇ ସ୍ଥାନୀୟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି।

# ସିଂହପୁର ପୂର୍ତ୍ତ ରାସ୍ତା ପାଲଟିଛି ମରଣଯନ୍ତା



**ସିଂହପୁର, ୫।୭ (ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମରେ ଥିବା ଆର୍‌ଏନ୍‌ଡିବି ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସିଂହପୁରରୁ ଡିହକୁଳା ରାସ୍ତାର ସିଂହପୁର ଗ୍ରାମରେ ଥିବା ରାସ୍ତା ଏବେ ବର୍ଷା ଋତୁ ଆରମ୍ଭରୁ ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ଯାତାୟତ କରିବା କଷ୍ଟକର ହୋଇପଡୁଛି। ସିଂହପୁର ସିଂହେଶ୍ୱର୍ ମହାଦେବ ମନ୍ଦିର ନିକଟରୁ ବଡ଼େଇ ସାହି, ଗୋପାଳ ସାହି, ନାୟକ ସାହି, ଦୁର୍ଗା ଛକ ପର୍ଯ୍ୟନ୍ତ ରାସ୍ତା ପାଣି କାଦୁଅରେ ପରିପୂର୍ଣ୍ଣ ହୋଇଛି। ଦୁର୍ଗା ଛକ ଠାରୁ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଦୟନୀୟ ସ୍ଥିତି। ରାସ୍ତା ବିପର୍ଯ୍ୟସ୍ତ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ ରାସ୍ତା ମରାମତି କରାଯାଉନଥିବାରୁ ଜନ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ଦେଇ ଦୈନିକ ସହସ୍ରାଧିକ ଲୋକ ଯାତାୟତ କରିବା ସହିତ ସ୍କୁଲ ଓ କଲେଜକୁ ଛାତ୍ରଛାତ୍ରୀ ଯାତାୟତ କରିଥାନ୍ତି। ବିଶେଷତଃ ସିଂହପୁର ହାଇସ୍କୁଲ, ନବଘନ ଓ ମହନ୍ତ ମାୟାଧର ସ୍କୁଲ, ଧ୍ରୁବଚରଣ ସ୍କୁଲର ଛାତ୍ରଛାତ୍ରୀ ନାହିଁ ନ ଥିବା ହିନସ୍ତା ଭୋଗୁଛନ୍ତି। ତୁରନ୍ତ ରାସ୍ତା ମରାମତି କରିବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

# ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲର ପ୍ରତିଷ୍ଠା ଦିବସ



**ଶଙ୍ଖଚିଲା, ୫।୭ (ସମିସ):** କୋରାଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲର ୭୭ତମ ପ୍ରତିଷ୍ଠା ଦିବସ ପ୍ରଧାନଶିକ୍ଷକ ଅଭିଜିତ ବାରିକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର ସଙ୍ଘର ସଭାପତି ଦୀନବନ୍ଧୁ ନାୟକ ଅତିଥି ଭାବେ ଯୋଗଦେଇ ଦଶମ ପରୀକ୍ଷାରେ ସର୍ବାଧିକ ନମ୍ବର୍ ରଖି ବିଦ୍ୟାଳୟର ଗୌରବ ଆଣିଥିବା ୩ ଜଣ ଛାତ୍ରଛାତ୍ରୀ ଯଥା ସନ୍ଧ୍ୟାରାଣୀ ସାହୁ, ପୂର୍ଣ୍ଣିମା ନାୟକ ଓ ପ୍ରତିକ୍ କୁମାର ଦାସଙ୍କୁ ୧୯୬୯ ପୁରାତନ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ପୁରାତନ ଛାତ୍ର ସଙ୍ଘର ଉପସଭାପତି ବିଷ୍ଣୁଚରଣ ସାହୁଙ୍କ ବିୟୋଗରେ ସ୍ମୃତିଚାରଣ କରାଯାଇଥିଲା। ଏହାକୁ ପୁରାତନ ଛାତ୍ର ସଙ୍ଘ କୋଷାଧ୍ୟକ୍ଷ ରଘୁନାଥ ସାହୁ ପରିଚାଳନା କରିଥିଲା ବେଳେ ଏଥିରେ ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ବ୍ୟାସନଗର ମହାବିଦ୍ୟାଳୟର ପ୍ରାକ୍ତନ ପ୍ରିନ୍ସପାଲ୍ ଶିବ ଚରଣ ମାଝୀ, କୋରାଇ ବ୍ଲକ କଂଗ୍ରେସ କମିଟି ସଭାପତି ଅକ୍ଷୟ କୁମାର ଜେନା, କୋରେଇ ଉନ୍ନୟନ ପରିଷଦର ସଭାପତି ଶ୍ରୀଧର ଦାସ, ଆଡଭୋକେଟ୍ ଚନ୍ଦ୍ର ଶେଖର ପଣ୍ଡା, ସୁଧାଂଶୁ ଦାସ୍, ନାରାୟଣ ଚନ୍ଦ୍ର ପତି, ଅବସରପ୍ରାପ୍ତ ଶିକ୍ଷକ ରବି ଶତପଥି, ଅମୀୟ କୁମାର ସାହୁ, ଅନନ୍ତ ଚରଣ ମଳିକ, ନନ୍ଦ କିଶୋର ସାହୁ, ରବୀନ୍ଦ୍ର କୁମାର ମହାରଣା, ସ୍ମାଇଲ ଫାଉଣ୍ଡେସନର ପ୍ରତିଷ୍ଠାତା ସୌମ୍ୟବ୍ରତ ସାହୁ, ବୈକୁଣ୍ଠ ଚରଣ ସାହୁ, ଦେବେନ୍ଦ୍ର କୁମାର ସାହୁ, ଦିଲିପ୍ କୁମାର ସାହୁ, ଅଶୋକ କୁମାର ପତି, ଆର୍ଯ୍ୟ ବିଭାଷ କୁମାର, ନନ୍ଦ କିଶୋର ମହାକୁଡ଼, ମଦନମୋହନ ସାହୁ, ଲିନାରାଣୀ ପଥାଳ, କନକଲତା ସାହୁ, ଅଞ୍ଜନ କୁମାର ସାହୁ, ବିଜୟ କୁମାର, ଭାଗିରଥି ବାରିକ୍, ବାବାଜୀ ଚରଣ ସାହୁ, ଗଙ୍ଗାଧର ସାହୁ, କୈଳାସ ଚନ୍ଦ୍ର ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏଥିରେ ବିଦ୍ୟାଳୟ ତରଫରୁ ସ୍କାଉଟ୍ ଓ ଗାଇଡ୍ ର ଛାତ୍ର ଛାତ୍ରୀ ଗଣ ସହଯୋଗ କରିଥିଲେ। ଶେଷରେ ଡ. ଆଦିତ୍ୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# 'ରଥ-ପଥ-ଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର

ବାଲିଚନ୍ଦ୍ରପୁର, ୫।୭ (ସମିସ)




ପବିତ୍ର ବାହୁଡା ଯାତ୍ରା ଉପଲକ୍ଷେ 'ରଥ-ପଥ-ଜଗନ୍ନାଥ' ଶୀର୍ଷକ ଏକ ଆଲୋଚନାଚକ୍ର ଓ ଆଧ୍ୟାତ୍ମିକ କବିତା ପାଠୋତ୍ସବ ବାଲିଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ରୁକୁଟିପାଟ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା-ବଡ଼ଚଣା ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ଭକ୍ତ ଚରଣ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ପରିଷଦର ଉପଦେଷ୍ଟା ପ୍ରାଧ୍ୟାପକ ବିନ୍ଦୁମିତ୍ର ବଳ ଏହି ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଇଂ ରଶ୍ମିରଞ୍ଜନ ରାୟ ଯୋଗଦେଇ ଜଗନ୍ନାଥ ରଥ-ପଥ-ଜଗନ୍ନାଥ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଗୁରୁ ସ୍ୱୟଂପ୍ରକାଶ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଡ. ଭାଗ୍ୟଧର ସାହୁ, ଡ.କୃଷ୍ଣଚନ୍ଦ୍ର ପାତ୍ର ଓ ଡ. ରବୀନ୍ଦ୍ର ବିହାରୀ ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ମହିମା ଓ ରଥଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ପରେ କବି ମହେନ୍ଦ୍ର ଘଡ଼େଇ ଓ କବି ଅମ୍ରିତା ସିଂହଙ୍କ ସଂଯୋଜନାରେ କବି ଡ. କୈଳାସ ଚନ୍ଦ୍ର ବେହେରା, କବି ନିରଞ୍ଜନ ଜେନା, ପୁରୁଷୋତ୍ତମ ପୃଷ୍ଟି, ଚିନ୍ମୟୀ ନାଥ, ଜିତେଶ ମହାନ୍ତି, ମାନସ ଚମ୍ପତରାୟ, ବିଜୟ କୁଅଁର, ଧନେଶ୍ୱର ପ୍ରଧାନଙ୍କ ସମେତ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ।

ଏହି ଅବସରରେ ପରିଷଦ ପକ୍ଷରୁ ଇଂ. ରଶ୍ମିରଞ୍ଜନ ରାୟଙ୍କୁ 'ଶ୍ରୀଜଗନ୍ନାଥ କାବ୍ୟାମୃତ ସମ୍ମାନ', ରଥ ଛେରାପହଁରା ଦାୟିତ୍ୱ ତୁଲାଉଥିବା ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ 'ରଥ ସେବା ସମ୍ମାନ' ଓ ଭଜନ ଗାୟକ ସୁବାସ ଚନ୍ଦ୍ର ଦାଶଙ୍କୁ 'ଭଜନସୁଧା ସମ୍ମାନ' ପ୍ରଦାନ ସହିତ ଶ୍ରୀଶ୍ରୀ ରଘୁନାଥଜୀଉ ସଂକୀର୍ତ୍ତନ ମଣ୍ଡଳୀ ଓ ସାହାରା ସୁନ୍ଦରୀ ସଂକୀର୍ତ୍ତନ ମଣ୍ଡଳୀକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପ ସଭାପତି ଗୌତମ ଚରଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ସଂଗଠନ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ। ବିଳାସ ଚନ୍ଦ୍ର ବାରିକ, ପ୍ରକାଶ ଚନ୍ଦ୍ର ସାମଲ, ରଞ୍ଜିତ କୁମାର ସାହୁ, ତପନ କୁମାର ରାଉତରାୟ, ବିଜୟ କୁମାର ଦାସ, ପ୍ରକାଶ କୁମାର ରାଉତରାୟ ଓ ଗୌତମ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# "ଲେଖିବା ହେଉଛି ନିଜକୁ ଆତ୍ମପ୍ରକାଶ କରିବାର ମାଧ୍ୟମ"



ଶାନ୍ତନୁ କୁମାର ଆଚାର୍ଯ୍ୟ

ମଣିଷର ଗୋଟିଏ ଅବସ୍ଥା ଥାଏ, ଯେଉଁଠି ସେ ସାଂସାରିକ ଘଟଣାବଳୀକୁ ଅତିକ୍ରମ କରି ଅତି ପ୍ରାକୃତିକ ଜିନିଷ ବିଷୟରେ ତାକୁ ଅନୁସନ୍ଧାନ କରିବାକୁ ଇଚ୍ଛା ହୁଏ । ସେ ପଚାରିବ- ମୁଁ କିଏ ? ଭଗବାନ କେଉଁଠି ଅଛନ୍ତି? ମୋତେ କିଏ ଗଢ଼ିଥିଲା? ଏସବୁ କଥା ଯେଉଁ ମଣିଷ ମନକୁ ଆସେ, ଯେଉଁମାନେ ଏ ବିଷୟରେ ଅନୁସରଣ କରନ୍ତି, ଏହାର ଉତ୍ତର ଖୋଜିବାକୁ ଯାଆନ୍ତି- ସେଇ ଲୋକମାନେ ହିଁ ଦାର୍ଶନିକ, ବୈଜ୍ଞାନିକ, କବି ବା ସାହିତ୍ୟିକ ହୁଅନ୍ତି । ପିଲାଦିନରୁ ମୋର ଚିନ୍ତାଧାରା ଏଭଳି ଅନ୍ୱେଷଣାତ୍ମକ ଥିଲା । ତାହା ବେଶି ବଢ଼ି ଗଲା, ଯେତେବେଳେ ୯ ବର୍ଷ ବୟସରେ ମୋ ମା' ଚାଲିଗଲେ । ଫଳରେ ମୋ ମନରେ ଭୟଙ୍କର ଦୁଃଖ ପ୍ରବେଶ କଲା । ମୁଁ ବର୍ତ୍ତମାନ କରିବି କ'ଣ? ମା' କୁଆଡ଼େ ଗଲେ? କେଉଁଠି କି ଗଲେ ସେ ? ଏଭଳି ଅନୁସନ୍ଧାନ କଲି ମୋର କୌତୁହଳ ମନରେ । ବଣ ପାହାଡ଼ରେ ଏକାକୀ ବୁଲେ, ନଦୀ କୂଳରେ ବସେ । ଗୋଟିଏ ମାତୃହରା ପିଲାର ବିରହ ଯନ୍ତ୍ରଣା ଭୋଗୁଥିଲି ମୁଁ । ଏଥିରୁ ଅନେକ ପ୍ରକାର ମୋର ମାନସିକ କ୍ରିୟା ପ୍ରତିକ୍ରିୟା ସବୁ ଘଟୁଥାଏ ।

ତା' ଭିତରେ ମୁଁ କବିତା ଲେଖା ଆରମ୍ଭ କଲି । କବିତା ଲେଖିବା ପରେ ମୋତେ ବହୁତ ଉପଶମ ଲାଗିଲା । ବାଙ୍କିରେ ସୁବର୍ଣ୍ଣପୁର ବୋଲି ଗୋଟିଏ ଜାଗା ଅଛି । ସେଠି ଅଂଶୁପା ହ୍ରଦ, ମହାନଦୀ ଭାରି ସୁନ୍ଦର ଓ ଚମତ୍କାର ଲାଗେ । ସେଠାରେ ବଡ଼ି ଭୋରରୁ ଗାଧୋଉଥିବା ବେଳେ ଦିନେ ସୂର୍ଯ୍ୟ ଉଦୟ ପୂର୍ବରୁ ହଠାତ୍ ମୋତେ ଦେଖାଗଲା ନଈ ଭିତରେ ଅସଂଖ୍ୟ ସ୍ୱର୍ଣ୍ଣ ମନ୍ଦିର ସବୁ ତିଆରି ହୋଇଛି । ମନ୍ଦିର ଭିତରେ ଦେବଦେବୀମାନେ ଆତଯାତ ହେଉଛନ୍ତି । ମୋ ପ୍ରାଣ ପୁଲକିତ ହୋଇଗଲା । ମୁଁ ଘରକୁ ଫେରିଆସିଲି । ସେତେବେଳେ ମୁଁ ସୁବର୍ଣ୍ଣପୁର ଏମ୍‌ଇ ସ୍କୁଲରେ ପଢୁଥିଲି । ମୋ ବାପା ସେଠି ଚାକିରି କରୁଥିଲେ । ତେବେ ନଦୀରୁ ଗାଧୋଇ ମୁଁ ଫେରି ଆସିଲା ପରେ ୧୯୪୫ ମସିହା ମାର୍ଚ୍ଚ ୨୧ ତାରିଖରେ ପ୍ରଥମ କବିତା 'ପ୍ରଭାତ' ଲେଖିଥିଲି । ଏହି କବିତା ଲେଖିବାର ୨ରୁ ୪ ଘଣ୍ଟା ପରେ ମୋତେ ପୁଣି ସ୍ପୃହା ଆସିଲା ଆଉ ଗୋଟିଏ କବିତା ଲେଖିଲି । ସେହି ବୟସରେ ଏମିତି ଘନ ଘନ କବିତା ଲେଖିବା ଆରମ୍ଭ ହେଲା । ହାଇସ୍କୁଲ ପଢ଼ିବା ପର୍ଯ୍ୟନ୍ତ ମୁଁ ବହୁତ କବିତା ଲେଖୁଥିଲି । ମୁଁ ଯେତେବେଳେ କଟକରେ ଆସି ରେଭେନ୍ସା କଲିଜିଏଟ୍ ସ୍କୁଲରେ ପାଠ ପଢ଼ିଲି, ସେତେବେଳେ ୧୯୪୫ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥାଏ । ଆମେ ପିଲାଦିନୁ ବିଶ୍ୱଯୁଦ୍ଧ କ'ଣ ଜାଣି ନଥିଲୁ । ତେବେ ବିଶ୍ୱ ଚିନ୍ତା ମନରେ ପିଲାଦିନୁ ରହିଥିଲା । ବିଶ୍ୱଯୁଦ୍ଧ ଉପରେ ମୁଁ କବିତା ମଧ୍ୟ ଲେଖିଥିଲି ଛୋଟ ବୟସରେ । ଏହି ସବୁ କଥା ମୋର କବିତ୍ୱକୁ ଜାଗ୍ରତ କଲା । କବିତ୍ୱ ଜାଗ୍ରତ ହେଲା ପରେ ମୁଁ କହିଲି କବିତାର ଲକ୍ଷ୍ୟଟା କ'ଣ? କବିତାର ଲକ୍ଷ୍ୟ କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାରେ ସୀମିତ ରହିବ ନା ସଂସାରର ବାସ୍ତବତା ବିଷୟରେ ସୀମିତ ରହିବ? ଦେଶ ଦେଶ ମଧ୍ୟରେ ଯୁଦ୍ଧ ହେଉଛି । ଲକ୍ଷ ଲକ୍ଷ ଲୋକ ମରି ଯାଉଛନ୍ତି । ରୋଗରେ ମରୁଛନ୍ତି, ପ୍ରାକୃତିକ ବିପର୍ଯ୍ୟୟରେ ମରୁଛନ୍ତି - ଏଗୁଡ଼ିକ ବିଷୟରେ ନ ଲେଖି ଖାଲି "ଆକାଶ ଦିଶେ କି ସୁନ୍ଦର , ତାହାକୁ ରଚିଲେ ଈଶ୍ୱର" ଏହାରି ଉପରେ ଆମେ କବିତା ଲେଖୁଥିବା କି? ମୁଁ ମୋର ଧାରା ପରିବର୍ତ୍ତନ କଲି । ମୋର ଲେଖା ଧାରା ପରିବର୍ତ୍ତିତ ହୋଇଗଲା । ତା'ପରେ ମୁଁ ରେଭେନ୍ସା କଲେଜକୁ ଆସିଲି ବିଜ୍ଞାନ ପଢ଼ିବାକୁ । ବିଜ୍ଞାନରେ ନାମ ଲେଖାଇଲି । ତେଣୁ ଜଣେ ବୈଜ୍ଞାନିକ ହେଲି । ମଝିରେ ଡାକ୍ତରୀ ପଢ଼ିବାକୁ ଯାଇଥିଲି, କଲେଜରେ ୬ ମାସ ପାଠ ପଢ଼ିଥିଲି । ଥରେ ମୋର ପିଉସୀ ନାନୀଙ୍କ ଶବ ବ୍ୟବଚ୍ଛେଦ କରିବାକୁ ପଡ଼ିଲା । ମୁଁ କରିପାରିଲି ନାହିଁ, ତେଣୁ ଅଧାରୁ ପାଠ ପଢ଼ା ଛାଡ଼ି ଦେଲି । ତା'ପରେ ବିଜ୍ଞାନ ପଢ଼ିବାକୁ ଆସିଲି, ପ୍ରାକ୍ଟିକାଲ ଅଭିଜ୍ଞତା ମୋର ବହୁତ ଆସିଲା ।

କଟକ ସହର ଭିତରେ ପିଲାଦିନେ ବୁଲି ବୁଲି ସ୍କୁଲରେ ପଢ଼ିବାରେ ମୋର ଗୋଟେ ପ୍ରାକ୍ଟିକାଲ୍ ଧାରଣା ହୋଇଯାଇଥିଲା ମଣିଷ ଜୀବନ କ'ଣ ? କେଡ଼େ ଅସ୍ଥାୟୀ ଏ ଜୀବନ? ସାମାଜିକ ଜୀବନ କ'ଣ? ଏଠି ହିନ୍ଦୁ ମୁସଲମାନମାନେ ଏକାଠି ଚଳୁଛନ୍ତି । ପୁଣି ହଠାତ୍ ଗଣ୍ଡଗୋଳ ଆରମ୍ଭ ହୋଇ ଏ ତାକୁ ମାରିଲା, ସେ ତାକୁ ମାରିଲା । ଏହି ଅବସ୍ଥାଗୁଡ଼ିକ ଦେଖିଲା ପରେ ମୋ' ଭିତରେ ଗୋଟେ ଦାର୍ଶନିକ ଚିନ୍ତା ଖେଳିଲା । ଥରେ ଗୋଟିଏ ଘଟଣା ଘଟିଲା । ଯାହା ଫଳରେ ମୋ' ଭିତରେ ଗୋଟେ ପ୍ରତିକ୍ରିୟା ଜାତ ହେଲା । ମୁଁ କହିଲି ଈଶ୍ୱରଙ୍କୁ ଦର୍ଶନ ନ କଲେ ଜୀବନ ରକ୍ଷା କରିବି ନାହିଁ । ପ୍ରାୟ ବର୍ଷେ ପର୍ଯ୍ୟନ୍ତ ଏହି ଘଟଣା ଘଟିଲା । ସବା ଶେଷରେ ମୁଁ ମରିବି ବୋଲି ସ୍ଥିର କରିଥିଲି । କିନ୍ତୁ ଗୁରୁକୃପାରୁ ମୁଁ ବଞ୍ଚିଗଲି । ଏସବୁ କଥା ମୋ ଆତ୍ମଜୀବନୀରେ ଲେଖିଛି । ଏହି ସବୁ ଘଟଣା ଯେତେବେଳେ ମଣିଷ ଜୀବନରେ ଘଟେ ତା'ର ଅନ୍ତରାତ୍ମାରେ ଅନେକ ପରିବର୍ତ୍ତନ ଆସେ । ସେ ଅନେକ ଦର୍ଶନ ପାଏ, ଯେଉଁ ଦର୍ଶନ ସାଧାରଣ ଲୋକ ପାଇପାରିବେ ନାହିଁ । ସାଧାରଣ ଜୀବନରେ ଘଟଣା ନଘଟିଲେ, ତୁମେ ଦାର୍ଶନିକ ହୋଇପାରିବ ନାହିଁ । ଦାର୍ଶନିକତା ମୋତେ ସାହିତ୍ୟିକ କରାଇଲା । ମୋର ପ୍ରଥମ ବୃହତ୍ ଉପନ୍ୟାସ ଯାହାକି ଆଜି କାଳଜୟୀ ଉପନ୍ୟାସରେ ପରିଣତ ହେଲା, ତାହାର ନାଁ ହେଉଛି 'ନର କିନ୍ନର' । ୧୯୬୨ ମସିହା ଅକ୍ଟୋବର ୨୪ ତାରିଖରେ ଏହି ବହି ବାହାରିଥିଲା । ଆଜି ପର୍ଯ୍ୟନ୍ତ ଏହି ପୁସ୍ତକଟି ଉଜ୍ଜୀବିତ ହୋଇ ରହିଛି । ବିଭିନ୍ନ ସ୍କୁଲ, କଲେଜର ପାଠ୍ୟପୁସ୍ତକ ଭାବେ ପ୍ରଚଳିତ ହୋଇଛି । ବିଶ୍ୱସ୍ତରୀୟ ସାହିତ୍ୟର ମର୍ଯ୍ୟାଦା ପାଇଛି । ଏହା ପରେ ମୁଁ ମୋ ଜୀବନରେ ଅନେକ ବହି, ଘଟଣା ଲେଖିଛି । 'କରଞ୍ଜିଆ ଡାଏରୀ' ଲେଖିଛି । ମୟୂରଭଞ୍ଜରେ ଗୁଣି, ଗାରେଡ଼ି, ତନ୍ତ୍ର ମନ୍ତ୍ର, ଭୂତପ୍ରେତ ଏମାନଙ୍କ ବିଷୟରେ ଗବେଷଣା କରି ଲେଖିଛି । କେମେଷ୍ଟ୍ରି ବା ରସାୟନ ବିଜ୍ଞାନର ପ୍ରଫେସର ଥିଲି । ବିଜ୍ଞାନ ଶିକ୍ଷା ମୋର ଅନ୍ତରକୁ ପରିବର୍ତ୍ତିତ କଲା । ଜୀବନରେ ଲେଖକ ଭାବରେ ବିଭିନ୍ନ ବିଷୟରେ ବହୁତ ସ୍ଥାନରେ ଶହ ଶହ ବକ୍ତୃତା ଦେଇଛି । ବିଭିନ୍ନ କଲେଜରେ ଅଧ୍ୟକ୍ଷ ଭାବେ ପ୍ରଶାସନିକ ଦାୟିତ୍ୱ ତୁଲାଇଛି । ଡେପୁଟି ଡାଇରେକ୍ଟର, ଅନ୍ତର୍ଜାତୀୟ ସ୍କିଲ୍ ପରିଚାଳନା କରିଛି ।

ଜୀବନର ଅଭିଜ୍ଞତା ଏକାଠି ହୋଇ ମୋ ଜୀବନକୁ ଗଢ଼ିଛି । ଯାହା ଫଳରେ ମୁଁ ଗମ୍ଭୀର ଭାବେ ବିଭିନ୍ନ ବିଷୟରେ ଚିନ୍ତା କରେ । ଆଉ ପରବର୍ତ୍ତୀ ସମୟରେ ତାହାକୁ ସାହିତ୍ୟରେ ପରିଣତ କରେ । ଲେଖିବା ହେଉଛି ନିଜକୁ ଆତ୍ମପ୍ରକାଶ କରିବା ଛଡ଼ା ଆଉ କିଛି ନୁହେଁ । କେବଳ ନିଜ ଭିତରେ ଯେଉଁ ଚିନ୍ତା ଉଠୁଛି, ଲହଡ଼ି ଉଠୁଛି ତାହାକୁ ପ୍ରକାଶ କରିବା ସାହିତ୍ୟିକର କର୍ତ୍ତବ୍ୟ । ସେ ଚିନ୍ତା ସାମାଜିକ ଘଟଣାବଳୀ ହୋଇପାରେ କିମ୍ବା ବିଶ୍ୱ ଚିନ୍ତନ ହୋଇପାରେ । ମଣିଷର ଆତ୍ମଦର୍ଶନ, ମୁଁ କିଏ, ଭଗବାନ ଅଛନ୍ତି କି ନାହିଁ - ଏହି ସବୁ ଚିନ୍ତାଧାରାରୁ ସାହିତ୍ୟ ସୃଷ୍ଟି ହୁଏ । ■

## ପୁସ୍ତକ ପରିଚୟ

### ସ୍ମୃତିର ରଙ୍ଗ

ସଂପାଦନା
ଉମାକାନ୍ତ ମହାନ୍ତି
ହଂସନାଥ ମୁଦୁଲି




ଏକାମ୍ର ସାହିତ୍ୟ ସଂସଦ
ଡୁମଡୁମା (କ), ଖଣ୍ଡଗିରି
ଭୁବନେଶ୍ୱର
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ଉମକାନ୍ତ ମହାନ୍ତି ଓ ହଂସନାଥ ମୁଦୁଲିଙ୍କ ସଂପାଦନାରେ ପ୍ରକାଶ ପାଇଛି ଏକାମ୍ର କବିତା ସମ୍ଭାର-୨୦୨୫ 'ସ୍ମୃତିର ରଙ୍ଗ' । ଏହି ପୁସ୍ତକରେ ଓଡ଼ିଆ ସାହିତ୍ୟ ଜଗତର ୯୮ ଜଣ ବରିଷ୍ଠ ଓ ଯୁବ ଲେଖକଙ୍କ ହୃଦୟସ୍ପର୍ଶୀ କବିତା ସଂକଳିତ ହୋଇଛି । ବୃନ୍ଦାବନ ଜେନାଙ୍କ 'ଅନ୍ଧକାରେ ଯା'ରେ ଆଦରି ନେଲି ମୁଁ', ସଂଗ୍ରାମ କେଶରୀ ମହାନ୍ତିଙ୍କ 'ନୋଳିଆ ଝିଅ', ଡକ୍ଟର ମନସ୍ୱିନୀ ଦାଶଙ୍କ 'କୁଆଡ଼େ ଗଲା ମୋ ଗାଆଁ', ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କ 'ତୁମେ କେବେ ଆସିବ', ଭିକାରୀ ଧଳଙ୍କ 'ପାଉଁଶ ତଳର ଧାସ', ଉମାକାନ୍ତ ରାଉତ (ଅରୂପ)ଙ୍କ 'ଗାଆଁ ଗୀତ', ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ 'ସୁନା ହରିଣୀର ମାୟା', ମୀନାକ୍ଷୀ ସିଂହଙ୍କ 'ସ୍ମୃତି', ହଂସନାଥ ମୁଦୁଲିଙ୍କ 'ନିଆଁ ପରା ମୁଁ ଏଠି', ଗୋସ୍ୱାମୀ ଗୋଲାମ ଦେବତାଙ୍କ 'ଶେଷର ଆରମ୍ଭ', ମାନସରଞ୍ଜନ ମହାପାତ୍ରଙ୍କ 'ନିଜର ବିଚିତ୍ର ଜୀବନ', ଶୈଳବାଳା ମହାପାତ୍ରଙ୍କ 'ବନ୍ଧୁ', ମୌସୁମୀ ଦାସଙ୍କ 'ଛାଇର ଦୈର୍ଘ୍ୟପ୍ରସ୍ଥ', ଗୌର ପଟ୍ଟନାୟକଙ୍କ 'କ୍ରୀତଦାସ' ଆଦି କବିତାରେ ମାନବୀୟ ଭାବାବେଗ, ମନୋରମ ଗ୍ରାମ୍ୟ ପରିବେଶ, ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି ବାବାଜୀ ଚରଣ ଜେନା, ଡକ୍ଟର ଲିଙ୍ଗରାଜ ରଥ, ଚମକ ଚାନ୍ଦିନୀ ଦାଶ,ସର୍ବାଣୀ ଦାସ, ଗୋଲକ ବିହାରୀ ଆଚାର୍ଯ୍ୟ ପ୍ରମୁଖଙ୍କ କବିତାଗୁଡ଼ିକ ମାର୍ମିକ ହୋଇଛି । 'ସ୍ମୃତିର ରଙ୍ଗ'ରେ ସଂକଳିତ କବିତାଗୁଡ଼ିକର ଭାବ, ଭାଷା, ଉପସ୍ଥାପନା ଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଛି । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ଗେଣ୍ଡୁଲି କରୁଛି ଠାକୁର ପୂଜା

କୁନ୍ତଳା ମହାପାତ୍ର





ଆଷାଢ଼
ଆନନ୍ଦ ବଜାର, ମଧ୍ୟଶାସନ
ଜଗତସିଂହପୁର
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୭୫ ଟଙ୍କା

"ପରିଶ୍ରମ କରି ଧନ ଅରଜିବା/ ଯେତେ କଷ୍ଟ ଆସୁ ପଛେ ହେ,/ ଜୀବନେ କର୍ମକୁ ଫାଙ୍କିବାନି କେବେ/ କର୍ମେ ନର ଜିଇଁ ଥାଏ ଯେ ।" (କର୍ମେ ନର ଜିଇଁ ଥାଏ ଯେ) ପ୍ରକୃତରେ ପରିଶ୍ରମ ବିନା ଧନ ଅର୍ଜନ କରିବା ଅସମ୍ଭବ । ଜୀବନରେ ଯେତେ ଦୁଃଖ, କଷ୍ଟ ଆସୁପଛେ କର୍ମ କରିବା ଆବଶ୍ୟକ । କାରଣ କର୍ମ ହିଁ ମଣିଷକୁ ଜୀବନ ବଞ୍ଚିବା ପାଇଁ ପ୍ରେରଣା ଦିଏ । ଏଭଳି ବାସ୍ତବ ଓ ପ୍ରେରଣାପ୍ରଦ ବାର୍ତ୍ତା ରହିଛି କୁନ୍ତଳା ମହାପାତ୍ରଙ୍କ 'ଗେଣ୍ଡୁଲି କରୁଛି ଠାକୁର ପୂଜା' ପୁସ୍ତକର କବିତାଗୁଡ଼ିକରେ । ଏହି ଶିଶୁ କବିତା ପୁସ୍ତକରେ ସନ୍ନିବେଶିତ 'ଗେଣ୍ଡୁଲି କରୁଛି ଠାକୁର ପୂଜା', 'ପାଠକୁ ଆପଣାଇ', 'ସର୍ବେ ହେଲେ ଏକଯୁଟ', 'ଶୁଭ ସାହାନାଇ', 'କର୍ମରେ ସଭିଏଁ ଲାଗିଲେ', 'କୋଇଲିର କୁହୁନାଦ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ସେହିପରି 'ଦୀପାବଳୀ', 'ଦଶହରା ପୂଜା ଆସିଲାଣି', 'ପାର୍ବଣ ତ ଧୀରେ ଆସିଲାଣି' ଆଦି କବିତାରେ ଆମ ସଂସ୍କୃତି, ପରମ୍ପରାର ଚିତ୍ର ପ୍ରତିଫଳିତ ହୋଇଛି । ସେଭଳି 'କଦମ୍ବ ଫୁଲଟି ଫୁଟିଲା', 'ଗଛ ଦିଅନା ହାଣି', 'ଫଗୁଣ ମାସ ଆସିଲା', 'ଗଛ ଲଗାଇବା ପରା', 'ଆକାଶେ ବରଷା ଦେଖି', 'ଟାଣ ଖରା ପରା' ଆଦି କବିତାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପ୍ରକୃତିର କୋପ କଥା ବର୍ଣ୍ଣନା କରାଯାଇଛି । କବିତାଗୁଡ଼ିକର ସରଳ ଓ ବୋଧଗମ୍ୟ ଭାଷା, ଛଳ ଛଳ ଭାବ, ନିରାଡ଼ମ୍ବର ଉପସ୍ଥାପନା ଶୈଳୀ କୁନି କୁନି ପିଲାମାନଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଏ । ■

### ମେଷପାଳକ

ପ୍ରକାଶ ମହାନନ୍ଦିଆ




କମ୍ୟୁନିକେସନ୍ ପବ୍ଲିକେସନ୍
ଅରବିନ୍ଦ ନଗର, ଜୟପୁର
କୋରାପୁଟ
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୧୨୦ ଟଙ୍କା

ନିଜ ସନ୍ତାନସନ୍ତତିମାନଙ୍କୁ ସମାଜର ଜଣେ ଉତ୍ତମ ମଣିଷ କରିବା ପ୍ରତ୍ୟେକ ପିତାମାତାଙ୍କ କର୍ତ୍ତବ୍ୟ ଓ ଗୁରୁଦାୟିତ୍ୱ । ତେବେ ଏହି ଗୁରୁଦାୟିତ୍ୱ ତୁଲାଇବା ବହୁ କଷ୍ଟକର । ଏହାଠାରୁ ବଳି ଆହୁରି କଷ୍ଟକର ହେଉଛି ଯୁବକଯୁବତୀମାନଙ୍କୁ ଶୃଙ୍ଖଳାର ବନ୍ଧନରେ ବାନ୍ଧି ରଖିବା । ସେହିପରି ଅରକ୍ଷିତ ମେଷମାନଙ୍କୁ ଉତ୍ତମ ସ୍ଥାନରେ ଚରାଇବା ମେଷପାଳକମାନଙ୍କ ପାଇଁ ବଡ଼ ଆହ୍ୱାନ । ପ୍ରଭୁଙ୍କର ମେଷମାନଙ୍କୁ ଉତ୍ତମ ଶିକ୍ଷା ଓ ଆଦର୍ଶରେ ପ୍ରତିପାଳନ କରିବା ମଧ୍ୟ ବଡ଼ ଚ୍ୟାଲେଞ୍ଜ । ପ୍ରଭୁ ଯୀଶୁ ଜଣେ ଉତ୍ତମ ମେଷପାଳକ । ଆପଣା ପଲମାନଙ୍କ ପାଇଁ ସେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ଯୀଶୁଙ୍କ ବଳିଦାନକୁ ଏ ଜାତି କେବେ ହେଲେ ଭୁଲି ପାରିବ ନାହିଁ । ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ଥିବା କେତେ ଜଣ ବିଶପଙ୍କ ତ୍ୟାଗପୂତ ଜୀବନକୁ ନେଇ ପ୍ରକାଶ ପାଇଛି ପ୍ରକାଶ ମହାନନ୍ଦିଆଙ୍କ ରଚିତ 'ମେଷପାଳକ' ପୁସ୍ତକ । ଏହି ପୁସ୍ତକରେ 'ନ୍ୟାୟ ଓ ଦୟାର ଆଦର୍ଶ ମେଷପାଳକ ବିଶପ ଡ.ଯାକୁବ ନାଗ', 'ନିର୍ମଳ ଭାବମୂର୍ତ୍ତିର ବ୍ୟକ୍ତିତ୍ୱ ବିଶପ ଅବିନାଶ ଚନ୍ଦ୍ର କନ୍ଦପାନ', 'ଦଳିତ ଓ ଅବହେଳିତ ମାନବର ଆଶାର ଆଲୋକ ବିଶପ ଆନ୍ଥନ ଆଶା', 'ମିଳନ ଓ ଶାନ୍ତିର ବାର୍ତ୍ତାବାହକ ବିଶପ ଥିଓଫିଲାସ ଚେଟୀ', 'ଈଶ୍ୱରଙ୍କ ବିଶ୍ୱସ୍ତ ଦାସ ବିଶପ ବିଜୟ ଦାସବାଘ' ପ୍ରମୁଖ ୧୧ ଜଣ ଜୁ.ଇ.ଲୁ.ମ.ବିଶପମାନଙ୍କ ଜୀବନ, ସ୍ୱପ୍ନ, ବ୍ୟଥା, ବେଦନା, ସଫଳତାର କଥା ବର୍ଣ୍ଣନା କରାଯାଇଛି । ଧର୍ମପରାୟଣ ବ୍ୟକ୍ତିତ୍ୱଙ୍କୁ ଭଲ ପାଉଥିବା ପାଠକମାନଙ୍କୁ ଏହି ପୁସ୍ତକଟି ପ୍ରେରଣା ଦେବ ବୋଲି ଆଶା କରାଯାଏ । ■

## ସଙ୍ଗୀତର ଅରଣ୍ୟରେ




ଅପର୍ଣ୍ଣା ମହାନ୍ତି

ସଙ୍ଗୀତର ଅରଣ୍ୟରେ
ପକ୍ଷୀଟିଏ, ହୁଏ ବାଟବଣା ।

ଆନନ୍ଦ ଓ ବେଦନାର
ଆରୋହ ଅବରୋହରେ
ଥରକୁ ଥର...
ହଜାଇ ଖୋଜୁଥାଏ ସେ
କେଉଁ ଏକ ଅଜ୍ଞାତ ଠିକଣା ।

କେତେ ବାରିଧାରା
କେତେ ନିଦାଘର ତାପ
କେତେ ଶିଶିର ସନ୍ତାପ
ଋତୁ ପରେ ଋତୁ ବଦଳୁଥାଏ,




ଧୀରେ ଧୀରେ କ୍ଳାନ୍ତ ହେଉଥାଏ,
ଗୋଟିକରେ ମୁକ୍ତି
ଆରଟିର ବନ୍ଧନର
ଭାର ବହିବହି
ଉଡୁଥିବା ସେ ପକ୍ଷୀର
ଅନ୍ୱେଷା ବିଭୋର ଦୁଇଡ଼େଣା

ଜୀବନମରଣ ସୁରେ ସୁରେ
ଯାତ୍ରା ସଙ୍ଗୀତ ଗାଉଥାଏ
ଅନବରତ କେହିଜଣେ ।
ଉଚ୍ଚାଟ, ଉଚ୍ଛନ୍ନ କରେ ପକ୍ଷୀକୁ...
କାହିଁକି ଗାଉଥାଏ
କାହା ପାଇଁ ଗାଉଥାଏ
ନିରନ୍ତର...!!
ସେ କଥା ତାକୁ ହିଁ କେବଳ
ଥାଏ ଜଣା... । ■

ଗ୍ରା:/ପୋ: କପାଳେଶ୍ୱର
ଠାକୁରପାଟଣା, କେନ୍ଦ୍ରାପଡ଼ା
ପିନ୍- ୭୫୪୨୫୦

## ଭୋକିଲା





ସତ୍ୟନାରାୟଣ ଗନ୍ତାୟତ

ଭାତ ଜାଉ ହୋଇଗଲା ?
ତ' ବାଢ଼ି ଦିଅ
ଖାଇ ଯିବି ମୁଁ
ଚାଖିବାକୁ ଟିପେ ଲୁଣ ଅଛିଟି ?
ସେଇ ଖୁବ୍ !

କ'ଣ କହିଲ ?
ତରକାରି ଲୁଣିଆ ହୋଇ ଯାଇଛି
କେହି ଖାଉ ନାହାନ୍ତି ?
ତ' ମୋତେ ଦେଉନା
ଚାଟିଚୁଟି ଖାଇଯିବି !
ଡାଲି ବି ପାଣିଆ ହୋଇ ଯାଇଚି
ମୋତେ ଦିଅ, ଗୋଳାଇବା ସହ
ପିଇ ଯିବି ବି !

ହେଇଟି କହି ଦେଉଛି
କେବେ ରୁଟି ପୋଡ଼ିଗଲେ ବି
ରଖି ଦେଇଥିବ ମୋ' ପାଇଁ !!
ଏଇ ତମ ଘରପାଖ ବସ୍ତି ଶେଷରେ
ଜଣକ ପିଣ୍ଡା ହିଁ ଠାବ ମୋର
ନିଇତି ସଞ୍ଜରେ ଆସି ଯାଉଥିବି
ତମଠୁ ଏମିତି କିଛି ନା କିଛି ପାଇବା ଆଶାରେ !

ଜାଣି ପାରୁଥିବ ମୋ' ପେଟରେ
ଜଳୁଥାଏ ଭୋକ ହୁତହୁତ ହୋଇ
ଲୁଣିଆ ପାଣିଆ ପୋଡା ସଢା
ସବୁ କିଛି ଅମୃତୋପମ ମଣି
ସେ ନିଆଁ ଲିଭାଏ ତେଣୁ
ସବୁ କିଛି ଖାଇ !!

ଭୋକର ଜ୍ୱାଳାରେ
ଭୋକିଲା ମୁଁ
ଏଇମିତି ସବୁବେଳେ
ପେଟ ଚାଖଣ୍ଡକ ପାଇଁ !! ■

'ସୁହାସିତମ୍', କସ୍ତୁରୀ ନଗର
ରାୟଗଡ଼ା, ପିନ୍: ୭୬୫୦୦୧
ମୋ: ୯୪୩୭୯୦୯୬୭୫

## ମୁକ୍ତି



ସୁଚରିତା ବେହେରା



ରବିବାର ହେଲେ ସେ ସ୍ତ୍ରୀ ଲୋକଟି ଆସେ ତାଙ୍କ ଗଳିକୁ । ଶାଳପତ୍ର ଓ କାଠି ବିକ୍ରି କରିବାକୁ । ଖାଲି ତାଙ୍କ ଗଳି କାହିଁକି, ଏମିତି ଅନେକ ଗଳି ବୁଲେ ସେ । ସମ୍ବେଦନା ଦେଖେ ତାକୁ ଛାତ ଉପରୁ । ଖବରକାଗଜ ଓ କଫି ମଗରୁ ସ୍ୱତଃସ୍ଫୂର୍ତ୍ତ ଭାବେ ତା' ନଜର ଚାଲିଯାଏ, ସେ ସ୍ତ୍ରୀ ଲୋକଟି ଆଡ଼େ । ସାବନା ବର୍ଣ୍ଣ, ପତଳା ହେଇ ଡେଙ୍ଗା ସ୍ତ୍ରୀ ଲୋକଟି । ମୁଣ୍ଡରେ କାଠିବିଡ଼ା, ହାତରେ ଶାଳପତ୍ର ଭର୍ତ୍ତି ବ୍ୟାଗ୍ । ପାଦରେ ପୁରୁଣା ସ୍ଲିପର୍ ସହିତ ରଙ୍ଗଛଡ଼ା ସୂତା ଶାଢ଼ି ଖଣ୍ଡେ ପିନ୍ଧି ମୁହଁ ଦେହ ଝାଳରେ ସମ୍ପୂର୍ଣ୍ଣ । ତାକୁ ଦେଖିଲେ ସମବେଦନାରେ ସମ୍ବେଦନାର ମନ ବତୁରି ଯାଏ । ଆହାଃ କେତେ ପରିଶ୍ରମ କରୁଛି ସେ! ଆଶ୍ଚର୍ଯ୍ୟ ବି ହୁଏ ବର୍ତ୍ତମାନ ଯୁଗରେ କ'ଣ ଏହାର ଆବଶ୍ୟକତା ଅଛି! କିଏ କିଣୁଥିବ ଏସବୁ । କିନ୍ତୁ ନିଜେ ସମ୍ବେଦନା କିଣେ । କାହିଁକି କିଣେ ତା' ଉତ୍ତର ସେ ଖୋଜିନି ।

କିଛି ସମୟ ପରେ ଗେଟ୍ ଖୋଲି ଭିତରକୁ ପଶିଆସିଲା ସେ । ମୁଣ୍ଡ ଉପରୁ କାଠିବିଡ଼ାତକ ତଳେ ଥୋଇଦେଇ ପୋର୍ଟିକୋରେ ବସିପଡ଼ିଲା । ଏବେ ଆଉ ଅନୁମତିର ଆବଶ୍ୟକତା ହୁଏନି ।

"ଦିଦି, ଆଜି ଥକିଗଲି..., କିଛି ସମୟ ବସିକି ଯିବି ।"

"ବସୁନ୍ତୁ... ।" ସମ୍ବେଦନା ପାଣି ଗ୍ଲାସଟେ ବଢ଼େଇ ଦେଇ କହିଲା ।

"ତୁମେ ସବୁଥର କିଣ ବୋଲି ମୁଁ ଆଉ ପଚାରେନି... ।" ବ୍ୟାଗରୁ ଶାଳପତ୍ର ବିଡ଼ାଟି କାଢ଼ି ସମ୍ବେଦନା ହାତକୁ ବଢ଼େଇ ଦେଉ ଦେଉ କହିଲା । ସମ୍ବେଦନା ସାମାନ୍ୟ ହସି ତା'ଠୁ ଶାଳପତ୍ର ବିଡ଼ାଟି ନେଇ ପଇସା ବଢ଼େଇ ଦେଲା ।

ବେଶ୍ କିଛି ଦିନ ହେଲାଣି ସମ୍ବେଦନା ସହିତ ତା' ଚିହ୍ନା ପରିଚୟ । ସ୍ତ୍ରୀ ଲୋକଟିର ନାମ କମଳା । ଆଗରୁ ବେଶୀ କଥା କହୁନଥିଲା । କେବଳ ଅନୁରୋଧ କରୁଥିଲା ତା' ଜିନିଷ କିଣିବାକୁ । ଏବେ ଆସିଲେ ସପ୍ତାହ ସାରାର କଥା ଗପେ । କେମିତି ଏବେ ଶାଳପତ୍ର ଆଣିବାକୁ ଜଙ୍ଗଲକୁ ଗଲେ ତାକୁ ଗୁଡ଼ାଏ ବାଟ ଯିବାକୁ ହୁଏ, ସେଥିରେ ଫରେଷ୍ଟ ଗାର୍ଡର ତାଗିଦ, ଘରେ ପୁଅର ଦୁଷ୍ଟାମୀ କଥା, ମା'ର ଔଷଧ ପାଇଁ କେତେ ହଇରାଣ ହେଲା.... ସବୁ ଅମୂଳଚୂଳ ଅନର୍ଗଳ ଗପେ । ସେ ଭିତରେ ତା' ନିର୍ଯାତିତ ଅତୀତର ପୃଷ୍ଠାଗୁଡ଼ିକ ବି ଖୋଲି ହୋଇଯାଏ । ଶାଶୁ ଶଶୁରଙ୍କ ଅକଥନୀୟ ଅତ୍ୟାଚାର ସହିତ ସ୍ୱାମୀର ପରୋକ୍ଷ ସମର୍ଥନ କଥା କହିଲା ବେଳେ ତା' ଅନ୍ତରର ବେଦନାକୁ ଖୁବ୍ ଭଲଭାବେ ଅନୁଭବ କରେ ସମ୍ବେଦନା । ସାନ୍ତ୍ୱନା ଦିଏ ତାକୁ ଧୈର୍ଯ୍ୟ ରଖିବାକୁ ।

ସମ୍ବେଦନା ବେଳେ ବେଳେ ମନ ଦେଇ ଶୁଣେ ତା' କଥା...କେତେବେଳେ ଅନ୍ୟମନସ୍କ ବି ହୁଏ, କିନ୍ତୁ କେବେ ମଝିରୁ ତା' କଥା କାଟେନି । କହୁ ଯାହା କହିବା କଥା । ଅନ୍ତତଃ ତା' ମନ ହାଲକା ହେଇଯିବ । ଏଇ ଧାଁ ଦଉଡ଼ ଦୁନିଆରେ କିଏ ଅଛି କାହା କଥା ଶୁଣିବାକୁ । ସମସ୍ତେ ଯେଝା ଦୁନିଆଁରେ ବ୍ୟସ୍ତ । ସମ୍ବେଦନା ବି ତ ବେଳେ ବେଳେ ନିଜ ଲୋକଟିଏ ଖୋଜି ପାଏନି, ଯିଏ ତା' ମନ କଥା ଶୁଣିବ, ବିନା କୌଣସି ସର୍ତ୍ତରେ... ।

"ତତେ କିଛି କହିବି କମଳା... ।" ସାମାନ୍ୟ ଦ୍ୱିଧାର ସହ ସମ୍ବେଦନା କହିଲା ।

"କହୁନ ଦିଦି... ।"

"ତୋ' ସ୍ୱାମୀ ସହିତ କଥାବାର୍ତ୍ତା କରି ଶାଶୂଘରକୁ ଗଲେ ହୁଅନ୍ତାନି...?"

"ଶାଶୁ ଘରକୁ ଗଲେ ମତେ କ'ଣ ମିଳିବ ଦିଦି ?" ବଡ଼ ବଡ଼ ଆଖିରେ ଆଶ୍ଚର୍ଯ୍ୟ ହେଇ ସମ୍ବେଦନାକୁ ଓଲଟା ପ୍ରଶ୍ନ କଲା କମଳା ।

"ମୁକ୍ତି... ଏଇ ହାଡ଼ଭଙ୍ଗା ପରିଶ୍ରମରୁ ତ ତତେ ମୁକ୍ତି ମିଳିବ ।"

ଏଥର ସମ୍ବେଦନା କଥାରେ ହସିଲା କମଳା... । କିଛି ସମୟ ପରେ ଦୃଢ଼ ଅଥଚ ନିର୍ଭୀକ ସ୍ୱରରେ କହିଲା "ପରିଶ୍ରମକୁ ଡରି ମୁଁ ଯିବି ସେଠି ଗାଳି ମାଡ଼ ଖାଇବାକୁ... କେବେ ନୁହେଁ! କାମ ତ ସେଠିବି କରୁଥିଲି, ଏଠିବି କରୁଛି...କିନ୍ତୁ ତଫାତ୍ କ'ଣ ଜାଣିଛ ଦିଦି..., ଏଠି ଶାନ୍ତି ଅଛି, ସ୍ୱାଧୀନତା ଅଛି... ।"

କମଳାର ଶେଷ ବାକ୍ୟଟି ସମ୍ବେଦନାକୁ ଅନେକ କିଛି ଭାବିବାକୁ ବାଧ କରିଥିଲା... । ■

ଫ୍ଲାଟ ନମ୍ବର-ଏଲ୍-୭୦୨
ଜସ୍ମିନ ଗ୍ରୋଭ, ଗାଜିଆବାଦ, ଉତ୍ତର ପ୍ରଦେଶ

## ବାହୁଡ଼ାରେ ଭିଡ଼ ନିୟନ୍ତ୍ରଣ ପାଇଁ କମାଣ୍ଡ କଣ୍ଟ୍ରୋଲ ଭେହିକଲ୍

- ପ୍ରବେଶ ପଥରେ ନଜର ରଖିଛି ଇଆଇ କ୍ୟାମେରା ଓ ଡ୍ରୋନ୍
- ପୁରୀ ଦାୟିତ୍ୱରେ ୬ ହଜାର ପୁଲିସ, ୮୦୦ କେନ୍ଦ୍ରୀୟ ଯବାନ

ଭୁବନେଶ୍ୱର, ୫ ।୭ (ସମିସ): ଗୁଣ୍ଡିଚା ଯାତ୍ରାରେ ପୁରୀରେ ଯେଉଁ ଅଘଟଣ ଘଟିଲା ବାହୁଡ଼ା ଯାତ୍ରାରେ ତାହାର ଯେପରି ପୁନରାବୃତ୍ତି ନଘଟେ ସେଥିଲାଗି ଆଜି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ନିଜେ ପୁରୀରେ ରହି ସୁରକ୍ଷା ବ୍ୟବସ୍ଥା ନିଜେ ତଦାରଖ କରିଥିଲେ । ତାଙ୍କୁ ସହଯୋଗ କରିଥିଲେ ଆଉ ୪ଜଣ ଅତିରିକ୍ତ ପୁଲିସ ଡିଜି ।

ଭିଡ଼ ଉପରେ ନଜର ରଖିବାକୁ ବଡଦାଣ୍ଡରେ ରଖାଯାଇଥିଲା କମାଣ୍ଡ କଣ୍ଟ୍ରୋଲ ଭେହିକଲ୍ । ଏହି ଭ୍ୟାନ ଭିତରୁ ପୂରା ଭିଡ଼ ଉପରେ ନଜର ରଖୁଥିଲା । ଯେଉଁ ସ୍ଥାନରେ ଭିଡ଼ ହେଉଥିଲା ନିୟନ୍ତ୍ରଣ କରିବାକୁ ତ୍ୱରିତ କମାଣ୍ଡ ମଧ୍ୟ ଦିଆଯାଉଥିଲା । ଆଜି ବାହୁଡ଼ାଯାତ୍ରା ବେଳେ ପୁରୀ ସହରରେ ଆଇନ ଶୃଙ୍ଖଳା ପାଇଁ ୬ହଜାର ରାଜ୍ୟ ପୁଲିସ କର୍ମଚାରୀ ଏବଂ ୮୦୦ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ) ଯବାନ ନିୟୋଜିତ ହୋଇଥିଲେ । ସହର ସାରା ୨୭୫ରୁ ଅଧିକ ଏଟିଆଇ-ସକ୍ଷମ ସିସିଟିଭି କ୍ୟାମେରା ଲଗାଯାଇଥିଲା । ଭୁବନେଶ୍ୱର ପ୍ରବେଶ ପଥ ଏବଂ ପିପିଲିରେ ଏଲିଡି ମାଧ୍ୟମରେ ଲୋକଙ୍କୁ ଟ୍ରାଫିକ୍ ସୂଚନା ଦିଆଯାଇଥିଲା । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ଜିଲ୍ଲାପାଳ ଚଞ୍ଚଳ ରାଣା ଏବଂ ପୁଲିସ ଅଧୀକ୍ଷକ ପିନାକ ମିଶ୍ର ଶ୍ରୀଗୁଣ୍ଡିଚା ମନ୍ଦିରରେ ନିୟୋଜିତ ହୋଇ ଦେବତାମାନଙ୍କ ରୀତିନୀତି ଉପରେ ନଜର ରଖିଥିଲେ । ପୁରୀ ବଡ଼ଦାଣ୍ଡର ରଖାଯାଇଥିବା କମାଣ୍ଡ କଣ୍ଟ୍ରୋଲ ଭେହିକିଲ ଭିଡ଼ ଉପରେ ନଜର ରଖିଥିଲା । କମାଣ୍ଡ କଣ୍ଟ୍ରୋଲ ଭେହିକଲ୍ ଭିତରେ ଅଗ୍ନିଶମ ଡିଆଇଜି ଉମା ଶଙ୍କର ଦାଶ ଉପସ୍ଥିତି ରହି ସିସିଟିଭି ମାଧ୍ୟମରେ ପୂରା ଭିଡ଼ ଉପରେ ନଜର ରଖିଥିଲେ । ଭୁବନେଶ୍ୱରରୁ ପୁରୀ ପ୍ରବେଶ ପଥ ଯାଏଁ ଟ୍ରାଫିକ୍ ଉପରେ ନଜର ରଖିଥିଲା ଏଆଇ କ୍ୟାମେରା ଓ ଡ୍ରୋନ୍ । କଣ୍ଟ୍ରୋଲରୁମରୁ ଜଳ, ସ୍ଥଳ ଓ ଆକାଶମାର୍ଗ ମନିଟରିଂ କରାଯାଇଥିଲା ।

## ମହାପ୍ରଭୁଙ୍କ ମାନବୀୟ ଲୀଳା | ଲକ୍ଷ୍ମୀନାରାୟଣ ଭେଟ କରାଇଲେ ଗଜପତି

ପୁରୀ, ୫।୭ (ସମିସ): ଗୁଣ୍ଡିଚା ଯାତ୍ରା ଶେଷ କରି ଭାଇ-ଭଉଣୀଙ୍କୁ ସାଥୀରେ ଧରି ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡୁଥିଲେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ । ସେପଟେ ଶ୍ରୀମନ୍ଦିର ଚାହାଣି ମଣ୍ଡପରେ ରହି ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ ମା' ଲକ୍ଷ୍ମୀ ସାଆନ୍ତାଣୀ । ଏହି ସମୟରେ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତାଳଧ୍ୱଜ ରଥରେ ରହିଥିଲେ ଦେଢ଼ଶୁର ବଡ଼ଠାକୁର ଶ୍ରୀବଳଭଦ୍ର । ତେଣୁ ତାଳଧ୍ୱଜ ରଥରେ ଘେର କପଡ଼ା ଦିଆଯିବା ପରେ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ପାଲିଙ୍କିରେ ମହାଲକ୍ଷ୍ମୀ ସିଂହଦ୍ୱାର ଦେଇ ଶ୍ରୀନଅର ନିକଟକୁ ଆସିଥିଲେ । ସନ୍ଧ୍ୟା ପ୍ରାୟ ୭ଟା ୪୦ରେ ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ଅଟକିଥିଲା । ଗଜପତି ମହାରାଜା ଦିବ୍ୟସିଂହଦେବ ମହାଲକ୍ଷ୍ମୀ (ଶ୍ରୀଦେବୀ)ଙ୍କୁ ହାତରେ ବିଜେ କରାଇ ଆଣି ରଥାରୂଢ଼ କଳାଠାକୁରଙ୍କ ସହ ଭେଟ କରାଇଥିଲେ । ପତି ମହାପାତ୍ର ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଆଣି ଲକ୍ଷ୍ମୀ ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ । ପରେ ପାଲିଙ୍କି ସହ ଗଜପତି ମହାରାଜା ରଥ ପରିକ୍ରମା କରି ରଥ ବାମ ପାର୍ଶ୍ୱରେ ପାରମ୍ପରିକ ରୀତିରେ ବନ୍ଦାପନା କରିଥିଲେ । ପରେ ଶ୍ରୀନଅର ସମ୍ମୁଖରେ ପନ୍ତି ଭୋଗ ସମ୍ପନ୍ନ ହୋଇଥିଲା । ପରେ ମା' ଲକ୍ଷ୍ମୀ ଠାକୁରାଣୀ ପାଲିଙ୍କିରେ ବିଜେ ହୋଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ପରେ ସିଂହଦ୍ୱାର ଅଭିମୁଖେ ଗଡ଼ିଥିଲା ନନ୍ଦିଘୋଷ ରଥ ।

ସୂଚନାଥାଉ କି, ବଡ଼ଦାଣ୍ଡରେ ଶ୍ରୀନଅର ସମ୍ମୁଖରେ ହେଉଥିବା ଏହି ନୀତିକୁ ଲକ୍ଷ୍ମୀ ନାରାୟଣ ଭେଟ କୁହାଯାଏ । ମହାପ୍ରଭୁଙ୍କ ମାନବୀୟ ଲୀଳାର ଏହା ଏକ ଅଂଶ ।

## ଆଜି ହରିଶୟନ ଏକାଦଶୀ

ପୁରୀ, ୫।୭ (ସମିସ): ରବିବାର ହରିଶୟନ ଏକାଦଶୀ । ଏହି ଦିନଠାରୁ ୪ ମାସ ପର୍ଯ୍ୟନ୍ତ ଶୟନ ଯିବେ ମହାପ୍ରଭୁ । ତେବେ ହରିଶୟନ ଯାତ୍ରା ସମ୍ପର୍କରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ରବିବାର ଆଷାଢ଼ ଶୁକ୍ଳ ଏକାଦଶୀ । ଶ୍ରୀଜଗନ୍ନାଥଙ୍କର ଶୟନ ଯାତ୍ରା । ମହାପ୍ରଭୁଙ୍କର ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ । ହରିଶୟନ ଏକାଦଶୀଠାରୁ ଚାରିମାସ ପର୍ଯ୍ୟନ୍ତ ଠାକୁରମାନେ ଶୟନ କରନ୍ତି । କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଏକାଦଶୀ ଦିନ ମହାପ୍ରଭୁ ଶୟନରୁ ଉଠନ୍ତି । ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ଠାକୁରମାନଙ୍କର ସମସ୍ତ ଏକାଦଶୀ ଭଳି ନୀତି ଅନୁଷ୍ଠିତ ହୋଇଥାଏ । ବିଳମ୍ବିତ ରାତିରେ ବଡ଼ସିଂହାର ବେଶ ଓ ବଡ଼ସିଂହାର ଭୋଗ ହୋଇ ମହାସ୍ନାନ ପରେ ଭଣ୍ଡାର ମେକାପ ଭଣ୍ଡାରଘରୁ ସୁବର୍ଣ୍ଣର ଶୟନ ଠାକୁରଙ୍କୁ ତିନିରଥକୁ ବିଜେ କରାଇବେ । ଶ୍ରୀବଳଭଦ୍ର ଦେବଙ୍କ ରଥରେ ବାସୁଦେବ, ଦେବୀ ସୁଭଦ୍ରାଙ୍କ ରଥରେ ଭୁବନେଶ୍ୱରୀ ଓ ଶ୍ରୀଜଗନ୍ନାଥଙ୍କ ରଥରେ

### ୪ ମାସ ଶୋଇବେ ଠାକୁର

ଶ୍ରୀନାରାୟଣ (ଶୟନ ଠାକୁର) ବିଜେ କରିବେ । ପୂଜାପଣ୍ଡା ଶୟନ ଠାକୁରମାନଙ୍କୁ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗକୁ ଲାଗି କରାଇବା ପରେ ରଥ ଉପରେ ମହାସ୍ନାନ ନୀତି ଅନୁଷ୍ଠିତ ହେବ । ଅନ୍ୟାନ୍ୟ ନୀତି ବଢିଲା ପରେ ତିନିଜଣ ପୂଜାପଣ୍ଡା ତିନିରଥରେ ବିଜେ ହୋଇଥିବା ଶୟନ ଠାକୁରମାନଙ୍କୁ ହାତରେ ଧରି ମନ୍ଦିରର ଭଣ୍ଡାର ଦୁଆର ନିକଟକୁ ନେଇଥାନ୍ତି । ସେଠାରେ ପାରମ୍ପରିକ ରୀତି ଅନୁଯାୟୀ, ଶୟନ ନୀତି ଅନୁଷ୍ଠିତ ହୋଇଥାଏ । ଶୟନ ଘରେ ପୂର୍ବରୁ ପେଡ଼ି, ତାଟ, ଶେଯ, ମାଣ୍ଡି ପ୍ରସ୍ତୁତ ରହିଥାଏ । ଠାକୁରମାନେ ଏଥିରେ ଶୟନ କରନ୍ତି । ଏହି ସମୟରେ ପ୍ରସାଦଲାଗି, ପୁଷ୍ପାଞ୍ଜଳି, କର୍ପୂର ଆଳତି, ସାତକାହାଳୀ, ସଞ୍ଜିବତୀ ଓ ଦୁର୍ବାକ୍ଷତ ବନ୍ଦାପନା ପରେ ପେଡ଼ି ବନ୍ଦ କରାଯାଏ । ପେଡ଼ି ଉପରେ ଖୋଳ ପକାଯାଏ । ଏସବୁ ସରି ସମସ୍ତେ ବାହାରକୁ ଆସିଲେ ଶୟନ ଘର ଦ୍ୱାର ମଦନମୋହନଙ୍କ ମୁଦରେ ମୁଦ ଦିଆଯାଇ ବନ୍ଦ କରାଯାଏ । ଏହି ସମୟରେ ଠାକୁରମାନେ ଦକ୍ଷିଣକୁ ମୁହଁ କରି ଶୟନ କରିଥାନ୍ତି । ହରିଶୟନ ଏକାଦଶୀଠାରୁ ଚର୍ତୁମାସ ବ୍ରତ ଆରମ୍ଭ ହୋଇଥାଏ ।

## ଦୁର୍ଘଟଣା ନେଲା ୨ ଜୀବନ

ଅନୁଗୋଳ, ୫ ।୭ (ସମିସ): ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ତୁମୁଣି ଗ୍ରାମ ନବୋଦୟ ବିଦ୍ୟାଳୟ ସମ୍ମୁଖରେ ଶନିବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇ ଆରୋହୀଙ୍କ ମୃତ୍ୟୁ ହୋଇଛି । ସେମାନେ ହେଲେ କଟକ ଜିଲ୍ଲା ତିଗିରିଆ ବ୍ଲକ ସୁଣ୍ଡପାଳ ଗ୍ରାମର ଅମର ରାଉତ (୨୫) ଓ ପ୍ରଭାତ ରାଉତ (୨୪) । ଅମର ଓ ପ୍ରଭାତ ଝାରସୁଗୁଡ଼ା ବେଦାନ୍ତ କାରଖାନାରେ କାର୍ଯ୍ୟ କରନ୍ତି । ଶନିବାର ଉଭୟ ଏକ ବାଇକ୍‌ରେ ଝାରସୁଗୁଡ଼ାରୁ ଘରକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ନବୋଦୟ ବିଦ୍ୟାଳୟ ସମ୍ମୁଖରେ ରାସ୍ତାକଡ଼ରେ ଥିବା ଏକ ପିଲରରେ ଧକ୍କା ହୋଇଥିଲେ । ଗୁରୁତର ଅବସ୍ଥାରେ ପୁଲିସ୍ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗିଲ୍‌ଙ୍କ ବିରଳ...

ୱେଷ୍ଟଇଣ୍ଡିଜ୍ ବିପକ୍ଷ ପୋର୍ଟ ଅଫ୍ ସ୍ପେନ୍ ଟେଷ୍ଟରେ ଭାରତର ସୁନିଲ ଗାଭାସ୍କର ଉଭୟ ଇନିଂସରେ ଦ୍ୱିଶତକ ସାଙ୍ଗକୁ ଶତକ ହାସଲ କରିଥିଲେ । ଏମାନଙ୍କ ବ୍ୟତୀତ ଆଉ ୭ ଜଣ ବ୍ୟାଟର ଏହି ସଫଳତା ହାସଲ କରିଛନ୍ତି ।

ସେହପରି ପ୍ରଥମ ଇନିଂସରେ ଦ୍ୱିଶତକ ହାସଲ କରିବା ସହ ଭାରତୀୟ ବ୍ୟାଟର ଭାବେ ବିଦେଶ ମାଟିରେ ସର୍ବାଧିକ ଟେଷ୍ଟ ସ୍କୋର କରିଥିବା ଗିଲ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିବାରେ ତୃତୀୟ ଭାରତୀୟ ଅଧିନାୟକ ହୋଇଛନ୍ତି । ତାଙ୍କ ପୂର୍ବରୁ ୧୯୭୮ କୋଲକାତାରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସୁନିଲ ଗାଭାସ୍କର ଓ ୨୦୧୪ ଆଡିଲେଡ୍‌ରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷରେ ବିରାଟ କୋହଲି ଅଧିନାୟକ ଭାବେ ଉଭୟ ଇନିଂସରେ ଶତକ ହାସଲ କରିଥିଲେ । ସେହିପରି ବିରାଟ କୋହଲିଙ୍କ ପରେ ଗିଲ୍ ଦ୍ୱିତୀୟ ଭାରତୀୟ ଅଧିନାୟକ ଭାବେ ପ୍ରଥମ ୨ଟି ଟେଷ୍ଟରେ ୩ଟି ଶତକ ହାସଲ କରିଛନ୍ତି ।

### ବାହୁଡ଼ିଲେ ମହାବାହୁ...

ଫେରାଇନେବା ଲାଗି ବଡ଼ଦାଣ୍ଡରେ ଅପେକ୍ଷା କରିଥିଲେ ଲକ୍ଷାଧିକ ଶ୍ରଦ୍ଧାଳୁ । ସେପଟେ ଗୁଣ୍ଡିଚା ମନ୍ଦିରରେ ନୀତିକାନ୍ତି ବି ସଅଳ ଚାଲିଥିଲା । କୁସୁମୀ ଲାଗି ସାରି ଦଇତାପତିମାନେ ଶନିବାର ସକାଳ ୬ଟା ୪୦ରେ ବାହାରିଥିଲେ । ଏହାପରେ ୭ଟା ୫ରେ ମଙ୍ଗଳ ଆଳତି ହୋଇ ସକାଳ ୯ଟା ୧୦ ସୁଦ୍ଧା ଠାକୁରଙ୍କ ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ ଏବଂ ସକାଳ ଧୂପ ସରିଥିଲା । ସକାଳ ଧୂପରେ ମହାପ୍ରଭୁ ଖେଚୁଡ଼ି ଖାଇଥିଲେ । ସକାଳ ୯ଟା ୫୦ରେ ମଙ୍ଗଳାର୍ପଣ ହୋଇଥିଲା । ଆଉ ନିର୍ଦ୍ଧାରିତ ସମୟ (ମଧ୍ୟାହ୍ନ ୧୨ଟା)ର ୨ଘଣ୍ଟା ୫ ମିନିଟ୍ ପୂର୍ବରୁ ଅର୍ଥାତ୍ ସକାଳ ୯ଟା ୫୫ରେ ବାଜିଥିଲା ବିଜେ କାହାଳୀ । ଆରମ୍ଭ ହୋଇଥିଲା ଦାରୁବିଗ୍ରହଙ୍କ ପହଣ୍ଡି । ଧାଡ଼ି ପହଣ୍ଡିରେ ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ ରଥାରୂଢ଼ ହୋଇଥିଲେ । ପରେପରେ ବଡ଼ଠାକୁର ବଳଭଦ୍ର, ହଳଦୀମୁଖୀ ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥାରୂଢ଼ ହୋଇଥିଲେ । ମଧ୍ୟାହ୍ନ ୧୨ଟା ୧୦ ସୁଦ୍ଧା ଚର୍ତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ସରିଥିଲା । ଅଝଟ ନ ହୋଇ ସଅଳ ସଅଳ ରଥକୁ ବିଜେ କରିଥିଲେ ଠାକୁର । ମଧ୍ୟାହ୍ନ ୧୨ଟା ୫୫ ସୁଦ୍ଧା ଠାକୁରଙ୍କ ରୁନ୍ଧା ସରିଥିଲା । ଅପରାହ୍ଣ ୧ଟା ୫ ସୁଦ୍ଧା ମଦନମୋହନ ଓ ରାମକୃଷ୍ଣ ରଥକୁ ବିଜେ କରିବା ପରେ ରଥାରୂଢ଼ ଠାକୁରଙ୍କୁ ପୁଷ୍ପାଳକ ସେବକମାନେ ବେଶରେ ସୁସଜ୍ଜିତ କରାଇଥିଲେ ।

ବେଶ ବଢ଼ିବା ପରେ ଛେରାପହଁରା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଗଜପତି ମହାରାଜା ଦିବ୍ୟସିଂହଦେବ ତାମଯାନରେ ଆସି ଶରଧାବାଲିସ୍ଥିତ ରଥ ନିକଟରେ ପହଞ୍ଚିଥିଲେ । ଆରମ୍ଭ ହୋଇଥିଲା ଛେରାପହଁରା । ତିନିରଥରେ ଗଜପତି ସୁନାବେଣ୍ଟ ଲଗା ଖଡ଼ିକାରେ ଛେରାପହଁରା କରିଥିଲେ । ପ୍ରଥମେ ତାଳଧ୍ୱଜ ପରେ ନନ୍ଦିଘୋଷ ଏବଂ ଶେଷରେ ଦେବଦଳନ ରଥରେ ଛେରାପହଁରା କରିଥିଲେ ଗଜପତି । ଅପରାହ୍ଣ ୨ଟା ୩୦ରୁ ୩ଟା ୩୦ ମଧ୍ୟରେ ଛେରାପହଁରା ପାଇଁ ସମୟ ନିର୍ଘଣ୍ଟ ଥିବା ବେଳେ ୫୦ ମିନିଟ୍ ପୂର୍ବରୁ ଅର୍ଥାତ୍ ଅପରାହ୍ଣ ୨ଟା ୪୦ ମଧ୍ୟରେ ଶେଷ ହୋଇଥିଲା । ତାଳଧ୍ୱଜ ରଥରେ ଛେରାପହଁରା ସରିବା ପରେ ଏହି ରଥରୁ ଚାରମାଳ ଫିଟା ହୋଇ ଘୋଡ଼ା ଲାଗିଥିଲେ । ପରେ ପରେ ନନ୍ଦିଘୋଷ ଏବଂ ଦେବଦଳନ ରଥରୁ ଚାଳମାଳ ଫିଟାଯିବା ସହ ଘୋଡ଼ା ଲାଗି ହୋଇଥିଲେ । ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ କରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା । ହେଲେ ୧ଘଣ୍ଟା ୧୦ମିନିଟ୍ ପୂର୍ବରୁ ଅର୍ଥାତ୍ ଅପରାହ୍ଣ ୨ଟା ୫୦ରେ ଆରମ୍ଭ ହୋଇଥିଲା ରଥଟଣା । ପ୍ରଥମେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣାଯାଇଥିଲା । ପରେପରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇଥିଲା । ଲକ୍ଷ ଲକ୍ଷ ଭକ୍ତ ଜୟ ଜଗନ୍ନାଥ ଧ୍ୱନିରେ ରଥ ଟାଣିଥିଲେ ।

ମାଉସୀ ମା' ମନ୍ଦିର ସମ୍ମୁଖରେ ରଥ ପହଞ୍ଚିବା ପରେ ସେଠାରେ ଠାକୁରଙ୍କୁ ପୋଡ଼ପିଠା ସର୍ପମଣୋହି କରାଯାଇଥିଲା । ମାଉସୀ ମା'ର ପୋଡ଼ପିଠା ଖାଇ ଠାକୁରମାନେ ଶ୍ରୀମନ୍ଦିର ଅଭିମୁଖେ ବାହାରିଥିଲେ । ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ତାଳଧ୍ୱଜ, ୭ଟା ୧୫ରେ ଦର୍ପଦଳନ ଓ ୯ଟା ୩୦ ସୁଦ୍ଧା ନନ୍ଦିଘୋଷ ରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା । ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି ସମ୍ପନ୍ନ ହୋଇଥିଲା । ଏହାପରେ ପୁଣି ନନ୍ଦିଘୋଷ ରଥ ଟଣାଯାଇ ସିଂହଦ୍ୱାରକୁ ନିଆଯାଇଥିଲା । ଏହାପରେ ତିନିରଥକୁ ଧାଡ଼ି କରି ରଖାଯିବା ସହ ପ୍ରଶାସନ ପକ୍ଷରୁ ରଥ ଚତୁଃପାର୍ଶ୍ୱକୁ ବ୍ୟାରିକେଡିଂ କରାଯାଇଛି । ରବିବାର ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ ।

### ଉଦ୍ଧବ-ରାଜ୍ ଏକାଠି...

ପ୍ରତ୍ୟାହାର କରିଥିବାବେଳେ ଦୁଇ ଭାଇ ଏକାଠି ହୋଇ ରାଜ୍ୟ ରାଜନୀତିକୁ ନୂଆ ଦିଗ ଦେବାକୁ ଆଗେଇ ଆସିଛନ୍ତି । ଉକ୍ତ ପ୍ରସ୍ତାବକୁ ଉଦ୍ଧବ ଏବଂ ରାଜ୍ ତୀବ୍ର ବିରୋଧ କରିଥିଲେ । ଉଭୟେ ରାଲି କରି ଏହାକୁ ମରାଠୀ ପରିଚୟ ପାଇଁ ବଡ଼ ବିଜୟ ଭାବେ ଅଭିହିତ କରିଛନ୍ତି । ଏହି ମହାମିଳନ ଲାଗି ମୁମ୍ବାଇର ୱର୍ଲି ସଭାଗୃହରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହାର ନାମ 'ଆୱାଜ ମରାଠିଚା' (ମରାଠୀଙ୍କ ସ୍ୱର) ରଖା ଯାଇଛି । ଦୁଇ ଦଳ ମିଳିତ ଭାବେ ଏହାର ଆୟୋଜନ କରିଛନ୍ତି । ଏଠାରେ ଉଭୟେ ୪୮ ମିନିଟ ପର୍ଯ୍ୟନ୍ତ ହିନ୍ଦୀ-ମରାଠୀ ଭାଷା ବିବାଦ, ମୁମ୍ବାଇ-ମହାରାଷ୍ଟ୍ର, ବିଜେପି ଏବଂ କେନ୍ଦ୍ର ସରକାରକୁ ନେଇ ନିଶାଣ କରିଛନ୍ତି ।

ଏହି ଅବସରରେ ରାଜ୍ ଠାକରେ କହିଛନ୍ତି ଯେ ବାଲ ଠାକ୍‌ରେ ଯାହା କରିପାରି ନ ଥିଲେ ତାହା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀଶ କରି ଦେଖାଇ ଦେଲେ । ଆମ ଦୁଇ ଭାଇଙ୍କୁ ଏକାଠି କରିଦେଲେ । ଏହା ସହିତ ସେ ଫଡନାଭୀଶଙ୍କୁ ସତର୍କ କରିଦେଇଛନ୍ତି । ବିଧାନ ଭବନରେ ଦେବେନ୍ଦ୍ରଙ୍କ କ୍ଷମତା ଥାଇପାରେ, କିନ୍ତୁ ରାସ୍ତାରେ ଆମର କ୍ଷମତା ରହିଛି । ରାଜ୍ ପଚାରିଛନ୍ତି ଯେ ତ୍ରିଭାଷା ନୀତି ତୁମେ କେଉଁଠୁ ପାଇଲ? ଏହା କେବଳ କେନ୍ଦ୍ର ସରକାରଙ୍କଠାରୁ ଆସିଛି । ଏବେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟର ସବୁ କାର୍ଯ୍ୟ ଇଂରାଜୀରେ ହେଉଛି । କିନ୍ତୁ ଅନ୍ୟ କୌଣସି ରାଜ୍ୟରେ ମହାରାଷ୍ଟ୍ର ଭଳି ହେଉନାହିଁ । ଏବେ ମହାରାଷ୍ଟ୍ର ଚେଇଁ ଉଠିଛି, କ'ଣ ହେଉଛି ତୁମେ ତାହା ଦେଖିବ । ହିନ୍ଦୀକୁ ନେଇ ଆମର କୌଣସି ଆପତ୍ତି ନାହିଁ । କିନ୍ତୁ ଏହାକୁ ଜବରଦସ୍ତି ଲଦିବା ଅନୁଚିତ । ଯଦି ମରାଠୀ ପାଇଁ ଲଢିବା ଗୁଣ୍ଡାଗର୍ଦ୍ଦି, ତେବେ ଆମେ ଗୁଣ୍ଡା । ଗୁଜରାଟୀ ହୁଅନ୍ତୁ ଅବା ଆଉ କିଏ, ତାଙ୍କୁ ମରାଠୀ ଆସିବା ଉଚିତ । କିନ୍ତୁ ଯଦି କେହି ମରାଠୀ ଜାଣି ନାହାନ୍ତି ତାଙ୍କ ସହ ମାର୍‌ପିଟ୍ କରିବାର ଆବଶ୍ୟକତା ନାହିଁ । ଯଦି କେହି ଡୁଛାଟାରେ ଡ୍ରାମା କରୁଛି ତେବେ ତାକୁ ବାଡେଇବା ଉଚିତ । କିନ୍ତୁ ଏହାର ଭିଡିଓ ନ ବନାଇବା ଆବଶ୍ୟକ । ଅନ୍ୟପଟେ ରାଜ୍‌ଙ୍କୁ ଫଡନାଭୀଶ ଜବାବ ଦେଇଛନ୍ତି । ବାଲା ସାହେବ ଠାକରେ ଏଥିପାଇଁ ମୋତେ ଧନ୍ୟବାଦ ଦେଉଥିବେ ବୋଲି କହିଛନ୍ତି ।

ଉଦ୍ଧବ କହିଛନ୍ତି ଯେ ଆମକୁ ହିନ୍ଦୁ-ହିନ୍ଦୁସ୍ତାନ ଦରକାର । କିନ୍ତୁ ହିନ୍ଦୀକୁ ଜବରଦସ୍ତି ଲଦିବାକୁ ବରଦାସ୍ତ କରିବୁନି । ଯଦି ତାଙ୍କର ସାତ ପିଢି ଏହା ଚାହାନ୍ତି ତେବେ ବି ଏହା ହେବାକୁ ଦେବୁନି । ସୂଚନାଯୋଗ୍ୟ ଯେ ଶେଷ ଥର ପାଇଁ ୨୦୦୬ରେ ବାଲା ସାହେବ ଠାକରେଙ୍କ ରାଲିରେ ଉଦ୍ଧବ ଏବଂ ରାଜ୍‌ଙ୍କୁ ଏକାଠି ଦେଖିବାକୁ ମିଳିଥିଲା । କିନ୍ତୁ ଉଦ୍ଧବ ଶିବସେନା ମୁଖ୍ୟ ହେବା ପରେ ରାଜ ପରିବାରରୁ ଅଲଗା ହୋଇ ଏମଏନଏସ ଗଢ଼ି ଥିଲେ । ସେତେବେଳେ ଉଭୟଙ୍କ ସମ୍ପର୍କ ଭଲ ନ ଥିଲା ।

### କାହା ଚାପରେ...

ଗତ ୨୧ ତାରିଖରେ ଉପରୋକ୍ତ ୩ ବ୍ୟାଙ୍କକୁ ସରକାରୀ ଅନୁବନ୍ଧିତ ତାଲିକାରୁ ବାଦ୍ ଦେବା ପଛରେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଦର୍ଶାଇଥିଲେ । ଗତ୨ଟି ଆର୍ଥିକ ବର୍ଷରେ ସରକାରଙ୍କ ଫ୍ଲାଗସିପ୍ ଯୋଜନା, ପ୍ରମୁଖ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନରେ ଉପରୋକ୍ତ ୩ ବ୍ୟାଙ୍କ ଅବହେଳା ପ୍ରଦର୍ଶନ କରିଥିଲେ । ଏପରିକି ଗତ ମଙ୍ଗଳବାର ବ୍ୟାଙ୍କ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ସମୟରେ ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ଏନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ । ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଅନେକ ଗରିବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଲୋକମାନଙ୍କୁ ଋଣ ଜରିଆରେ ଆର୍ଥିକ କାର୍ଯ୍ୟକ୍ରମରେ ସାମିଲ କରିବା ସହିତ ସେମାନଙ୍କ ରୋଜଗାର ବୃଦ୍ଧି କରିବା ହେଉଛି ସରକାରଙ୍କ ଲକ୍ଷ୍ୟ; ମାତ୍ର ଏହି ସବୁ ଯୋଜନାଗୁଡ଼ିକରେ ଏହି ତିନିଟି ବ୍ୟାଙ୍କର ପ୍ରଦର୍ଶନ ଓଡ଼ିଶାରେ ଆଦୌ ସନ୍ତୋଷଜନକ ନୁହେଁ । ଏପରିକି ରାଜ୍ୟରେ କୃଷି ଋଣ, ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି ଯୋଜନା, ପିଏମ୍ ସ୍ୱନିଧି ଯୋଜନା, ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା, ଗୃହ ଋଣ, ଶିକ୍ଷା ଋଣ ଓ ରପ୍ତାନୀ ଋଣ ଆଦି ବିଭିନ୍ନ ଜନକଲ୍ୟାଣ ଯୋଜନାରେ ଏହି ବ୍ୟାଙ୍କଗୁଡିକର ପ୍ରଦର୍ଶନ ଅତ୍ୟନ୍ତ ଦୁର୍ବଳ ରହିଥିବା ଜଣାପଡ଼ିଥିଲା । ଏତେସବୁ ପରେ ମଧ୍ୟ କେଉଁ ପରିସ୍ଥିତିରେ ସରକାର ନିଜ ଛେପ ନିଜେ ଢୋକିଲେ ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

### ଏଥର ବର୍ଷାଭିଜା...

ଚାଷୀଭାଇମାନେ ଧାନ ତଳି ଏବଂ ବୁଣାବୁଣି କରିବାକୁ ସେ ପରାମର୍ଶ ଦେଇଛନ୍ତି । ସେହିପରି ରାଜ୍ୟରେ ବର୍ତ୍ତମାନ ବର୍ଷା ଜାରି ରହିଥିବା ବେଳେ ଏନେଇ ନିଜର ଆକଳନ ପ୍ରକାଶ କରିଛନ୍ତି ଡ. ପଶୁପାଳକ । ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ଉପକୂଳରେ ବର୍ଷାର ପରିମାଣ କମିବାର ସମ୍ଭାବନା ରହିଛି । ବର୍ତ୍ତମାନ ସକ୍ରିୟ ଲଘୁଚାପ କ୍ଷେତ୍ର ଝାଡ଼ଖଣ୍ଡର ଧାନ୍‌ବାଦ୍ ଉପରେ ରହିଛି । ଏହା ଆସନ୍ତା ୨ରୁ ୩ ଦିନ ପାଖାପାଖି ସେହି ଅଞ୍ଚଳରେ ରହିବ । ଏହାପରେ ପଶ୍ଚିମ ଝାଡ଼ଖଣ୍ଡ ଓ ସଂଲଗ୍ନ ମଧ୍ୟ ପ୍ରଦେଶରେ ଦୁଇ ଦିନ ରହି ଏହାର ପରବର୍ତ୍ତୀ ଦୁଇ ଦିନ ପ୍ରୟାଗରାଜ ଓ ପାଟଣା ମଧ୍ୟରେ ସକ୍ରିୟ ରହିବ । ଫଳତଃ ଓଡ଼ିଶା ଉପକୂଳରେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ କାଁ ଭାଁ ବର୍ଷା ହୋଇପାରେ ବୋଲି ସେ ଆକଳନ କରିଛନ୍ତି ।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଭଦ୍ରକଠାରୁ ଗଞ୍ଜାମ ପର୍ଯ୍ୟନ୍ତ ଉପକୂଳ ଜିଲ୍ଲାରେ ୬ ଓ ୭ ତାରିଖରେ କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇପାରେ । ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ଦେବଗଡ଼ରେ ୮ ତାରିଖ ପର୍ଯ୍ୟନ୍ତ ଏବଂ ପଶ୍ଚିମ ଓଡ଼ିଶାରେ ସମ୍ବଲପୁରରୁ କଳାହାଣ୍ଡି ପର୍ଯ୍ୟନ୍ତ ସୀମାନ୍ତ ଜିଲ୍ଲାରେ ୯ ତାରିଖ ପର୍ଯ୍ୟନ୍ତ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ଅପରପକ୍ଷେ ଆସନ୍ତାକାଲି ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

### ଆଜି ହୀରାକୁଦ...

ସାଧାରଣତଃ ଜୁଲାଇ ୩୧ ସୁଦ୍ଧା ହୀରାକୁଦର ଜଳସ୍ତର ୬୦୫ ଫୁଟ୍ ପାଖାପାଖି ରହିଥାଏ । କିନ୍ତୁ ଗତକାଲିଠାରୁ ନଦୀବନ୍ଧର ଜଳସ୍ତର ଏହି ସୀମା ଡେଇଁଯାଇଛି । ଗତକାଲି ସଂଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୦୬.୨ ଫୁଟ୍ ଥିବା ବେଳେ ଆଜି ୬୦୮.୦୬ ଫୁଟ୍‌କୁ ବୃଦ୍ଧି ପାଇଛି । ଆଗକୁ ବର୍ଷା ଥିବାରୁ ଏଥିରେ ମଧ୍ୟ ବୃଦ୍ଧି ଘଟିବାର ସମ୍ଭାବନା ରହିଛି ।

ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପିଛା ୧୨୨୮୫୨ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୭୭୯୩ ଘନଫୁଟ ଜଳ ନିଷ୍କାସିତ ହେଉଛି । ପାୱାର ଚ୍ୟାନେଲ ଦେଇ ୩୪୪୯୧ ଘନଫୁଟ, ଶିଳ୍ପାନୁଷ୍ଠାନ ପାଇଁ ୨୩୪ ଘନଫୁଟ, କେନାଲ ପାଇଁ ୩୦୬୮ ଘନଫୁଟ ଜଳ ନିଷ୍କାସିତ ହେଉଛି । ସମ୍ପ୍ରତି ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସିତ ହେଉନାହିଁ । ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୨୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୩୯୫୧୬କ୍ୟୁସେକ, ଖଇରମାଲଠାରେ ୮୬୦୦୦ କ୍ୟୁସେକ, ବାରମୁଲଠାରେ ୯୦୦୦୦ କ୍ୟୁସେକ ଏବଂ ମୁଣ୍ଡଳୀଠାରେ ୧୩୮୧୩୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ । ଗତ ୨୪ଘଣ୍ଟାରେ ଉପରମୁଣ୍ଡରେ ୧୦.୪୯ ମିମି ଏବଂ ତଳମୁଣ୍ଡରେ ୭.୬୪ ମିମି ବର୍ଷା ହୋଇଥିବା ଜଣାପଡ଼ିଛି ।

ଅପରପକ୍ଷେ, ଆସନ୍ତାକାଲି ପ୍ରଥମ ବନ୍ୟାଜଳ ଛଡ଼ାଯିବାକୁ ଥିବାରୁ ଆଜି ଡାକବାଜି ଯନ୍ତ୍ର ସାହାଯ୍ୟରେ ହୀରାକୁଦ ଅବବାହିକା ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରାଯାଇଛି । ବନ୍ୟାଜଳ ନିଷ୍କାସନ ସମୟରେ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି । ସେହିପରି ୪୮ ଘଣ୍ଟା ପୂର୍ବରୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ସମ୍ବଲପୁର, କେନ୍ଦ୍ରୀୟ ରାଜସ୍ୱ ଆୟୁକ୍ତ, କଟକ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ, ବ୍ରହ୍ମପୁରଙ୍କ ସମେତ ମହାନଦୀ ଅବବାହିକାରେ ଥିବା ୧୩ଟି ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଏନେଇ ଅବଗତ କରାଯାଇଛି ।

ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ । ହୀରାକୁଦ ନଦୀବନ୍ଧରେ ୬୪ଟି ସ୍ଲୁଇସ ଫାଟକ ଓ ୩୪ଟି କ୍ରେଷ୍ଟ ଫାଟକ ସହ ମୋଟ ୯୮ଟି ନିଷ୍କାସନ ଫାଟକ ରହିଛି । ଏହା ମାଧ୍ୟମରେ ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରାଯାଇଥାଏ ।

### ସାବଧାନ! ଛେନାରୁ...

ଭୁବନେଶ୍ୱର ଓ କଟକରେ ପାଖାପାଖି ୩ ଶହ ଛେନା, ପନୀର୍ ବେପାରୀ ବିଭିନ୍ନ ସ୍ଥାନରେ ଷ୍ଟଲ୍ କରି ବିକ୍ରି କରୁଛନ୍ତି । ଏମାନେ ସମସ୍ତେ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା, ବାଲିପାଟଣା, ବନମାଳୀପୁର, ପାହାଳ, ଜୋହଳ, ନିଆଳି ଆଦି ସ୍ଥାନରୁ ଆସୁଛନ୍ତି । ଜାତୀୟ ରାଜପଥ ଦେଇ ସହର ଭିତରକୁ ପ୍ରବେଶ କରୁଛନ୍ତି । ଜାତୀୟ ରାଜପଥରେ ଲଗାଣ ବର୍ଷା ଯୋଗୁଁ ବର୍ଷା ପାଣି ଜମି ରହୁଛି । ବେପାରୀମାନେ ଛେନାକୁ ବାଇକ୍ ପଛପଟେ ଝୁଲାଇ ଆଣିବାବେଳେ ବଡ଼ ବଡ଼ ଟ୍ରକ୍ ଓ ଦ୍ରୁତଗାମୀ ଗାଡ଼ି ଯିବାବେଳେ ପାଣି ଛିଟା ଛେନା ଗଣ୍ଠିଲି ଉପରେ ପଡୁଛି । ପତଳା ଧୋତି କପଡ଼ାରେ ଛେନା ବନ୍ଧା ହୋଇଥିବାରୁ ରାସ୍ତାର ମଇଳା ପାଣି ସବୁ ଛେନାରେ ମିଶୁଛି । ତା'ପରେ ଏହାକୁ ଆଣି ବିକ୍ରି କରାଯାଉଛି । ବିଶେଷକରି ସନ୍ଧ୍ୟା ସମୟରେ ରାସ୍ତାକଡ଼ରେ ବିକ୍ରି ହେଉଥିବା ଏସବୁ ଖାଦ୍ୟସାମଗ୍ରୀ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନଜର ଆଢୁଆଳରେ ରହି ଯାଉଛନ୍ତି ।

ଅନ୍ୟପକ୍ଷରେ ରାଜ୍ୟରେ ଏବେ ଡାଇରିଆ ତଥା ଅନ୍ୟାନ୍ୟ ଜଳବାହିତ ରୋଗ ବ୍ୟାପିବାରେ ଲାଗିଛି । ଉପକୂଳ ଓ ଉତ୍ତର ଓଡ଼ିଶାରେ ଡାଇରିଆ କଲବଲ କରିବା ପରେ ଏବେ ଦକ୍ଷିଣ ଓଡ଼ିଶାକୁ ବ୍ୟାପିଛି । ରାଜ୍ୟ ସରକାର ଏଥିପାଇଁ ଏକାଧିକ ସଚେତନତାମୂଳକ ପଦକ୍ଷେପ ନେଉଥିବା କହୁଛନ୍ତି । ହେଲେ ଏଭଳି ଏକାଧିକ ଖାଦ୍ୟ ପଦାର୍ଥ ବିକ୍ରି ଦ୍ରବ୍ୟ ଉପରୁ ତାଙ୍କ ନଜର୍ ହଟିଯାଉଛି । ତେଣୁ ଏହା ଉପରେ ଦୃଷ୍ଟି ଦେଲେ ଡାଇରିଆ ନିୟନ୍ତ୍ରଣ ସହ ଲୋକ ସ୍ୱାସ୍ଥ୍ୟହାନୀରୁ ବର୍ତ୍ତିପାରିବେ ବୋଲି କୁହାଯାଉଛି । ଏ ସମ୍ପର୍କରେ ଜଣେ ବରିଷ୍ଠ ଖାଦ୍ୟ ସୁରକ୍ଷା ଅଧିକାରୀ କହିଛନ୍ତି, ଏହି ବ୍ୟବସାୟୀମାନେ ସନ୍ଧ୍ୟା ସମୟରେ ଆସୁଛନ୍ତି । ନଚେତ୍ ନାଗୁଆ ଦୋକାନରେ ଜିନିଷ ବିକ୍ରି କରି ଚାଲି ଯାଉଛନ୍ତି । ତେଣୁ ଏମାନଙ୍କ ଖାଦ୍ୟ ପଦାର୍ଥ ଯାଞ୍ଚ କରିବା ସମ୍ଭବ ହେଉନି । ଏବେ ଏହା ଉପରେ ମଧ୍ୟ ଯାଞ୍ଚ କରାଯିବ । ଏଥିସହ ଯେଉଁ ଦୋକାନଗୁଡ଼ିକରେ ଏମାନେ ଜିନିଷ ବିକ୍ରି କରୁଛନ୍ତି, ତା'ର ବି ଯାଞ୍ଚ କରାଯାଇ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଯିବ ବୋଲି ସେ କହିଛନ୍ତି ।

### ଅଝଟ ହେଲେ...

କାଳିଆସାଆନ୍ତ । ଭାଇ, ଭଉଣୀଙ୍କ ରଥ ଗଡ଼ିଲା, ହେଲେ ସିଂହଦ୍ୱାରରୁ ଗଡ଼ିଲେନି ଜଗତର ନାଥ । ଦୁଇଦିନ ଟଣା ହୋଇଥିଲା ରଥ ।

ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା ହଳଦୀମୁଖି ସୁଭଦ୍ରାଙ୍କ କ୍ଷେତ୍ରରେ । ସୁନାମୁହିଁଙ୍କ ମୁଖରେ ଥିଲା ବିରସର ଭାଷା । କାହିଁକି ମାଆ କଣ ହେଲା? କିଏ କଲା କି ତ୍ରୁଟି । ସତେଯେମିତି ଆଜି ମାନୁ ନ ଥିଲା ମନ । ଆଡପମଣ୍ଡପ ଛାଡିବାକୁ ନ ଥିଲା ଇଚ୍ଛା । ବାହୁଯାତ୍ରାରେ ପହଣ୍ଡି ବେଳେ ଏ ଦୃଶ୍ୟ ବୟାନ କରୁଥିଲା ଅନେକ କିଛି । କାରଣ ପହଣ୍ଡି ବେଳେ ରଥକୁ ଚଢିବାରେ ଅଝଟ କରିଥିଲେ ଭଉଣୀ ସୁଭଦ୍ରା । ସବୁଥର ଖୁସିଖୁସିରେ ବାହୁଡ । ଏଥର କିନ୍ତୁ ବ୍ୟତିକ୍ରମ ହେଲା । ଗୁଣ୍ଡିଚା ମନ୍ଦିରରୁ ଆସିବା ବେଳେ ହଠାତ୍ ଭାରି ହୋଇଗଲେ । ରଥ ଚାରିପଟେ ବୁଲିବା ବେଳେ ସମ୍ଭାଳି ପାରିଲେନି ସେବାୟତ । ବୁଲିଲେ ସିନା ରଥକୁ ଉଠିବାର ଇଚ୍ଛା କରି ନ ଥିଲେ । ସେବାୟତ ବି ଧଇଁସଇଁ ହୋଇପଡିଲେ ।


**AFFIDAVIT**

By virtue of an affidavit sworn before Notary Public Titilagarh, dated 03.07.2025, I, Anka Bhoi, Address: At-Gohirapadar, Po- Binekela, Ps- Titilagarh, Dist- Balangir, Odisha, Pin- 767033 declare that I have changed my name from **Anka Putel** to **Anka Bhoi.** Henceforth, I shall be known as **Anka Bhoi** for all purposes.

Anka Bhoi

**AFFIDAVIT**

I, **Rekha Bhavani Lakhinana**, D/o Satyanarayana Rao Lakinana, resident of Flat No. C-19, RBI Officers colony, Nayapalli, Bhubaneswar, Pin Code - 751015, Odisha, do hereby declared by this affidavit no. 2033, dtd. 04.07.2025 that from now onwards I shall be known as **Rekha Bhavani Lakinana** for all future purposes.

**AFFIDAVIT**

I, Shaikh Nawshad Ali, aged about 34 years, S/o- Sk Khurshid Ali, resident of Purusottampur, Aranga, Jajpur, PIN- 755007, Odisha declared by this affidavit No. 543, dtd- 03/07/2025 that now onwards I shall be known as **SK NAWSHAD ALI** for all future purposes.

**OFFICE OF THE MUNICIPAL COUNCIL, NAYAGARH**

No. 1409/ Dt. 30.06.2025

**2nd CORRIGENDUM TO TENDER CALL NOTICE NO. 945 DATED 23.04.2025**

**C-620:** Due to unavoidable circumstance the Tender Call Notice No. **945** dated 23.04.2025, Tender Reference No. **MULNGR-04/2025-26,** Tender ID: **2025_ORULB_112796_1** regarding Providing Consultancy Services for Preparation of Comprehensive Drainage Master Plan and DPR for Storm Water Drainage System of Nayagarh Municipality, in the District of Nayagarh, Odisha is hereby cancelled.

Sd/- Executive Officer
Nayagarh Municipality

OIPR - 13134/11/0046/2526

**TPWODL**

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**Tender Notice No. TPWODL/SA/O/SU/2500001011**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Supply of 33KV cable fault detector.**

Interested bidders are to submit Tender Participation Fee and Authorization Letter through email on or before **17th July 2025, 15:00Hrs,** after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- Head-Contracts and Procurement

**AFFIDAVIT**

I, Shaikh Khurshid Ali, aged about 65 years, S/o- Sk Makbul Ali, resident of Purusottampur, Aranga, Jajpur, PIN-755007, Odisha declared by this affidavit No. 544, dtd- 03/07/2025 that now onwards I shall be known as **SK KHURSHID ALI** for all future purposes.

**AFFIDAVIT**

I, Md Nuruddin, aged about 53 years, S/o- Mahammad Mansur, resident of At-Golamahammad Patana, Bhakar Sahi, Dist-Khurda PIN-752103, Odisha declared by this affidavit No-547, dtd- 05/07/2025 that now onwards I shall be known as **MAHAMMAD NURUDDIN** for all future purposes.

**AFFIDAVIT**

I, Sarika Agarwala, aged about 49 years, W/o- Ashok Kumar Agrawala, resident of At-Madanmohanpada, Po/Ps-Angul, Dist-Angul PIN- 759122, Odisha declared by this affidavit No- 483, dtd- 02/06/2025 that now onwards I shall be known as **SARIKA AGRAWALA** for all future purposes.

**AFFIDAVIT**

By virtue of an affidavit No.2367, Dtd.26.06.2025 sworn before the Executive Magistrate, Bhogarai I, Babu Khan, S/o. Mahemud Khan, At. Sukhasanda, Po. S S Patana, Ps. Bhogarai, Dist. Balasore, Odisha, declare that unfortunately my son name spelling as **Mohammad Sadik Reza khan** Pathan instead of correct spelling **Salman Khan** in his Adhar card no. 653933724938. Henceforth, he will be known as **Salman Khan** for all purposes.

# ଗୁଣ୍ଡିଚା ମନ୍ଦିରରୁ ବାହୁଡ଼ିଲେ ତିନି ଠାକୁର







ଭଦ୍ରକ,୫।୭ (ସମିସ)

ଭଦ୍ରକରେ ଆଜି ଶାନ୍ତିଶୃଙ୍ଖଳାର ସହ ପବିତ୍ର ବାହୁଡା ଯାତ୍ରା ଶେଷ ହୋଇଛି । ପ୍ରସିଦ୍ଧ ହରିବୋଲ କ୍ଷେତ୍ର ଭଦ୍ରକ ବ୍ଲକ୍ କେଶପୁର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ତିନି ରଥ ଆଜି ତିହିଡି ବ୍ଲକ ଗୁଆମାଳ ମୋଡସାହି ସ୍ଥିତ ମାଉସୀ ମା ମନ୍ଦିରରୁ ମନ୍ଦିରକୁ ଫେରିଛି। ତିନିରଥକୁ ଶହ ଶହ ସଂଖ୍ୟକ ଶ୍ରଦ୍ଧାଳୁ ଘଣ୍ଟ, ଘଣ୍ଟା, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଦେଇ ଟାଣି ଆଣିଥିଲେ। ମାତା ସୁଭଦ୍ରା ଦେବୀଙ୍କ ଦେବଦଳନ ରଥକୁ ସ୍ୱତନ୍ତ୍ର ଭାବରେ ମହିଳାଙ୍କ ଦ୍ୱାରା ଟଣାଯାଇଥିଲା। ସେହିଭଳି ଭଦ୍ରକ ସହର ସାଳନ୍ଦୀ ବାଇପାସ୍ ସ୍ଥିତ ମାଉସୀମା ମନ୍ଦିରରୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ଶହ ଶହ ସଂଖ୍ୟକ ଭକ୍ତମାନେ ରୀତିନୀତି ସହ ରଥଯାତ୍ରା ଟାଣିଥିଲେ। ସେହିପରି ଦେବଭୂମି ଗବସାହି ସାର୍ବଜନୀନ ରଥ ମାଉସୀମା ମନ୍ଦିର ସାଳନ୍ଦୀ ହସ୍ପିଟାଲରୁ ଆସି ମନ୍ଦିରରେ ପହଞ୍ଚିଛି।

**ଧାମନଗର :** ଆଜି ହେଉଛି ବାହୁଡାଯାତ୍ରା ପ୍ରଭୁ ଜଗନ୍ନାଥ, ବଳଭଦ୍ର, ମାତା ସୁଭଦ୍ରା ୯ ଦିନ କାଳ ମାଉସୀ ମା' ମନ୍ଦିରରେ ରହି ନିତ୍ୟ ଯଥା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ନବମୀ ଦିନ ମାଉସୀ ମା'ଘରେ ପୁଡ ପୀଠ ଖାଇ ଦଶମୀ ଦିନ ଯଥାରୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ପ୍ରଭୁ ଆଜି ମନ୍ଦିରକୁ ବାହୁଡିଛନ୍ତି। ସେହିପରି ଓଡିଶାର ସମସ୍ତ ପୁରପଲ୍ଲୀରେ ପ୍ରଭୁ ଜଗନ୍ନାଥଙ୍କ ବାହୁଡାଯାତ୍ରା ଖୁବ ଧୁମଧାମରେ ପାଳିତ ହେଉଥିବାର ଦେଖାଦେଇଛି। ଏହି ଅବସରରେ ଧାମନଗର ଏନଏସି ଅନ୍ତର୍ଗତ ଶାମପୁର ମେଡିକାଲ ବଜାର, ତାଳପଦା, ଦକ୍ଷିଣବାଡ ଏବଂ ବ୍ଲକର କମାରବନ୍ଧ, ବନ୍ଧଟିଆ, କୋଠାର, ନଦୀଗାଁ, ଚୁଡାକୁଟି, ଦଇପୁର, ପଳିକିରି ଆଦି ସ୍ଥାନରେ ପ୍ରଭୁ ଜଗନ୍ନାଥଙ୍କ ବାହୁଡାଯାତ୍ରା ଖୁବ ଆଡମ୍ବରପୂର୍ଣ୍ଣ ଓ ଭକ୍ତିମୟ ପରବେଶରେ ଢୋଲ, ମୃଦଙ୍ଗ, ଝାଞ୍ଜ, ଶଙ୍ଖ ନାଦରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ରଥ ଟାଣିବା ପାଇଁ ଶହ ଶହ ଶ୍ରଦ୍ଧାଳୁ ଓ ରାଜନେତାଙ୍କ ଭିଡ଼ ଲାଗିବା ସହିତ ଜୟ ଜଗନ୍ନାଥ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଅଂଚଳ ପ୍ରକମ୍ପିତ ହୋଇଥିଲା।

**ଭଦ୍ରକ :** ଭଦ୍ରକ ଦେବଭୂମୀ ଗବସାହିସ୍ଥିତ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ମହାସମାରୋହରେ ଅଂଚଳବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିବା ବେଳେ ଆଜି ବହୁ ଜନସମାଗମରେ ଚତୁର୍ଦ୍ଧାମୂର୍ତ୍ତି ମାଉସୀ ଘର ସାଳନ୍ଦୀ ହସ୍ପିଟାଲରୁ ନିଜ ମନ୍ଦିରକୁ ବାହୁଡ଼ିଛନ୍ତି। ଆଜି ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ବାହୁଡ଼ା ଅବସରରେ ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରାଙ୍କ ପହଣ୍ଡି ପୂଜା ପରେ ରଥ ଉପରେ ଛେରା ପହଁରା କରିଥିଲେ। ନଅ ଦିନ ମଧ୍ୟରେ ମାଉସୀ ମା' ମନ୍ଦିରରେ ସମସ୍ତ ନୀତିକାନ୍ତି ଅନୁଯାୟୀ ନୀତିପୂଜା, ଷୋଡଶ ଉପ.ର ପୂଜା ଉପଚାର ପୂଜା, ଭାଗବତ ପାରାୟଣ, ହେରା ପଞ୍ଚମୀ ନୀତି ପୂଜାର୍ଚ୍ଚନା ସହିତ ଦୈନିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ପ୍ରତ୍ୟହ ସଂଧ୍ୟାରେ ଭଜନ ଅନୁଷ୍ଠିତ ହୋଇଥିଲା। ସେହିପରି ଆଜି ଏହି ଅଂଚଳର ବହୁ ଜଗନ୍ନାଥ ପ୍ରେମୀ ସମବେତ ହୋଇ ଘଣ୍ଟ, ଘଣ୍ଟା, ମାଦଳ, କୀର୍ତ୍ତନ ବାଦ୍ୟର ତାଳେ ତାଳେ ରଥାରୂଢ଼ ଜୀଉଙ୍କୁ ତାଙ୍କ ଦେବଭୂମି ଜଗନ୍ନାଥଙ୍କ ମନ୍ଦିରକୁ ଟାଣି ଟାଣି ନେଇଥିଲେ। ପଥ ମଧ୍ୟରେ ଥିବା ଗୟାଧର ପଣ୍ଡାଙ୍କ ବାସଭବନ ନିକଟରେ ମନ୍ଦିରର ପୂଜକ କାଳିଆ ନନା ମାଉସୀ ଘର ପୋଡ଼ପିଠା ଲାଗିକରିଥିଲେ। ବାହୁଡ଼ା ପଥରେ ବହୁଭକ୍ତ ପ୍ରଭୁଙ୍କୁ ପୂଜାଅର୍ଚ୍ଚନା କରି ମାନସିକ କାମନା କରିଥିଲେ। ମନ୍ଦିର ପରିସରରେ ପହଞ୍ଚିବା ପରେ ରଥାରଢ଼ ଦିଅଁଙ୍କୁ କାନିକା ଭୋଗ ଲାଗି କରାଯିବା ସହିତ ରଥ ଉପରେ ଅଧର ପଣାର ବିଧି ପାଳନ କରାଯାଇଥିଲା। ଜଗନ୍ନାଥ ମନ୍ଦିର ଗବସାହି ରଥଯାତ୍ରା କମିଟି ସଭାପତି ଡାକ୍ତର ପ୍ରଭାସ କୁମାର ମହାନ୍ତି, ସଂପାଦକ ନେପାଳ ଚନ୍ଦ୍ର ଦାସଙ୍କ ସମେତ କମିଟିର କର୍ମକର୍ତ୍ତା ସର୍ବଶ୍ରୀ ଆନନ୍ଦ ଚନ୍ଦ୍ର ଦାସ, ବଂଶୀଧର ବେହୁରା, ପରମାନନ୍ଦ ସାହୁ, ଗୟାଧର ପଣ୍ଡା, ତ୍ରିଲୋଚନ ଦାସ, ଅଶ୍ୱିନୀ କୁମାର ଦାସ, ମୁକ୍ତିକାନ୍ତ ମଲ୍ଲିକ, ସୀତାକାନ୍ତ ଦାସ, ମହେଶ ଦାସ, ଋଷ୍ୟଶୃଙ୍ଗ ନାୟକ, ପ୍ରଦୀପ ପାଲ, ପ୍ରଣତି ମଲ୍ଲିକ, ଅମ୍ବିକା ବଲ୍ଲଭ ସ୍ୱାଇଁ, ଅଜିତ୍ ଦାସ, ଗୋପିନାଥ ମିଶ୍ର, ସଂଜୟ ଦାସ, ବିଜୟ କୁମାର ନାୟକ, ଅଶୋକ ଦାସ, ପ୍ରମୋଦ ଦାସ, ହରେକୃଷ୍ଣ ସ୍ୱାଇଁ, ସାଧନ କୁମାର ସିହ୍ନା, ଗୌରହରି ନାୟକ, ପ୍ରଶାନ୍ତ କୁମାର ସାହୁ, ଦୂର୍ଗା ଚରଣ ଦାସ, ଉମେଶ ଚନ୍ଦ୍ର ନାୟକ, ଭାଗୀରଥି ମହାରଣା, ଗୋପାଳ ଚନ୍ଦ୍ର ଦାସ, ଜୟପାଳ ଦାସ, ଅଶ୍ୱିନୀ ସାହୁ, ସୁକାନ୍ତି ଗୋସ୍ୱାମୀଙ୍କ ସମେତ ସହଯୋଗ କରିଥିଲେ।





**ବାରିକପୁର :** ପବିତ୍ର ରଥଯାତ୍ରାଠାରୁ ମାଉସୀ ଘରେ ନଅ ଦିନ ଖେଳାନିଳା ପରେ ଆଜି ବାହୁଡା ଯାତ୍ରାରେ ରତ୍ନସିଂହାସନକୁ ବାହୁଡ଼ିଛନ୍ତି ତିନି ଠାକୁର। ଏହି ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଭାବ ଉଦ୍ଦୀପନାର ସହିତ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବାଲି ପୋଖରୀ ପଂଚାୟତ ଜଗନ୍ନାଥ ପ୍ରସାଦ ଠାରେ ଗ୍ରାମବାସୀଙ୍କ ଦ୍ୱାରା ବାହୁଡା ଯାତ୍ରା ଆୟୋଜିତ ହୋଇଥିଲା। ଗ୍ରାମର ମାଉସୀ ମା' ମନ୍ଦିରରେ ବଡ଼ ପଣ୍ଡା ପର୍ଶୁରାମ ମିଶ୍ରଙ୍କ ଦ୍ୱାରା ବାହୁଡା ରୀତି ନୀତି ସମ୍ପୂର୍ଣ୍ଣ କରାଯାଇଥିବା ବେଳେ ତିନି ଦିଅଁ ଙ୍କୁ ଭାବ ଭକ୍ତିର ସହିତ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ଜିତେନ୍ଦ୍ର ମହାପାତ୍ର ଛେରା ପହଁରା କରିଥିଲେ। ବୋହୁ ଶ୍ରଦ୍ଧାଳୁ ଭକ୍ତମାନେ ଜଗନ୍ନାଥଙ୍କ ବାହୁଡ଼ା ଉତ୍ସବରେ ଯୋଗ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ସନ୍ତୋଷ ମହାପାତ୍ର, ଗୁଣମଣୀ ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର, ନାରାୟଣ ଚନ୍ଦ୍ର ବେହେରା, ମନୋଜ ମହାପାତ୍ର ପ୍ରଦୀପ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସେହିଭଳି ସର୍ବ ପୁରାତନ ମଞ୍ଜୁରୀ ବଳଦେବଜୀଉ ଠାରେ ପବିତ୍ର ବାହୁଡ଼ା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବୈଦିକ ରୀତି ନୀତି ଅନୁଯାୟୀ ମାଉସୀ ମା ମନ୍ଦିରରେ ପୂଜାର୍ଚ୍ଚନା ପରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇ ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଶହଶହ ଭକ୍ତ ବାହୁଡା ରଥ ଟଣା କାର୍ଯ୍ୟକ୍ରମରେ ନିୟୋଜିତ ହୋଇଥିଲେ। ସେହିପରି ସରସଦା ପଂଚାୟତ ଏକଗୋଲା ଜଗନ୍ନାଥ ମନ୍ଦିର ପୂଜା କମିଟି ପକ୍ଷରୁ ମଧ୍ୟ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାଛଡା ମାଳଦା, ବୟାବନାପୁର, ତୁଳସୀପୁର, ରାଢୋ, ରାଜେନ୍ଦ୍ରପୁର, ନାଆମୀ, ରହଣିଆ, ଡାହାଳାରେ ମଧ୍ୟ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା।



**ଆରଡି :** ଭଦ୍ରକ ସହର ୧୧ନମ୍ବର ୱାର୍ଡ ଅଧୀନ କ୍ଷମାସାଗର ମଠ ପରିସର (ଅସ୍ତଳ) ଶ୍ରୀ ଜଗନ୍ନାଥ ମନ୍ଦିରକୁ ଆଜି ବାହୁଯାତ୍ରାରେ ମହାପ୍ରଭୁ ଫେରିଛନ୍ତି । ଶ୍ରୀରାମ ମନ୍ଦିର ପରିସର ସ୍ଥିତ ମାଉସୀମା ମନ୍ଦିରରୁ ଆଜି ସମସ୍ତ ନୀତିକାନ୍ତିରେ ମହାପ୍ରଭୁଙ୍କୁ ରଥାରୂଢ କରାଯାଇ ଶହ ଶହ ସଂଖ୍ୟକ ଭକ୍ତମାନେ ଘଣ୍ଟକୀର୍ତ୍ତନରେ ରଥଟାଣି ମନ୍ଦିରକୁ ଆଣିଥିଲେ।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ବନମହୋତ୍ସବ




**ଭଦ୍ରକ,୫।୭ (ସମିସ):** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଭଦ୍ରକ ସାତଭଉଣୀ ଉଚ୍ଚ ବିଦ୍ୟାପୀଠ ପରିସରରେ ବନମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାନୁଷ୍ଠାନ ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବେଶର ସୁସ୍ଥ ବାତାବରଣ ନିମିତ ବୃକ୍ଷରୋପଣ ନିହାତି ଜରୁରୀ, ପରିବେଶ ସୁସ୍ଥ ରହିଲେ ମଣିଷ ମଧ୍ୟ ସୁସ୍ଥ ଜୀବନ ଯାପନ କରିପାରିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ନ୍ୟାୟାଳୟର ସମସ୍ତ ବିଚାରପତି ବୃନ୍ଦ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, ସହକାରୀ ସଂରକ୍ଷଣ ବନ୍ୟ ଅଧିକାରୀ ସୁମିତ ମହାନ୍ତି ଓ ଭଦ୍ରକ ଉପଖଣ୍ଡ ଅଧିକାରୀ ପ୍ରୀତିରାଣୀ ଦାସ ତଥା ସାତଭଉଣୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଭାମାମଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ରାସ୍ତାରେ ଆଣ୍ଠୁଏ ପାଣି



**ଅସୁରାଳି,୫।୭ (ସମିସ):** "ଆଜିର ଛାତ୍ର କାଲ ର ଭବିଷ୍ୟତ'। ଶିକ୍ଷାର ବିକାଶରେ ଦେଶର ବିକାଶ ସମ୍ଭବ। ଏଣୁ ଏଥିପାଇଁ ଗୁଣବତ୍ତା ଶିକ୍ଷା ପ୍ରଦାନ କେବଳ ହେଲେ ହେବନି ଏହା ସହ ବିଦ୍ୟାଳୟର ବାତାବରଣ, ଗମନାଗମନ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ କୋରୁଆ ନୋଡାଲ ଉପ୍ରା ବିଦ୍ୟାଳୟରେ ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖିଲେ ଯେ କେହି ଅଭିଭାବକ ନିଜ ପିଲାଙ୍କୁ ଛାଡ଼ିବେ ନାହିଁ। ବର୍ତ୍ତମାନ ବର୍ଷା ଦିନ। ସାମାନ୍ୟ ବର୍ଷାରେ ବିଦ୍ୟାଳୟ ରାସ୍ତାରେ ଜମୁଛି ଆଣ୍ଠୁଏ ଲେଖାଏଁ ପାଣି। ଫଳରେ ଛାତ୍ରଛାତ୍ରୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ଯାଏଁ ୧୯୦ ଛାତ୍ରଛାତ୍ରୀ ପଢୁଛନ୍ତି। କିନ୍ତୁ ବର୍ଷା ଦିନରେ ଗମନାଗମନ ଅସୁବିଧା ଯୋଗୁଁ ଉପସ୍ଥାନ କମିଯାଉଛି। ଏ ନେଇ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ କ୍ଷୋଭ ପ୍ରକାଶ ପାଇଛି। ତୁରନ୍ତ ରାସ୍ତାର ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସାପ କାମୁଡ଼ାରେ ଚାଷୀ ମୃତ

**ଭଦ୍ରକ,୫।୭ (ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ପଞ୍ଚୁଟିକ୍ରି ପଞ୍ଚାୟତ ଖମାରସାହି ଗାଁର ଜଣେ ଚାଷୀଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଉଛନ୍ତି ଗାଁର ବ୍ରହ୍ମାନନ୍ଦ ବାରିକ (୫୨)। ସେ ବିଲରେ ତଳି ପକାଇବାକୁ ଯାଇଥିବାବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା ପରେ କଟକ ସ୍ଥାନାନ୍ତରିତ କରାଯାଇଥିଲା; ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଛି। କୁଆମରା ଛକରୁ ପଞ୍ଚୁଟିକ୍ରି ପର୍ଯ୍ୟନ୍ତ ତାଙ୍କର ମର ଶରୀରକୁ ଶୋଭାଯାତ୍ରାରେ ନିଆଯାଇଥିଲା। ସ୍ଥାନୀୟ ନେତା ଅନିଲ ନାୟକ, ବିଜୟ ଧଳ, ଧ୍ରୁବଚରଣ ନାୟକ, ସଞ୍ଜିବ ନାୟକ, ବଟକୃଷ୍ଣ ବାରିକ ପ୍ରମୁଖ ଶତାଧିକ ଗ୍ରାମବାସୀ ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ବିଜେପି ବିଧାୟକଙ୍କୁ ଗିରଫ କରିବାକୁ ସିପିଆଇ(ଏମ)ର ଦାବି

**ଭଦ୍ରକ,୫।୭ (ସମିସ):** ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିବା ବିଜେପି ବିଧାୟକ ସନ୍ତୋଷ ଖଟୁଆକୁ ତୁରନ୍ତ ଗିରଫ କରିବାକୁ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଦାବି କରାଯାଇଛି। ବାଚସ୍ପତି ନିଜର ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରି ବିଧାୟକ ଶ୍ରୀ ଖଟୁଆଙ୍କୁ ବିଧାନସଭାରୁ ବହିଷ୍କାର କରିବା ଉଚିତ୍ ବୋଲି ଦଳ ଦାବି କରିଛି। ଶ୍ରୀ ଖଟୁଆଙ୍କ ମନ୍ତବ୍ୟ ବିଜେପି ଦଳର ଅସଲ ଚରିତ୍ର, ନୀତି ଓ ଆଦର୍ଶକୁ ପଦାରେ ପକାଇଛି। ରାଜ୍ୟ ଏବଂ ଜାତୀୟ ସ୍ତରର ଗଣମାଧ୍ୟମରେ ଏହି ଘଟଣାର ପରିପ୍ରକାଶ ଦେଶର ମହିଳା ଙ୍କ ସମ୍ମାନ ଓ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସିପିଆଇ(ଏମ) ନେତୃବୃନ୍ଦ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଶ୍ରୀ ଖଟୁଆଙ୍କୁ ଗିରଫ କରାନଗଲେ ଜନଆନ୍ଦୋଳନ ବ୍ୟାପକ ହେବ ବୋଲି ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ମିଳିତ ପ୍ରେସ୍ ବିଜ୍ଞପ୍ତିରେ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ବରିଷ୍ଠ ନେତା ପ୍ରଫୁଲ୍ଲ ପାଢୀ, ବିଷ୍ଣୁ ଦାଶ, ପ୍ରଭାସ ମହାପାତ୍ର, ରାଧାନାଥ ଦାସ ଓ ଗିରିଧାରୀ ନାଥ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ବିଏସ୍‌କେୱାଇ କାର୍ଡ ପୁଣି ଲାଗୁ କରିବାକୁ ଦାବି

**ଧାମନଗର,୫।୭ (ସମିସ):** ଓଡ଼ିଶାରେ ପୁନର୍ବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଡ ଲାଗୁ କରିବାକୁ ସର୍ବସାଧାରଣ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଦୃଢ଼ ଦାବି କରିଛନ୍ତି। ଓଡ଼ିଶାରେ ବିଜେପି ସରକାର ଗଠନ ହେବାପରେ ଆୟୁଷ୍ମାନ ସ୍ୱାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁକରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ବନ୍ଦ ପାଇଁ ଘୋଷଣା କରିଥିଲେ। ହେଲେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଜନସାଧାରଣ ଯେପରି ସହଜରେ ଚିକିତ୍ସା ସୁବିଧା ପାଉଥିଲେ କିନ୍ତୁ ଆୟୁଷ୍ମାନ ଭାରତ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସେହିପରି ସୁବିଧା ସୁଯୋଗ ପାଇପାରୁ ନାହାଁନ୍ତି ବୋଲି ଅଭିଯୋଗ ସାମନାକୁ ଆସିଛି। ଆୟୁଷ୍ମାନ ଭାରତ ଯୋଜନାରେ ଯେପରି ଜଟିଳ ବ୍ୟବସ୍ଥା ରହିଛି ଘରୋଇ ହସ୍ପିଟାଲରେ ରୋଗୀଙ୍କୁ ଗ୍ରହଣ କରିବାକୁ ନାରାଜ ହେଉଛନ୍ତି। ଘରୋଇ ହସ୍ପିଟାଲରେ ରୋଗୀ ଚିକିତ୍ସା ପାଇଁ ଯାଏ ତେବେ ପ୍ରଥମେ ନିଜ ହାତରୁ ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ। ଗରିବ ଲୋକମାନଙ୍କ ପାଇଁ ବର୍ତ୍ତମାନ ଘରୋଇ ହସ୍ପିଟାଲରେ ଚିକିତ୍ସା ହେବା ଭାଗ୍ୟରେ ନାହିଁ। ଗୋପବନ୍ଧୁ ଜନ ଆରୋଗ୍ୟ ଚିକିତ୍ସା ଯୋଜନାରେ ବାହାର ରାଜ୍ୟରେ ସୁବିଧାକୁ ରାଜ୍ୟ ସରକାର ୧୧.୪.୨୫ ମଧ୍ୟରାତ୍ରରୁ ବନ୍ଦକରିଦେଇଛନ୍ତି। ଯଦ୍ଦ୍ୱାରା ହଜାର ହଜାର ରୋଗୀ ହଇରାଣ ହରକତ ହେଉଛନ୍ତି। ବହୁ ଓଡ଼ିଆ ଶ୍ରମିକ ସୁରାଟରେ କାର୍ଯ୍ୟ କରୁଛନ୍ତି। ସରକାରଙ୍କ ନିୟମ ଅନୁସାରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସୁରାଟରେ ସେମାନେ ଚିକିତ୍ସା ହୋଇପାରିବେ ନାହିଁ। ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସେମାନେ ସୁରାଟରେ ମାଗଣାରେ ଜଟିଳ ରୋଗର ଚିକିତ୍ସା ହୋଇପାରୁଥିଲେ। ଯଦି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଅନ୍ୟ ରାଜ୍ୟରେ ରୋଗୀମାନେ ଚିକିତ୍ସା ହୋଇପାରିବେ ନାହିଁ ତେବେ ଏହି ଯୋଜନାର ଆବଶ୍ୟକ ନାହିଁ ବୋଲି ଜନସାଧାରଣଙ୍କ ମଧ୍ୟରେ ଆଲୋଚନା କରୁଛନ୍ତି। ସ୍ୱାସ୍ଥ୍ୟ ହିଁ ସମ୍ପଦ ସମସ୍ତ ରାଜ୍ୟରେ ଜନସାଧାରଣ ଯେପରି ସହଜରେ ଚିକିତ୍ସା ସୁବିଧା ପାଇବେ ସରକାର ଏହି ଦୁଇ ଯୋଜନାକୁ ସଂଶୋଧନ କରନ୍ତୁ ନଚେତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡକୁ ଯଥାଶୀଘ୍ର ପୁନର୍ବାର ଲାଗୁ କରନ୍ତୁ ବୋଲି ଜନସାଧାରଣ ବୁଦ୍ଧିଜୀବୀ ଏବଂ ରୋଗୀମାନେ ଦୃଢ଼ ଦାବି କରିଛନ୍ତି।

## ଧାମନଗର ଛକ-କ୍ଷେଣ୍ଟେପୁର ରାସ୍ତା ପ୍ରଶସ୍ତିକରଣ ହେବ

# ଉଭୟ ପାର୍ଶ୍ୱ ୭ ଫୁଟ ଲେଖାଏଁ ହେବ ସମ୍ପ୍ରସାରଣ

**ଧାମନଗର,୫।୭ (ସମିସ):** ଜାତୀୟରାଜପଥତଥାଧାମନଗର ଛକରୁ ବଡ଼ ବଜାର ଛକଠାରୁ କ୍ଷେଣ୍ଟେପୁର ଦୀର୍ଘ ୧୭ରୁ ୧୮ କିମି ରାସ୍ତା ପ୍ରଶସ୍ତିକରଣ ହେବ। ରାସ୍ତାର ଉଭୟ ପାଶ୍ୱର୍ ୭ ଫୁଟ ଲେଖାଏଁ ସଂପ୍ରସାରଣ କରାଯିବ। ବର୍ତ୍ତମାନ ରାସ୍ତା ଚଉଡ଼ା ୨୨ ଫୁଟ ଥିବା ୧୦ ମିଟର ଅର୍ଥାତ ପାଖାପାଖି ୩୫ ଫୁଟ ପ୍ରସ୍ଥ ହେବାକୁ ଆଉ ୧୩ଫୁଟ ବଢ଼ିବା ସହ ଦୁଇ ପଟକୁ ଅନ୍ୟୂନ ୭ଫୁଟ ଲେଖାଏଁ ହେବ ଏବଂରାସ୍ତା ମଝିରେ ଡିଭାଇଡର ରହିବା ସହ ସୋନ୍ଦର୍ଯ୍ୟ କରଣ କରାଯିବ। ଏଥିପାଇଁ ରାସ୍ତା ପାଶ୍ୱର୍ରେ ଥିବା ଗଛ କଟାହେବା ପାଇଁ ଓଡ଼ିଶା ଫରେଷ୍ଟ କର୍ପୋରେସନ ସହ ବିଭାଗୀୟ ଯୋଗାଯୋଗ ସରିଛି। ବନ ବିଭାଗ ପକ୍ଷରୁ ଗଛ ଗଣାଯିବା ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଗଛ କଟାଯିବା ନେଇ ବନ ବିଭାଗ ଅନୁମାନ କରିଛି। ବର୍ଷା ପାଇଁ ବିଳମ୍ବ ହେଉଥିବାରୁ ଏପର୍ଯ୍ୟନ୍ତ ୧୧୦୦ରୁ ଊର୍ଦ୍ଧ୍ୱ ଗଛ ଗଣତି ସରିଥିବା ବେଳେ ଆସନ୍ତା ୩ ଦିନ ମଧ୍ୟରେ ଏହି ପ୍ରକ୍ରିୟା ସରିବ ବୋଲି ସୂଚନା ମିଳିଛି। ତେବେ ରାସ୍ତା ପ୍ରଶସ୍ତି କରଣ ପୂର୍ବରୁ ମାପଚୁପ କରାଯାଇ ନୂତନ ବୃକ୍ଷ ରୋପଣ କରାଯାଇପାରିଥାନ୍ତା। କିନ୍ତୁ ସେଭଳି କରାନଯାଇ ପ୍ରଥମେ ହଜାର ହଜାର ଗଛ କାଟିବାକୁ ମସୁଧା କରୁଛି ବିଭାଗ। ଯଦ୍ଦ୍ୱାରା ପରିବେଶ ସନ୍ତୁଳନ ବିଗିଡ଼ିବା ସହ ଗ୍ରୀଷ୍ମ ଋତୁରେ ଅଧିକ ଉତ୍ତପ୍ତହେବ ସଡ଼କ। ଯାହାପାଇଁ ଅଧିକ ଦୁର୍ଦ୍ଦଶା ଭୋଗିବେ ପଥଚାରୀ। ଏ ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରକାଶ ପାଣିଙ୍କୁ ଯୋଗାଯୋଗ କରିବାରୁ ଏହି ପ୍ରକଳ୍ପ ୫ ବର୍ଷିଆ। ପ୍ରଥମେ ଗଛ କଟାଯାଇ ସ୍ଥାନ ଅଧିଗ୍ରହଣ ହେବ। ପରେ ପ୍ରଶସ୍ତିକରଣ ଓ ବୃକ୍ଷ ରୋପଣ କରାଯିବ। ତଥାପି ୧୦ ମିଟର ଅବଧି ଭିତରେ ଆସୁଥିବା ବୃକ୍ଷ କଟାଯାଇ ଅନ୍ୟ ଗଛଗୁଡ଼ିକୁ ବାଦ ଦିଆଯିବା ପାଇଁ ନିର୍ଦ୍ଦେଶ ରହିଛି ବୋଲି ସେ କହିଛନ୍ତି।



# ଆନନ୍ଦ ଉଲ୍ଲାସରେ ସରିଲା ବାହୁଡ଼ା ଯାତ୍ରା



**ଅସୁରାଳି, ୫।୭(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜା ଭାବେ ଗ୍ରାମର ବରିଷ୍ଠ ନାଗରିକ ଫକୀର ମୋହନ ଜେନା ଛେରା ପହରା କରି ମାଉସୀମା' ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥ ଉପରକୁ ଅଣାଯାଇଥିଲା। ଶହ ଶହ ଶ୍ରଦ୍ଧାଳୁ ରଥକୁ ଟାଣି ଜଗନ୍ନାଥଙ୍କୁ ବାହୁଡ଼ି ନେଇଥିଲେ। ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ କୋରୁଆ ଗ୍ରାମରେ ଭକ୍ତ ସିଦ୍ଧାର୍ଥ ଶେଖର ନାଥଙ୍କ ଦ୍ୱାରା ରୀତିନୀତି ସମ୍ପାଦିତ କରାଯାଇଥିଲା। ତାଙ୍କ ପିତା ଶ୍ରୀଧର ନାଥ, ମାତା ସନ୍ଧ୍ୟାରାଣୀ ନାଥ, ଭଉଣୀ ଡ. ସୌରକାନ୍ତି ନାଥ, ଶୁଭଶୃତି ନାଥ ଓ ଜ୍ୱାଇଁ ସମୀର ବେହେରା ଉପସ୍ଥିତ ଥିଲେ। ଭକ୍ତ ସିଦ୍ଧାର୍ଥଙ୍କ କହନ୍ତି, ୧୨ ବର୍ଷ ଧରି ଶ୍ରୀ ଜଗନ୍ନାଥଙ୍କ ସମସ୍ତ ଦ୍ୱାଦଶ ଯାତ୍ରା ରୀତିନୀତି ଅନୁଯାୟୀ ସମ୍ପାଦନା ହୋଇଆସୁଛି। ଅନ୍ୟପକ୍ଷରେ, ଅସୁରାଳି, କୋଠାର, ଝାରଡିଆ, ଭଟପୁର, କୋରୁଆ ଆଦି ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ନରସିଂହପୁର ଧୂଷୁରୀ, ବେତାଳିଗାଁ, ନଦିଗାଁ, ରଇପୁର, ସାହୁସାହି, ନୁଆସାହି, ଅନଳଡିହ ଆଦି ଗ୍ରାମରେ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି ବିଶ୍ୱ ପ୍ରସିଦ୍ଧ ବାହୁଡ଼ା ଯାତ୍ରା। ରହିପୁରଠାରେ ରାଜା ଭାବେ ହେମନ୍ତ କୁମାର ମିଶ୍ର, ରାଣୀ ମିନୋରା ତ୍ରିପାଠୀ ଛେରା ପହରା କରିଥିଲେ। ସ୍ଥାନୀୟ ବୁଦ୍ଧିଜୀବୀ ତଥା ପଣ୍ଡିତ ପଞ୍ଚାନନ ମିଶ୍ର, ପୂର୍ବତନ ସରପଞ୍ଚ ସୁଶାନ୍ତ ନାୟକ, କଂଗ୍ରେସ ନେତା ରମେଶ ବେହେରା, ତ୍ରିଲୋଚନ ଦାସ ଓ ଅନ୍ତର୍ଯ୍ୟାମୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷ ଧରି ନରସିଂହପୁର (ଧୂଷୁରୀ), ନଦିଗାଁ ଆଦି ଅନେକ ସ୍ଥାନରେ ଅନୁଷ୍ଠିତ ହୋଇଆସୁଛି। ଧୂଷୁରୀସ୍ଥିତ ବାହୁଡ଼ା ଯାତ୍ରାରେ ନରସିଂହପୁର (ଧୂଷୁରୀ) ଜଗନ୍ନାଥ ମନ୍ଦିରର ସଭାପତି ନିଶିକାନ୍ତ ସ୍ୱାଇଁ, ସମ୍ପାଦକ ନିରୋଦ ବେହେରା ଏବଂ ଶ୍ରୀଜଗନ୍ନାଥ କମିଟି ସଦସ୍ୟଙ୍କ ଦ୍ୱାରା ଧୂଷୁରୀ ବାହୁଡ଼ା ଯାତ୍ରା ମହୋତ୍ସବ ପରିଚାଳିତ ହୋଇଥିଲା।

**ପଦ୍ମପୁର ପଞ୍ଚାୟତ ଏମ୍‌ବିକେଙ୍କୁ ମାଡ଼ ଘଟଣା**

# ଗିରଫ ଦାବିରେ ଓଏଲ୍‌ଏମ୍ କର୍ମଚାରୀ କଲମ ଛାଡ ଆନ୍ଦୋଳନ



**ପଦ୍ମପୁର, ୫।୭(ସମିସ)**

ବାସୁଦେବପୁର ବ୍ଲକର ପଦ୍ମପୁର ପଞ୍ଚାୟତର ମହିଳା ମହାସଂଘର ବୈଠକରେ ଏମବିକେ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ନେଇ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି; ହେଲେ କ୍ୟାଡର ୟୁନିୟନ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ କଲମ ଛାଡ ଆନ୍ଦୋଳନ କରିଛନ୍ତି। ଏହି ବିବାଦ ଦୁଇ ବର୍ଷ ହେବ ଲାଗି ରହିଛି । ଏହି ବିବାଦର ପୂର୍ଣ୍ଣଛେଦ ପକାଇବାକୁ ବ୍ଲକର ଓଏଲଏମର ଅଧିକାରୀ ୩ ତାରିଖରେ ପଦ୍ମପୁର ପଞ୍ଚାୟତରେ ପହଞ୍ଚିଥିଲେ। ମହାସଂଘ କାର୍ଯ୍ୟାଳୟର ବସି ପଦ୍ମପୁର ଆଂଚଳିକ ସଂଚ-୧ ମହିଳାଙ୍କ ସହ ବସି ଆଲୋଚନା ଚାଲିଥିଲା। ବୈଠକରେ ବିପିସି ସନ୍ଦିପ୍ତା ଦାସ, ବିଏମସି ସନ୍ତୋଷ କୁମାର ଜେନା, ଏଲଏସପି ଶଙ୍କର୍ଷଣ ଦାସ, ଏମବିକେ, ମହାସଂଘର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ। ଆଲୋଚନା ପରେ ଖାତା ଦସ୍ତଖତ ହେବାକୁ ବୁଲୁଥିବାର ବେଳେ କିଛି ସଭ୍ୟ ପ୍ରସ୍ତାବିତ ପ୍ରସ୍ତାବକୁ ବିରୋଧ କରି ପାଟିତୁଣ୍ଡ କରିଥିଲେ। ସଭ୍ୟମାନଙ୍କ ସହିତ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖାତା ଛଡାଛଡି ଅବସ୍ଥାରେ ଚିରି ଯାଇଥିଲା। ଯାହାକୁ ନେଇ ହାତାହାତି ହୋଇଥିଲା। ଏହି ଘଟଣାକୁ ନେଇ ବାସୁଦେବପୁର ଥାନାର ପୃଥକ ପୃଥକ ଭାବରେ ଦୁଇଟି ମାମଲା ରୁଜୁ କରାଯାଇଛି। ମଞ୍ଚର ସଭ୍ୟାମାନେ ଏମବିକେଙ୍କୁ ଆକ୍ରମଣ କରିଥିବାରୁ ସେମାନଙ୍କ ବିରୋଧରେ ପୁଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ କଲମ ଛାଡ ଆନ୍ଦୋଳନ କରିଛନ୍ତି। ଏ ନେଇ ବିଡିଓ ତନ୍ମିତା କରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ଆଗରପଡ଼ାରେ ବାହୁଡ଼ା ଯାତ୍ରା



**ବନ୍ତ/ଆଗରପଡ଼ା, ୫।୭ (ସମିସ):** ବାହୁଡ଼ାଯାତ୍ରା ଆଗରପଡ଼ାଠାରେ ଅପୂର୍ବ ଧାର୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରୁ ସ୍ୱତନ୍ତ୍ର ରୀତିନୀତି ସରିବା ପରେ ଅପରାହ୍ନରେ ଶ୍ରୀଜୀଉମାନଙ୍କୁ ମାଉସୀମା ମନ୍ଦିରରୁ ଧାଡ଼ି ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା। ଠାକୁର ରାଜା ତଥା ସୁପ୍ରିମକୋର୍ଟ ଆଡଭୋକେଟ ଜଗତମୋହନ ସିଂହ ରୌପ୍ୟ ଖଡ଼ିକାରେ ଛେରାପହଁରା କରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ରଥ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ଶ୍ରୀଜୀଉମାନେ ମନ୍ଦିରକୁ ବିଜେ କରିଥିଲେ। ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଘୋଷଯାତ୍ରାରେ ସାମିଲ ଥିଲେ। ଇଲେଭେନ ଷ୍ଟାର କ୍ଲବ୍ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଇଣ୍ଟରନ୍ୟାସନାଲ ହ୍ୟୁମାନ ରାଇଟ୍ସ ଫୋରମ ଯୁଗ୍ମ ସଂପାଦିକା ସଂଯୁକ୍ତା ସିଂହ, ଅନିରୁଦ୍ଧ ସିଂହ, ସାମ୍ବାଦିକ ଅକ୍ଷୟ ସିଂହ, ବଳରାମ ଦାସ ପ୍ରମୁଖ ସହଯୋଗ କରିଥିଲେ। ଭାରପ୍ରାପ୍ତ ଥାନାଧିକାରୀ ଦେବରାଜ ଜେନାଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ବାହୁଡ଼ା ଯାତ୍ରାରେ ୫୦୦ ପ୍ୟାକେଟ ପ୍ରସାଦ ବଣ୍ଟନ

**ଅସୁରାଳି, ୫।୭(ସମିସ):** ରଥଯାତ୍ରାର ୯ ଦିନ ପରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀ ଗୁଣ୍ଡିଚା ମନ୍ଦିରରୁ ନିଜ ବଡ଼ଦେଉଳକୁ ଫେରିଆସିବା ପରିପ୍ରେକ୍ଷୀରେ ମାନବ କଲ୍ୟାଣ ସେବା ସଂଗଠନ (କଲ୍ୟାଣୀ) ପକ୍ଷରୁ ପୁରୀରେ ଶ୍ରଦ୍ଧାଳୁଙ୍କୁ ୫୦୦ ପ୍ୟାକେଟ ମହାପ୍ରସାଦ ବଣ୍ଟନ କରାଯାଇଛି। ଏହି ଅବସରରେ ସଭାପତି ଦାଶରଥି ଦାସ, ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, ଯତୀନ ଦାସ, ସଚିନ ଦାସ, ବୃହସ୍ପତି ନାୟକ, ସୁଧାଂଶୁ ଶେଖର ପତ୍ରୀ, ଅରୂପାନନ୍ଦ ଜେନା, ଦୀପକ ସାହୁ, ବିଶ୍ୱଜିତ ଜେନା, ଶକୁନ୍ତଳା ସାହୁ, ପ୍ରଭାତୀ ଚୌଧୁରୀ, ସୀତାରାଣୀ ଗାହାଣ, ସତରୂପା ଷଡ଼ଙ୍ଗୀ, ବିଜୟ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ବୃତ୍ତି ପରୀକ୍ଷାରେ ୭ମ ସ୍ଥାନରେ ଶ୍ରେୟାଂଶୀ



**ଆରଡି, ୫।୭(ସମିସ):** ଭଦ୍ରକ ଜିଲ୍ଲା ଆରଡି ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସପ୍ତମ ଶ୍ରେଣୀର ଛାତ୍ରୀ ଶ୍ରେୟାଂଶୀ ଦାଶ ରାଜ୍ୟସ୍ତରୀୟ ସପ୍ତମଶ୍ରେଣୀ ବୃତ୍ତି ପରୀକ୍ଷାରେ ୭ମ ସ୍ଥାନ ହାସଲ କରିଛନ୍ତି। ସେ ପୂର୍ବରୁ ୫ମ ଶ୍ରେଣୀରେ ସରକାରୀ ବୃତି, ଆଦର୍ଶ ସହ ନବୋଦୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷାକେନ୍ଦ୍ର ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ସେ ପ୍ରଧାନ ଆଚାର୍ଯ୍ୟ ରେଣୁବାଳା ସାମଲ, ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତିଙ୍କ ସହ ସମସ୍ତ ଗୁରୁଜୀ, ଗୁରୁମା ଓ ପରିଚାଳନା କମିଟିକୁ କୃତଜ୍ଞତା ଜଣାଇଛନ୍ତି।

## ଅଧିକ ବସ୍ ଭଡ଼ା ଆଦାୟ ଅଭିଯୋଗ

**ତିହିଡି, ୫।୭(ସମିସ):** ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଯାତ୍ରୀଙ୍କଠାରୁ ଅଧିକ ବସ ଭଡା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ତିହିଡି ଅଞ୍ଚଳବାସୀ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଯଦି ଏ ଦିଗରେ କିଛି ପଦକ୍ଷେପ ନିଆ ନଯାଏ ତେବେ ସେମାନେ ବାଧ୍ୟହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ନିର୍ମଳଚନ୍ଦ୍ର ଦଳେଇ, ସତ୍ୟବ୍ରତ କୁଣ୍ଡ, ତପନ ପଣ୍ଡା, ରାଜକିଶୋର ଲେଙ୍କା, ନାରାୟଣ ଦାସ, ଶ୍ରୀକାନ୍ତ ପଣ୍ଡା, ସ୍ମୃତିରେଖା ପଣ୍ଡା, ମୁକ୍ତିକାନ୍ତ ଭୋଳ, ପୁରସ୍ତମ ବାରିକ ଓ ଲକ୍ଷ୍ମୀଧର ବେହେରା ପ୍ରମୁଖଙ୍କ ଅଭିଯୋଗ ଅନୁସାରେ, ସାଧାରଣ ବସରେ କିଲୋମିଟର ପିଛା ୮୮ ପଇସା ଓ ଏକ୍ସପ୍ରେସ ବସରେ କିଲୋମିଟର ପିଛା ୯୨ ପଇସା ନେବାକୁ ସରକାରୀ ଭାବେ ଧାର୍ଯ୍ୟ ହୋଇଥିବା ବେଳେ ଏହାଠାରୁ ଯଥେଷ୍ଟ ଅଧିକ ଭଡା ଆଦାୟ କରାଯାଉଛି। ଯାହାଫଳରେ ଯାତ୍ରୀ ମାନେ ଶୋଷଣର ଶିକାର ହେଉଛନ୍ତି। ଅନ୍ୟପକ୍ଷେ ଚଳପ୍ରଚଳ କରୁଥିବା ବସଗୁଡିକରେ ରେଟ ଚାଟ ଲଗାଯାଉ ନଥିବାରୁ ଯାତ୍ରୀମାନେ ସଠିକ୍ ଭଡା ସଂପର୍କରେ ଅବଗତ ହୋଇପାରୁ ନାହାନ୍ତି। ସେହିପରି ଏହି ରାସ୍ତାରେ ଚଳପ୍ରଚଳ କରୁଥିବା ଯାନବାହନଗୁଡିକ ମଧ୍ୟରୁ କେତେକ ଯାନର ଫିଟନେସ ଓ ପ୍ରଦୂଷଣ ପ୍ରମାଣପତ୍ର ନାହିଁ। ଏହିସବୁ ଯାନରୁ ନିର୍ଗତ ଧୂଆଁ ଦ୍ୱାରା ପରିବେଶ ପ୍ରଦୂଷଣ ହେଉଛି। ୧୫ ବର୍ଷରୁ ଅଧିକ ହୋଇଥିବା ଯାନକୁ ଫିସନେସ ପ୍ରମାଣପତ୍ର ମିଳିବାର ନିୟମ ନଥିଲେ ମଧ୍ୟ ସେଗୁଡିକ କିଭଳି ଚଳପ୍ରଚଳ କରୁଛନ୍ତି ତାହା ସେମାନଙ୍କୁ ଚକିତ କରିଛି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ପରିବହନ ବିଭାଗ ପକ୍ଷରୁ ଏଥିନେଇ ତଦନ୍ତ କରି ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# ଡାକ୍ତରଙ୍କ ରୋଗୀସେବା ଦକ୍ଷତା ବୃଦ୍ଧି ପାଇଁ ସିଡିଏମ୍‌ଓଙ୍କ ବୈଠକ



**ଭଣ୍ଡାରିପୋଖରୀ, ୫।୭(ସମିସ):** ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ରୋଗୀସେବା ଦକ୍ଷତା ବୃଦ୍ଧି ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ସୁଧିର ରଞ୍ଜନ ନାୟକ ଶନିବାର ଏକ ବୈଠକ କରିଛନ୍ତି। ସୀମିତ ସମ୍ବଳକୁ ଦୃଷ୍ଟିରେ ରଖି ଡାକ୍ତରମାନେ ସମ୍ମୁଖୀନ ହେଉଥିବା ସମସ୍ୟା ମଧ୍ୟରେ ରୋଗୀ ସେବାର ବିଭିନ୍ନ ଦିଗସମ୍ପର୍କରେ ସେ ବିଭିନ୍ନ ପରାମର୍ଶ ଦେଇଥିଲେ। ଶନିବାର ପୂର୍ବାହ୍ନରେ ସି.ଡି.ଏମ.ଓ. ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରି ଭିତ୍ତିଭୂମି, ଅଭାବ ଓ ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସିଡିଏମଓ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଥମ ଗସ୍ତ ଥିଲା। ଏହି ଗସ୍ତ ମୁଖ୍ୟତଃ ରୋଗୀସେବା ଆଧାରିତ ପରାମର୍ଶମୂଳକ ଥିଲା ବୋଲି ସେ ସୂଚନା ଦେଇଥିଲେ। ଇତି ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଇ.ସି.ଜି. ମେସିନ ଯୋଗାଇ ଦିଆଯାଇଛି। ରୋଗୀମାନେ ପରୀକ୍ଷା ପାଇଁ ଆଉ ବାହାରକୁ ଯିବେ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶଲ୍ୟ ଚିକିତ୍ସା ବିଶେଷଜ୍ଞ ଡାକ୍ତର ଥିବାରୁ ଅସ୍ତ୍ରୋପଚାର ଗୃହକୁ କାର୍ଯ୍ୟକ୍ଷମ କରି ତୁରନ୍ତ ସର୍ବନିମ୍ନ ଅସ୍ତ୍ରୋପଚାର ଆରମ୍ଭ କରାଯିବାକୁ ସେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧିକ୍ଷକ ଡା. କମଳାକାନ୍ତ ସ୍ୱାଇଁ, ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡା ସରୋଜ କୁମାର ରାଉଳ, ଡା. ସୁଧାଂଶୁ ଶେଖର ବେହେରା, ଡା. ସୌମ୍ୟରଞ୍ଜନ ରାଉତ, ଡା. ଦେବବ୍ରତ ବିଶ୍ୱାଳ, ଡା. ନବୀନ ପରିଡା, ଡା. ମାଷ୍ଟର ବିଶାଳ ବୈଠକରେ ଉପସ୍ଥିତ ଥିଲେ। ଏଥିପୂର୍ବରୁ ସି.ଡି.ଏମ.ଓ. ଡା. ନାୟକ ମଞ୍ଜୁରୀରୋଡ ଓ ବାରିକପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସେବା ଅନୁଧ୍ୟାନ କରିଥିଲେ।

# ବର୍ଷା ଯୋଗୁଁ ଧାନ ତଳି ନଷ୍ଟ ହେବା ଆଶଙ୍କା



**ବାରିକପୁର, ୫।୭(ସମିସ):** ପହିଲି ରଜଠାରୁ ଆଜିଯାଏଁ ୫-୬ ଦିନ ଶୁଖିଲା ପାଗକୁ ଛାଡିଦେଲେ ଭଣ୍ଡାରିପୋଖରୀ ଅଞ୍ଚଳରେ ପ୍ରତ୍ୟକ ଦିନ ପ୍ରାୟତଃ ଅଳ୍ପ ବହୁତ ବର୍ଷା ହୋଇଛି। ଫଳରେ ଚାଷୀ ଭାଇମାନେ ଚଳିତ ବର୍ଷ ଶୁଖିଲା ତଳି ପକାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଖରିଫ ଧାନ ଚାଷ ପାଇଁ କାଦୁଅ ତଳି ଚାଷୀଙ୍କ ପାଇଁ ଏକମାତ୍ର ଭରସା ପାଲଟିଥିବା ବେଳେ ଲଗାଣ ବର୍ଷା ସେଥିରେ ବାଧା ସୃଷ୍ଟି କରିଛି। ଏକ ସପ୍ତାହ ଧରି ଲଘୁଚାପଜନିତ ବର୍ଷା ଯୋଗୁ ଚାଷୀମାନେ ଏବେ ହନ୍ତସନ୍ତ ହେଉଛନ୍ତି। କେତେକ ସ୍ଥାନରେ କାଦୁଅ ତଳି ପଡ଼ିଥିବା ବେଳେ ବର୍ଷା ଯୋଗୁ ସେଗୁଡିକ ପ୍ରାୟତଃ ପଚି ଯାଇଛି। ଗତ ଶୁକ୍ରବାର ଓ ଶନିବାର ଦିନ ବ୍ଲକ ଅଞ୍ଚଳରେ ମୂଷଳ ଧାରାରେ ବର୍ଷା ହୋଇଥିବା କାରଣରୁ ଗଛ ହୋଇଥିବା କିଛି ତଳି କିଆରି ମଧ୍ୟ ବୁଡ଼ିଯାଇଛି। ଆଗକୁ ଏଭଳି ବର୍ଷା ଲାଗି ରହିଲେ ଏହା ଧାନ ଚାଷପାଇଁ କ୍ଷତି ପହଞ୍ଚାଇବ ବୋଲି ଚାଷୀମାନେ ମତ ଦେଇଛନ୍ତି। ମଞ୍ଜୁରୀରୋଡଠାରୁ ଆରମ୍ଭ କରି ନାଆମୀ, ଆଖୁଆପଦା, ପାଟୁଳି, ବିଷ୍ଣୁପୁର, ନିର୍ଗୁଣ୍ଡି, ରହଣିଆ, ମାଳଦା ପ୍ରମୁଖ ଅଞ୍ଚଳରେ ମାତ୍ରାଧିକ ବର୍ଷା ହୋଇଥିବାରୁ ଖାଲ ଜମି ସହିତ ଢିପ ଜମି ଗୁଡିକ ଜଳ ମଗ୍ନ ହୋଇଥିବା ଦେଖିବାକୁ ମିଳିଛି। ଏହାଛଡା କେତେକ ସ୍ଥାନରେ ଡ୍ରେନେଜ ବ୍ୟବସ୍ଥା ଠିକ ନଥିବାରୁ ଚାଷ ଜମିଗୁଡ଼ିକରୁ ଜଳ ନିଷ୍କାସନ ହୋଇପାରୁନାହିଁ। ଯେଉଁଥିପାଇଁ ଦିନ ଦିନ ଧରି ଜମିଗୁଡିକ ବର୍ଷା ପାଣିରେ ବୁଡି ରହୁଛି। ତେଣୁ ଚାଷ ଜମି ପାର୍ଶ୍ୱବର୍ତ୍ତୀ ଡ୍ରେନେଜ ବ୍ୟବସ୍ଥା ଉପରେ ଜଳସମ୍ପଦ ଓ ଡ୍ରେନେଜ ବିଭାଗ ପକ୍ଷରୁ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଅସୁସ୍ଥ ସାମ୍ବାଦିକଙ୍କୁ ଭେଟିଲେ ବ୍ଲକ୍ ଉପାଧ୍ୟକ୍ଷ



**ବାରିକପୁର/ମଞ୍ଜୁରୀ ରୋଡ, ୫।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ଗ୍ରାମର କାର୍ଯ୍ୟରତ ଯୁବ ସାମ୍ବାଦିକ ମନୋରଞ୍ଜନ ମହାନ୍ତି ଗତ ୫/୬ ଦିନ ହେଲା ଅସୁସ୍ଥ ଅଛନ୍ତି। ସେ ଏବେ କଟକ ସ୍ଥିତ ଏକ ଘରୋଇ ମେଡିକାଲ ଆଇସିୟୁରେ ରହି ଚିକିତ୍ସିତ ହେଉଛନ୍ତି। ସ୍ୱାସ୍ଥ୍ୟ ଅବସ୍ଥାରେ ଟିକିଏ ସୁଧାର ଆସିଥିବା ବେଳେ ଆହୁରି କିଛି ଦିନ ରହି ଚିକିତ୍ସିତ ହେବ ବୋଲି ଜଣାପଡିଛି। ଇତିମଧ୍ୟରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ମେଡିକାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ପରିବାରବର୍ଗଙ୍କ ସହିତ ଆଲୋଚନା କରିଛନ୍ତି। ଏହାଛଡା ବନ୍ଧୁ ସାମ୍ବାଦିକଙ୍କ ଦ୍ରୁତ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି। ଖବର ପାଇ ବ୍ଲକ ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ ମଧ୍ୟ ଅସୁସ୍ଥ ସାମ୍ବାଦିକଙ୍କୁ ଭେଟି ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଆବଶ୍ୟକ ପଡିଲେ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ସମାଜସେବୀ ନରେନ୍ଦ୍ର ସିଂହଙ୍କ ସ୍ମୃତିସଭା



**ବନ୍ତ/ଆଗରପଡ଼ା, ୫।୭(ସମିସ):** ବନ୍ତ ବ୍ଲକ ବିଟିପୁର ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ମୁରବୀ ନରେନ୍ଦ୍ର ସିଂହଙ୍କ ସ୍ମୃତିଚାରଣ ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲାପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ, ପ୍ରାକ୍ତନ ବିଜେଡି ରାଜ୍ୟ ସଂପାଦକ ବିକାଶ ଶ୍ରେଷ୍ଠା, ସତ୍ୟସାଧନ ବେଜ, ଅଧ୍ୟାପକ ଫକୀର ଶଙ୍ଖୁଆ, ସୁସାହିତ୍ୟିକ ଚତୁର୍ଭୁଜ ପହି, କୀର୍ତନ ନାୟକ, ଜଗନ୍ନାଥ ପାତ୍ର, ସୁବୋଧ ସାହୁ, ଗୋଲକ ପୃଷ୍ଟି, ସନ୍ତୋଷ ମହାନ୍ତି, ନନ୍ଦକିଶୋର ନାୟକ ପ୍ରମୁଖ ଶ୍ରୀ ସିଂହଙ୍କ ସ୍ମୃତିଚାରଣ କରିଥିଲେ। ସାମ୍ବାଦିକ ଅକ୍ଷୟ ସିଂହ, ରଂଜନ ସିଂହ, ରାଜେଶ ସିଂହ, ରାକେଶ ସିଂହ ପ୍ରମୁଖ ସଂପର୍କୀୟମାନେ ବିଭିନ୍ନ କାର୍ଯ୍ୟ ସଂପାଦନ କରିଥିଲେ।

## ବିଭିନ୍ନ ମାଇନର କେନାଲରେ ଘାଇ

**ବାରିକପୁର, ୫।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ରହିଥିବା କେନାଲଗୁଡିକର ରକ୍ଷଣାବେକ୍ଷଣା ଅଭାବରୁ ଦିନକୁ ଦିନ ଜଳ ପରିଚାଳନାରେ ଏହା ବ୍ୟାଘାତ ସୃଷ୍ଟି କରୁଛି। ବିଶେଷ କରି କୁରିଗାଁ, ରହଣିଆ, ମାଳଦା, ସରସଦା ପ୍ରମୁଖ ପଂଚାୟତ ଅଞ୍ଚଳରେ ୩ନଂ ମୁଖ୍ୟ କେନାଲ ସହିତ ''କ' ଓ ''ଖ' କେନାଲ ଦ୍ୱାରା ଚାଷ ଜମିଗୁଡିକୁ ଜଳ ଯୋଗା ଯାଇଥାଏ। ଏହାଛଡା ଜଳ ସୁପରିଚାଳନା ପାଇଁ ଏହି ମୁଖ୍ୟ କେନାଲ ସହିତ ଅନେକ ମାଇନର କେନାଲ ରହିଥିଲେ ସୁଦ୍ଧା ସେଗୁଡିକ ସଠିକ ଢଙ୍ଗରେ ମରାମତି ହେଉନାହିଁ। କେଉଁଠି କେନାଲରେ ଦୀର୍ଘ ଦିନ ହେବ ଘାଇ ସୃଷ୍ଟି ହୋଇ ପଡ଼ିରହିଛି ତ ପୁଣି କେଉଁଠି କେନାଲ ଶେଷ ଭାଗ ସମ୍ପୂର୍ଣ୍ଣ ପୋତି ହୋଇଗଲାଣି। ଏପରିକି କେନାଲର ଅନେକ ସ୍ଥାନ ଲତାଗୁଳ୍ମରେ ଛାଇ ଗଲାଣି। ଫଳରେ ଚାଷ ଜମିକୁ ଠିକ ସମୟରେ ପାଣି ଯିବା କଷ୍ଟକର ହୋଇପଡୁଛି। ସରସଦା ଦେଇ ଯାଇଥିବା କଣ୍ଠି ମାଇନର ସମେତ ଆକୁଳି କଣା ମାଇନର, ରହଣିଆ ମାଇନର, କୁରିଗାଁ ମାଇନର, ସଠଗାଁ ମାଇନର, ଗୌଡ଼ବିଶି ନୂଆଗାଁ ମାଇନର ଏହାର ପ୍ରମୁଖ ଉଦାହରଣ। ଯଦିଓ ପାଣି ପଞ୍ଚାୟତ ଅଧୀନରେ ମାଇନରଗୁଡିକ ରହିଛି କିନ୍ତୁ ଅନୁଦାନ ଅଭାବରୁ ଏଯାଏଁ ସେଗୁଡିକର ସଠିକ ମରାମତି ହୋଇପାରୁନଥିବା ଜଣାପଡିଛି। ଯାହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।



**ସହାୟତା ଅପେକ୍ଷାରେ ଭିନ୍ନକ୍ଷମ ପରିବାର**


# ଗୁହାରି ଶୁଣିବାକୁ କେହି ନାହାନ୍ତି



**ବନ୍ତ/ଆଗରପଡ଼ା, ୫।୭(ସମିସ):** ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତସ୍ଥିତ ପାନପଦୀ ଗ୍ରାମରେ ଏହି ବଧିର ବ୍ରାହ୍ମଣ ପରିବାର ବସବାସ କରିଥାନ୍ତି। ପରିବାରର ସମସ୍ତେ ବଧିର। ଉକ୍ତ ଗ୍ରାମରେ ବାଞ୍ଛାନିଧି ପଣ୍ଡାଙ୍କ ଘର। ସେ ତାଙ୍କ ଝିଅ ରେବତୀଙ୍କୁ ତାଳଚେର ଅଞ୍ଚଳର ସୁରେଶ ଦେବତାଙ୍କ ସହ ବିବାହ କରାଇଥିଲେ। ପରବର୍ତ୍ତୀ ସମୟରେ ସୁରେଶ ବାଞ୍ଛାନିଧିଙ୍କ ଘରେ ଘର ଜ୍ୱାଇଁ ହୋଇ ରହିଥିଲେ। ଏହା ପରେ ହଠାତ ବାଞ୍ଛାନିଧି, ସୁରେଶ ଓ ରେବତୀ ବଧିର ହୋଇଯାଇଥିଲେ। ପରେ ରେବତୀଙ୍କ ତିନୋଟି ପୁତ୍ର ସନ୍ତାନ ଜାତ ହୋଇଥିଲେ। ସମୟାନୁକ୍ରମେ ସେହି ପୁଅମାନେ ବଧିର ହୋଇଯାଇଥିଲେ। ସୁରେଶ ସାଳନ୍ଦୀ ଜଳସେଚନ ବିଭାଗରେ ଏନଏମଆର କର୍ମଚାରୀ ରୂପେ ଚାକିରି କରୁଥିଲେ। ସରକାରଙ୍କ ନିୟମାନୁଯାୟୀ ସେ ମଧ୍ୟ ଛଟେଇ ହୋଇଥିଲେ। ଏତିକିରେ ତାଙ୍କ ପରିବାର ଉପରୁ କଳାବାଦଲ ଛାଇ ହଟି ନଥିଲା। ପୁରୋହିତ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ସୁରେଶଙ୍କ ବଡ଼ ପୁଅ ବଜ୍ରାଘାତରେ ପ୍ରାଣ ହରାଇଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ସମ୍ପୂର୍ଣ୍ଣ ରୋଜଗାର ଶୂନ୍ୟ ହୋଇପଡ଼ିଥିଲା। ସାନପୁଅଟି ମଧ୍ୟ ମଧୁମେୟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ଅଭାବରୁ ପ୍ରାଣ ହରାଇଥିଲା। ସୁରେଶଙ୍କ ଅନ୍ୟତମ ପୁଅ ବିକାଶ ଗ୍ରାଜୁଏସନ କରିସାରି ଓଡ଼ିଶା ସରକାରଙ୍କ ଦକ୍ଷତାଭିତ୍ତିକ ତାଲିମ ସାରିବା ପରେ ସରକାରୀ ସି.ଟି ସହ ଓଟିଇଟି ପରୀକ୍ଷାରେ ମଧ୍ୟ କୃତକାର୍ଯ୍ୟ ହୋଇଛନ୍ତି। ୨୦୧୧ ମସିହାରେ ସୁରେଶଙ୍କ ଗୁହାରି ଅନୁସାରେ ଓଡ଼ିଶାର ମାନ୍ୟବର ହାଇକୋର୍ଟ ତାଙ୍କ ପୁଅ ବିକାଶଙ୍କୁ ଥଇଥାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଇତିମଧ୍ୟରେ ୧୩ ବର୍ଷ ବିତିଯାଇଥିଲେ ସୁଦ୍ଧା ପୁଅ ବିକାଶ ଏଯାବତ କୌଣସିଠାରେ ଥଇଥାନ ହୋଇପାରି ନାହାନ୍ତି।

ସେହିପରି ବରଗଡ଼ ଜିଲ୍ଲା ଅତାବିରା ଥାନା ଗୋଡ଼ଭଗା ଗ୍ରାମର ସଂଯୁକ୍ତା ଦାଶ ଓ ସ୍ୱର୍ଗତ କିଶୋରଚନ୍ଦ୍ର ମହାପାତ୍ରଙ୍କ ଝିଅ ମେନକା ଯିଏକି ପିଲାଟିଦିନରୁ ବଧିର। ପାଠ ପଢିବା ସମୟରେ କୋ÷ଣସି ଏକ ମୁହୂର୍ତ୍ତରେ ତାଙ୍କର ବିକାଶ ସହଦେଖା ହୋଇଥିଲା। ଉଭୟ ଉଭୟଙ୍କୁ ବିବାହ କରିଥିଲେ। ମୋନିକା ରାଉରକେଲା ଏସକେଡ଼ିଏଭି ଓମେନ ପଲିଟେକ୍ନିକରୁ ଆଇ.ଟିରେ ଡିପ୍ଲୋମା, ଭୁବନେଶ୍ୱର ଲଳିତକଳା ଏକାଡ଼େମୀରୁ ଡ଼ିଗ୍ରୀ ଓ ଭୁବନେଶ୍ୱର କୌଶଳ ବିକାଶ ପାଠ୍ୟକ୍ରମରେ ଟ୍ରେନିଙ୍ଗ ପାଇଥିଲେ ସୁଦ୍ଧା ଆଜି ସୁଦ୍ଧା କୌଣସି ଚାକିରି ପାଇପାରି ନାହାନ୍ତି। କୋଲକାତା, ଚେନ୍ନାଇ, ଦିଲ୍ଲୀ, ମୁମ୍ବାଇ ପରି ମେଟ୍ରୋ ସିଟିରେ ଆୟୋଜିତ ପ୍ରଦର୍ଶନୀରେ ତାଙ୍କ ଚିତ୍ରକଳା ମଧ୍ୟ ସ୍ଥାନିତ ହୋଇଛି। ସେ ଓଡିଶୀ ନୃତ୍ୟରେ ମଧ୍ୟ ନିଜର ପାରଦର୍ଶିତା ଲାଭ କରିବା ସହ କୁନିକୁନି ପିଲାଙ୍କୁ ଓଡ଼ଶୀ ନୃତ୍ୟ ସହ ଚିତ୍ର କଳାର ଶିକ୍ଷା ଦାନ କରୁଛନ୍ତି। ପ୍ରଶାସନିକ ସ୍ତରରେ ବାରମ୍ବାର ଗୁହାରି କରିଆସୁଥିଲେ ମଧ୍ୟ ସେମାନଙ୍କୁ କେବଳ ପ୍ରତିଶ୍ରୁତି ମିଳୁଛି ବୋଲି ସେ କହିଛନ୍ତି। ତେଣୁ ମୋନିକା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଓ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଚିତ୍ର ଆଙ୍କି ସେମାନଙ୍କ ଫଟୋଚିତ୍ର ସହ ନିଜ ପରିବାରର ଦୁଃଖକୁ ପତ୍ର ମାଧ୍ୟମରେ ଜଣାଇ ତାଙ୍କୁ ଓ ତାଙ୍କ ଦିବ୍ୟାଙ୍ଗ ସ୍ୱାମୀଙ୍କୁ ସରକାରୀ ଚାକିରିଟିଏ ପ୍ରଦାନ କରିବାକୁ ପ୍ରାର୍ଥନା କରିଥିବା ଜଣାପଡ଼ିଛି। ପୂର୍ବରୁ ଗତ ବର୍ଷ ୨୦୨୩ ଫେବୃଆରୀ ମାସରେ ମୋନିକା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚିତ୍ର ଆଙ୍କି ଉଭୟଙ୍କ ପଟୋଚିତ୍ର ସହ ନିଜ ପରିବାରର ଦୁଃଖକୁ ପତ୍ର ମାଧ୍ୟମରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଜଣାଇଥିଲେ। ଅଦ୍ୟାବଧି ତାଙ୍କ ଗୁହାରିକୁ କେହିବି ଶୁଣି ନାହାନ୍ତି। ଆଜି ପର୍ଯ୍ୟନ୍ତ ସହାୟତାକୁ ଅପେକ୍ଷା କରି ବସିଛନ୍ତି ଏହି ବଧିର ପରିବାର।

# ରୁଷ୍‌ରେ ସନ୍ତାନ ଜନ୍ମ ପାଇଁ ମହିଳାଙ୍କୁ ମିଳୁଛି ଲକ୍ଷେ ଟଙ୍କା



ମସ୍କୋ, ୫।୭(ଏଜେନ୍ସି): ରୁଷ୍‌ରେ ଜନସଂଖ୍ୟାରେ ଅବନତୀକୁ ଲକ୍ଷ୍ୟ କରି ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । କମ୍ ବୟସର ମହିଳାମାନଙ୍କୁ ପିଲା ଜନ୍ମ କରିବାକୁ ପ୍ରୋତ୍ସାହିତ କରାଯାଉଛି । ପିଲା ଜନ୍ମ କରୁଥିବା ମହିଳାଙ୍କୁ ଏହିକ୍ରମରେ ଲକ୍ଷେ ଟଙ୍କା ଦିଆଯାଉଛି । ରୁଷିଆର ୧୦ଟି ଅଞ୍ଚଳରେ ଗତ ମାର୍ଚ୍ଚରୁ ଏହି ନିୟମ ଲାଗୁ କରାଯାଇଛି । ଦେଶରେ ଜନସଂଖ୍ୟାରେ ଅବନତୀ ହେଉଛି । ପୁଣି ଦେଶରେ ବୟସ୍କ ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ପୂର୍ବରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ପାଇଁ ଏହି ନିୟମ ଲାଗୁ ହୋଇଥିଲା । ଏବେ ୧୮ ବର୍ଷରୁ କମ୍ ଅର୍ଥାତ୍ ନାବାଳିକାଙ୍କ ପାଇଁ ଏହି ନିୟମ ଲାଗୁ କରାଯାଇଛି । ୨୦୨୩ରେ ରୁଷ୍‌ରେ ପ୍ରତ୍ୟେକ ମହିଳା ହାରାହାରି ୧.୪୧ ପିଲା ଜନ୍ମ ଦେଉଥାନ୍ତି । କିନ୍ତୁ ଜନସଂଖ୍ୟା ସ୍ଥିର ରଖିବାକୁ ହେଲେ ଏହା ୨.୦୫ ରହିବା ଆବଶ୍ୟକ ବୋଲି କୁହାଯାଇଛି । ଜନସଂଖ୍ୟା ଦୃଷ୍ଟିକୋଣରୁ ରୁଷ୍ ଏବେ ବିଶ୍ୱର ୯ମ ସ୍ଥାନରେ ରହିଛି । ୟୁକ୍ରେନ ସହ ଚାଲିଥିବା ଯୁଦ୍ଧ ପାଇଁ କମ୍ ବୟସରେ ମହିଳାଙ୍କୁ ମା ହେବାକୁ ବାଧ କରାଯାଉଛି ।

# ୪୫ ବର୍ଷୀୟ ବରକୁ ୧୩ ବର୍ଷର କନିଆଁ



ନୁହ, ୫।୭(ଏଜେନ୍ସି): ହରିୟାଣାର ନୁହ ଜିଲ୍ଲାରେ ଏକ ଅଜବ ଘଟଣା ସାମ୍ନାକୁ ଆସିଛି । ଜଣେ ୧୩ ବର୍ଷୀୟା ନାବାଳିକାଙ୍କୁ ଜଣେ ୪୫ ବର୍ଷର ବ୍ୟକ୍ତିଙ୍କ ସହ ବିବାହ କରାଇ ଦିଆଯାଇଛି । ଝିଅର ବାପା ନିଶାସକ୍ତ ହୋଇଥିବାରୁ ଜଣେ ମୌଲବିଙ୍କ ସହ କଥା ହୋଇ ଏକ ସ୍ଥାନୀୟ ମାଦ୍ରାସାରେ ଝିଅର ବିବାହ ଅର୍ଥାତ ନିକାହ କରିଛନ୍ତି । ଏହାପରେ ଘରକୁ ଆସି ସେ ଝିଅ ପିଉଷୀଙ୍କ ଘରକୁ ଯାଇଛି ବୋଲି କହିଥିଲେ । ସେପଟେ ନିକାହ କରିବା ପରେ ଅଭିଯୁକ୍ତ ନାବାଳିକାଙ୍କୁ ଧରି ସେଠାରୁ ପଳାଇଥିଲେ । ଅଭିଯୁକ୍ତର ପ୍ରଥମ ପତ୍ନୀ ଝିଅ ଘରେ ପହଞ୍ଚି ଅବଗତ କରାଇବା ପରେ ସବୁକଥା ପଦାକୁ ଆସିଥିଲା । ଏବେ ଝିଅ ଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି । ଅବଶ୍ୟ ପୁଲିସ ଏପର୍ଯ୍ୟନ୍ତ ମାମଲା ରୁଜୁ କରିନାହିଁ । ପୁରୁଷ ଜଣଙ୍କର ଏହା ତୃତୀୟ ବିବାହ ଥିଲା ଓ ତାଙ୍କର ୫ଟି ସନ୍ତାନ ରହିଛନ୍ତି ।

# ଲାଞ୍ଚ ନେଇ ୪୦ ମେଡିକାଲ କଲେଜକୁ ଅନୁମୋଦନ

ନୂଆଦିଲ୍ଲୀ, ୫।୭ (ଏଜେନ୍ସି): ଭାରତର ସବୁଠୁ ବଡ଼ ମେଡିକାଲ ସ୍କାମ (ଦୁର୍ନୀତି)ର ପର୍ଦ୍ଦାଫାସ ହୋଇଛି । ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧକାରମୟ କରିଦିଆଯାଇଛି । ଉଚିତ ବ୍ୟବସ୍ଥା ନ ଥାଇ ମେଡିକାଲ କଲେଜ ନାମରେ ନାମ ଲେଖା ଯାଉଛି । ଆଉ ଅନୁମୋଦନ ପାଇଁ କୋଟି କୋଟି ଟଙ୍କା ଲାଞ୍ଚ ଦିଆଯାଉଛି । ସ୍ୱଘୋଷିତ ବାବାଙ୍କ ଦ୍ୱାରା ଚାଲିଥିବା ଏକ ର୍‍ୟାକେଟ ଏହି କଳାକାରନାମା କରୁଛି । କେବଳ ଗୋଟିଏ ରାଜ୍ୟରେ ନୁହେଁ, ସାରା ଦେଶରେ ଏହି ଗୋଲକଧନ୍ଦା ଚାଲିଥିଲା । ନ୍ୟାସନାଲ ମେଡିକାଲ କମିସନ (ଏନଏମ୍‌ସି) ଯାଞ୍ଚରୁ ସୁରକ୍ଷା ଦେବା ଲାଗି ମେଡିକାଲ କଲେଜ ଗୁଡିକ କୋଟି କୋଟି ଟଙ୍କା ପ୍ରଦାନ କରୁଥିଲେ । ହାୱାଲା ମାଧ୍ୟମରେ ଲାଞ୍ଚ ଟଙ୍କା ଆସୁଥିଲା । ଏହି ର୍‍ୟାକେଟରେ ବରିଷ୍ଠ ଅଧିକାରୀ, ମଧ୍ୟସ୍ଥି, ପ୍ରମୁଖ ଶିକ୍ଷାବିତ ଏବଂ ଜଣେ ସ୍ୱଘୋଷିତ ବାବା ରାୱତପୁରା ସରକାର ସାମିଲ ଥିଲେ ।



ରାଜସ୍ଥାନ, ଗୁରୁଗାଁଓ, ଇନ୍ଦୋରରୁ ୱାରଙ୍ଗଲ ଏବଂ ବିଶାଖାପାଟଣା ପର୍ଯ୍ୟନ୍ତ ବ୍ୟାପିଥିବା ଏହି ଦୁର୍ନୀତିରେ ହାୱାଲା ଏବଂ ବ୍ୟାଙ୍କ ମାଧ୍ୟମରେ କୋଟି କୋଟି ଟଙ୍କା ବଦଳା ଯାଇଥିଲା । ଜାଲ୍ ପ୍ରାଧ୍ୟାପକ, ଜାଲ୍ ପର୍ଯ୍ୟବେକ୍ଷଣ ଏବଂ ପ୍ରଘଟ ହୋଇଥିବା ଫାଇଲ ଏହି ବହୁକୋଟି ଟଙ୍କା ଦୁର୍ନୀତିର ପ୍ରମୁଖ ଆଧାର ଥିଲା । ଉଚିତ ବ୍ୟବସ୍ଥା ନ ଥିବା ମେଡିକାଲ କଲେଜକୁ ବେଆଇନ ଭାବେ ଅନୁମୋଦନ ଦେବା ଲାଗି ଏହି ଦୁର୍ନୀତି ହେଉଥିଲା । ଏଥିରେ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଅଧିକାରୀ ମଧ୍ୟ ସାମିଲ ଥିଲେ । ରାୟପୁର ସ୍ଥିତ ଶ୍ରୀ ରାୱତପୁରା ସରକାର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଶ୍ରୀଏମଏସଆର)ରେ 'ଯାଞ୍ଚ ପାଇଁ ଲାଞ୍ଚ' ତଦନ୍ତରୁ ଏହି ମାମଲା ଆରମ୍ଭ ହୋଇଥିଲା । ମେଡିକାଲ କଲେଜ ସପକ୍ଷରେ ଯାଞ୍ଚ ରିପୋର୍ଟ ଦେବାକୁ ୫୫ ଲକ୍ଷ ଟଙ୍କା ଲାଞ୍ଚ ନେବା ମାମଲାର ୩ ଡାକ୍ତରଙ୍କୁ ଗିରଫ କରାଯାଇଥିଲା । ଯାଞ୍ଚ ଟିମ୍‌ର ଜଣେ ସହଯୋଗୀଙ୍କଠାରୁ ୩୮ ଲକ୍ଷ ଏବଂ ଅନ୍ୟ ଜଣେ ଅଧିକାରୀଙ୍କଠୁ ୧୬. ୬୨ ଲକ୍ଷ ଟଙ୍କା ଜବତ କରାଯାଇଥିଲା । ଏହି ଲାଞ୍ଚ ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା । ହାୱାଲା ରୁଟ୍ ମାଧ୍ୟମରେ ଏହାକୁ ସଂଗ୍ରହ କରି ଟିମ୍‌କୁ ବଣ୍ଟା ଯାଇଥିଲା । ସୂତ୍ର ଅନୁଯାୟୀ ଦେଶରେ ଥିବା ୪୦ରୁ ଅଧିକ ମେଡିକାଲ କଲେଜ ଲାଞ୍ଚ, ଜାଲ୍ ରେକର୍ଡ ଏବଂ ପର୍ଯ୍ୟବେକ୍ଷଣ ତଥ୍ୟକୁ ଜାଲିଆତି କରି ଅନୁମୋଦନ ପାଇଛନ୍ତି ।

- **ଭାରତର ସବୁଠୁ ବଡ଼ ମେଡିକାଲ ସ୍କାମ୍**
- **ଆତ୍ମଘୋଷିତ ବାବା-ଅଧିକାରୀ ଅସାଧୁ ମେଣ୍ଟ**

ତଦନ୍ତରୁ ଜଣାପଡ଼ିଛି ଯେ ଇଣ୍ଡେକ୍ସ କଲେଜରେ ଭୂତ ପ୍ରାଧ୍ୟାପକ, ନକଲି ବାୟୋମେଟ୍ରିକ ଉପସ୍ଥାନ, ଜାଲ୍ ଅଭିଜ୍ଞତା ପ୍ରମାଣପତ୍ର ଦେଇ ଏନଏମସିରୁ ଅନୁମୋଦନ ପାଇଥିଲା । ସିବିଆଇ ଜାଣିବାକୁ ପାଇଛି ଯେ ନୂଆଦିଲ୍ଲୀର ଅଧିକାରୀମାନେ ଫାଇଲଗୁଡ଼ିକର ଫଟୋଗ୍ରାଫ୍ ନେଉଥିଲେ ଏବଂ ସେଗୁଡ଼ିକୁ ଏଜେଣ୍ଟମାନଙ୍କୁ ହ୍ୱାଟସଆପରେ ପଠାଉଥିଲେ । ଏମାନେ କଲେଜ ପରିଚାଳକଙ୍କୁ ପୂର୍ବରୁ ସୂଚନା ପ୍ରଦାନ କରୁଥିଲେ । ଏହି ତଥ୍ୟ ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଗୁରଗାଁଓର ବୀରେନ୍ଦ୍ର କୁମାର, ଦ୍ୱାରକାର ମନୀଷା ଯୋଶୀ, ଉଦୟପୁର ସ୍ଥିତ ଗୀତାଞ୍ଜଳୀ ୟୁନିଭର୍ସିଟର ରେଜିଷ୍ଟ୍ରାର ମୟୁର ରାଭାଲ ଆଦି ସାମିଲ ଅଛନ୍ତି । ଏହି ର୍‍ୟାକେଟରେ ମେଡିକାଲ ଆସେସମେଣ୍ଟ ଆଣ୍ଡ ରେଟିଂ ବୋର୍ଡ (ଏମଏଆରବି)ର ପୂର୍ବତନ କର୍ମଚାରୀ ଜିତୁ ଲାଲ ମୀନା ମଧ୍ୟସ୍ଥି ଭାବେ କାମ କରୁଥିଲା । ସେ ଏହି ଟଙ୍କାରେ ରାଜସ୍ଥାନରେ ୭୫ ଲକ୍ଷ ଖର୍ଚ୍ଚ କରି ହନୁମାନ ମନ୍ଦିର ନିର୍ମାଣ କରିଥିଲା ।

## ରାୱତପୁରା ବାବାଙ୍କ କଳାକାରନାମା

ରାୱତପୁରା ବାବା ତଥା ରବିଶଙ୍କର ମହାରାଜଙ୍କର ସରକାରୀ ଅଧିକାରୀ, ନେତା ଏବଂ ମନ୍ତ୍ରୀଙ୍କ ସହ ଭଲ ସମ୍ବନ୍ଧ ଥିଲା । ଆଇଏଏସ, ଆଇପିଏସ ଏବଂ ନେତାଙ୍କ ସହ ତାଙ୍କ ଫଟୋ ଭାଇରାଲ ହେବାରେ ଲାଗିଥିଲା । ସେ ହିଁ ଦୁର୍ନୀତିର ମୁଖ୍ୟ କାର୍ପଟଦାର ଥିଲେ । ମଧ୍ୟପ୍ରଦେଶ ଲାହରର ଭଦୌରିଆ ଏବଂ ରାୱତପୁରା ଏହି ଗୋଲକଧନ୍ଦା ଆରମ୍ଭ କରିଥିଲେ ବୋଲି ଏଜେନ୍ସି ଆଶଙ୍କା କରୁଛି । ସେ ଏନଏମସି ମାନ୍ୟତା ଦେବା ପାଇଁ ଘରୋଇ ମେଡିକାଲ କଲେଜଠାରୁ ୩ରୁ ୫ କୋଟି ଟଙ୍କା ନେଉଥିଲେ । ଏପରିକି ସରକାରୀ କାର୍ଯ୍ୟର ଠିକା ପାଇବା ପାଇଁ ମଧ୍ୟ ଲୋକେ ବାବାଙ୍କ ଶରଣ ପଶୁଥିଲେ । ସବୁ ଦେଣନେଣ ବାବାଙ୍କ ଟ୍ରଷ୍ଟ ମାଧ୍ୟମରେ ହେଉଥିଲା । ସିବିଆଇ ଯାଞ୍ଚରୁ ଗୋଟିଏ ପରେ ଗୋଟିଏ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଥିଲା । ଏହି ଦୁର୍ନୀତିରେ ୟୁଜିସିର ପୂର୍ବତନ ଅଧ୍ୟକ୍ଷ ତଥା ଟିଆଇଏସଏସ କୁଳପତି ଡିପି ସିଂହ, ଇନ୍ଦୋର ସ୍ଥିତ ମେଡିକାଲ କଲେଜର ସୁରେଶ ସିଂହ ଭଦୌରିଆ, ଅଧିକାରୀ ଏବଂ ମଧ୍ୟସ୍ଥିଙ୍କ ଏକ ବଡ଼ ର୍‍ୟାକେଟ ଥିବା ଜଣାପଡ଼ିଛି । ସିବିଆଇ ଏତଲାରେ ବାବା ରାୱତପୁରାଙ୍କ ସହିତ ଅବସରପ୍ରାପ୍ତ ଆଇଏଫଏସ ତଥା ରେରା ପୂର୍ବତନ ଅଧ୍ୟକ୍ଷ ସଞ୍ଜୟ ଶୁକ୍ଲାଙ୍କ ସମେତ ୩୫ ଜଣଙ୍କ ନାମ ରହିଛି । ସେ ଛତିଶଗଡ଼ ବନ ବିଭାଗର ପୂର୍ବତନ ମୁଖ୍ୟ ତଥା ପିସିସିଏଫ ଥିଲେ । ରାୱତପୁରା ଗ୍ରୁପରେ ସେ ଟ୍ରଷ୍ଟି ଭାବେ ସାମିଲ ହୋଇଥିଲେ । ତେବେ ଏହି ମାମଲାରେ ଏ ପର୍ଯ୍ୟନ୍ତ କେବଳ ଗ୍ରୁପ୍‌ର ନିର୍ଦ୍ଦେଶକ ଅତୁଲ ତିୱାରୀଙ୍କୁ ଗିରଫ କରାଯାଇଛି ।

ସରକାରୀ ଯୋଜନା, ରାସ୍ତା ନିର୍ମାଣ ପ୍ରକଳ୍ପ, ବିଦ୍ୟୁତ୍ ରିଆତିରେ ତାଙ୍କ ଟ୍ରଷ୍ଟକୁ ଅନୁଚିତ ଲାଭ ମିଳିଛି । ପୂର୍ବରୁ ଜମି ଜବରଦଖଲ, ବେଆଇନ କଲେଜ ପରିଚାଳନା, ମହିଳା ଅନୁଗାମୀଙ୍କୁ ଆଶ୍ରମରେ ମାନସିକ ନିର୍ଯାତନା ଦେଉଥିବା ନେଇ ରାୱତପୁରାଙ୍କ ବିରୋଧରେ ଅଭିଯୋଗ ଲାଗିଥିଲା । ମାନବାଧିକାର ଆୟୋଗ ଏହି ମାମଲାର ତଦନ୍ତ କରିଥିଲେ ମଧ୍ୟ କିଛି ହୋଇପାରି ନ ଥିଲା ।

## ସମ୍ବଲରେ ମର୍ମନ୍ତୁଦ ଦୁର୍ଘଟଣା
# ବର ସମେତ ୮ ମୃତ

ସମ୍ବଲ, ୫।୭(ଏଜେନ୍ସି): ଉତ୍ତରପ୍ରଦେଶର ସମ୍ବଲ ଜିଲ୍ଲାର ଜୁନାୱାଲ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଏକ ବଡ଼ ଅଘଟଣ ଘଟିଛି । ବାହାଘରର ଖୁସି ଅଚାନକ ଚୂରମାର ହେବା ସହ ଦୁଃଖଦ ସ୍ଥିତିରେ ବଦଳିଯାଇଥିଲା । ଏକ ଏସ୍‌ୟୁଭି କାର ଦ୍ରୁତଗତିରେ ଯାଇ କଲେଜ କାନ୍ଥରେ ଧକ୍କା ଦେବା ଫଳରେ ବର ଓ ପରିବାରର ଅନ୍ୟ ୮ ଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି । ଧକ୍କାରେ କଲେଜ କାନ୍ଥ ଭୁଶୁଡ଼ି ପଡ଼ିଥିଲା । ଏଥିରେ ଦୁଇଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଗୋଟିଏ ପରିବାରର ୧୦ ଜଣ ସଦସ୍ୟଙ୍କୁ ନେଇ ଏହି କାର ମିରଟ- ବଦାୟୁଁ ରାଜପଥରେ ଯାଉଥିବା ବେଳେ ନିୟନ୍ତ୍ରଣ ହରାଇ ଜନତା ଇଣ୍ଟର କଲେଜ ଦିଆଲିରେ ପିଟି ହୋଇଥିଲା ବୋଲି ଏଏସ୍‌ପି ଅନୁକୃତି ଶର୍ମା କହିଛନ୍ତି । କାରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବେ ଚେପା ହୋଇଯାଇଛି । ଗାଡି ଭିତରେ ଫସିରହିଥିବା ଯାତ୍ରୀଙ୍କୁ ଜେସିବି ମାଧ୍ୟରେ ବାହାର କରାଯାଇଥିଲା ।

# ତେଲଙ୍ଗାନା ବିସ୍ଫୋରଣ ମୃତ୍ୟୁ ସଂଖ୍ୟା ୪୦କୁ ବୃଦ୍ଧି

ହାଇଦରାବାଦ୍, ୫।୭(ଏଜେନ୍ସି): ତେଲଙ୍ଗାନା କାରଖାନା ବିସ୍ଫାରଣ ମାମଲାରେ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି । ଶନିବାର ମୃତ୍ୟୁ ସଂଖ୍ୟା ୪୦ରେ ପହଞ୍ଚିଛି ବୋଲି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଚନ୍ଦ୍ରଶେଖର ବୁଡୁଗୁ କହିଛନ୍ତି । ସକାଳେ ଆଉ ଜଣେ ଆହତ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ । ଫଳରେ ମୃତ୍ୟୁ ସଂଖ୍ୟା ବଢ଼ିଛି ବୋଲି ସେ କହିଛନ୍ତି । ଏବେ ମଧ୍ୟ ଆଉ ୧୯ ଜଣ ଆହତ ବ୍ୟକ୍ତିଙ୍କର ଚିକିତ୍ସା ଚାଲିଛି । ଏବେ ମଧ୍ୟ ଏହି ଘଟଣାରେ ୯ ଜଣ ନିଖୋଜ ଅଛନ୍ତି ଓ ଏମାନଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଛି । ଜୁନ୍ ୩୦ରେ ପାଶାମିଲାରାମ ଇଣ୍ଡଷ୍ଟ୍ରିଆଲ ଏରିଆସ୍ଥିତ ସିଗାଚି ଇଣ୍ଡଷ୍ଟ୍ରିଜ୍‌ରେ ସକାଳ ୮.୧୫ରେ ଏହି ବିସ୍ଫୋରଣ ହୋଇଥିଲା ଓ ସେତେବେଳେ ୧୫୦ ଲୋକ ସେଠାରେ ଥିଲେ ।

# ଆମେରିକାରେ ବନ୍ୟା; ୨୪ ମୃତ, ୨୩ ବାଳିକା ନିଖୋଜ

ୱାସିଂଟନ, ୫।୭(ଏଜେନ୍ସି): ଆମେରକାର ଦକ୍ଷିଣରେ ଥିବା ଟେକ୍ସାସ ରାଜ୍ୟରେ ଶୁକ୍ରବାର ପ୍ରବଳ ବର୍ଷା ହେବା ପରେ ଗୁଆଡାଲୁପ୍ ନଦୀରେ ପ୍ରବଳ ବନ୍ୟା ଆସିଛି । ଏଥିରେ ୨୪ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ସେହିପରି ୨୩ଜଣ ଝିଅ ନିଖୋଜ ହୋଇଛନ୍ତି । ଏପର୍ଯ୍ୟନ୍ତ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଛି । ହେଲିକପ୍ଟର ଜରିଆରେ ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି । ଉଦ୍ଧାର କାର୍ଯ୍ୟରେ ୯ଟି ଉଦ୍ଧାରକାରୀ ଦଳ, ୧୪ଟି ହେଲିକପ୍ଟର ଓ ୧୨ଟି ଡ୍ରୋନର ବ୍ୟବହାର କରାଯାଉଛି ।

# ପାକିସ୍ତାନରେ କୋଠା ଭୁଶୁଡ଼ି ୧୬ ମୃତ

କରାଚୀ, ୫।୭(ଏଜେନ୍ସି): କରାଚୀର ଲ୍ୟାରୀ ଅଞ୍ଚଳରେ ଏକ ବହୁତଳ କୋଠା ଭୁଶୁଡ଼ିବା ଫଳରେ ୧୬ ଲୋକ ପ୍ରାଣ ହରାଇଛନ୍ତି । ଶନିବାର ୬ ତଳ ବିଶିଷ୍ଟ ଏହି କୋଠା ଭୁଶୁଡ଼ିଥିଲା । ଏବେ ମଧ୍ୟ କେତେ ଲୋକ ତଳେ ଚାପି ହୋଇ ରହିଛନ୍ତି । ଗୁରୁତର ଭାବେ ଆହତ ହୋଇଥିବା ୯ ଜଣଙ୍କୁ ଉଦ୍ଧାର କରାଯାଇଛି । ଏମାନଙ୍କ ମଧ୍ୟରେ ୫ ମହିଳା ସାମିଲ ରହିଛନ୍ତି । ଅତିକମ୍‌ରେ ୨୦ ଜଣ ଲୋକ ତଳେ ଚାପି ହୋଇ ରହିଛନ୍ତି ବେଲି କରାଚୀ ମେୟର ମୁର୍ତ୍ତାଜା ୱାହାମ କହିଛନ୍ତି । ଉଦ୍ଧାର କାର୍ଯ୍ୟ ଜୋରରେ ଚାଲିଛି ବୋଲି ସେ କହିଛନ୍ତି । ପୂର୍ବରୁ ସିନ୍ଧ ବିଲ୍ଡିଂ କଣ୍ଟ୍ରୋଲ ଅଥରିଟି (ଏସ୍‌ବିସିଏ) ଏହି ବିଲ୍ଡିଂ ବିପଜ୍ଜନକ ବୋଲି ଘୋଷଣା କରିଥିଲା ।

# ସ୍କୁଲ କାନ୍ଥରେ ୪ ଲିଟର ରଙ୍ଗ; ୧୬୮ ଶ୍ରମିକ, ୬୫ ମିସ୍ତ୍ରି

ଭୋପାଳ, ୫।୭ (ଏଜେନ୍ସି): ମଧ୍ୟପ୍ରଦେଶ ଶାହଡୋଲ ସ୍ଥିତ ସାକାଣ୍ଡି ଗ୍ରାମରେ ଥିବା ସ୍କୁଲ୍‌ରୁ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି । ଏହି ସ୍କୁଲ୍ ଗଣିତର ଚମତ୍କାର ଏବଂ ମାନବ ସମ୍ବଳର ବିରଳ ଉପଯୋଗ କରି ବଡ଼ ସଫଳତା ପାଇଛି! ସ୍କୁଲ୍‌ର ଏକ କାନ୍ଥରେ ୪ ଲିଟର ରଙ୍ଗ ବୋଳିବା ପାଇଁ ୧୬୮ ଶ୍ରମିକ ଏବଂ ୬୫ ରାଜମିସ୍ତ୍ରୀ କାମ କରିଛନ୍ତି । ବୟୋହାରି ବିଧାନସଭା କ୍ଷେତ୍ରରେ ଏହି ସ୍କୁଲ୍ କାନ୍ଥରେ ୪ଟି ଲିଟର ଅଏଲ ପେଣ୍ଟ ଦେବା ଲାଗି ଲକ୍ଷେ ସାତ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ସେହିପରି ନିପାନିୟା ଗ୍ରାମରେ ଥିବା ସ୍କୁଲ୍‌ରେ ୨୦ ଲିଟର ରଙ୍ଗ ବୋଳିବା ପାଇଁ ୨.୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ୧୦ ଝରକା ଏବଂ ୪ଟି କବାଟରେ ରଙ୍ଗ ଦେବା ଲାଗି ୨୭୫ ଶ୍ରମିକ ଏବଂ ୧୫୦ ରାଜମିସ୍ତ୍ରୀ ଲାଗିଥିଲେ । ସ୍କୁଲ୍ କାନ୍ଥରେ ନୁହଁ, ବରଂ କାଗଜପତ୍ରରେ ଅସଲ ପ୍ରତିଭା ପ୍ରଦର୍ଶନ କରାଯାଇଥିଲା । ଏହି କାମ କରିଥିବା କମ୍ପାନୀ ସୁଧାକର କନ୍‌ଷ୍ଟ୍ରକ୍ସନ ଗତ ମେ' ୫ରେ ଏହି ବିଲ୍ ପ୍ରସ୍ତୁତ କରିଥିଲା ।

## କିଏ ହେବ ବିଜେପିର ନୂଆ ସଭାପତି
# ଚର୍ଚ୍ଚାରେ ତିନି ନାରୀ ନେତ୍ରୀ

ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି): ବିଜେପିର ପରବର୍ତ୍ତୀ ସଭାପତି କିଏ ହେବ? ଏହାକୁ ନେଇ ଦଳ ଓ ଆରଏସ୍‌ଏସ୍ ମଧ୍ୟରେ ଟଣାଓଟରା ଲାଗି ରହିଛି । ଏହି ପଦବୀ ପାଇଁ ବିଭିନ୍ନ ନାମ ଆସୁଥିବା ବେଳେ ଏହାକୁ ନେଇ କିନ୍ତୁ ସହମତି ହୋଇପାରୁ ନାହିଁ । ଯେଉଁଥିପାଇଁ ୨୦୨୩ ଜାନୁଆରୀରେ ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିଲେ ମଧ୍ୟ ସେ ଏବେ କାମଚଳା ଦାୟିତ୍ୱରେ ଅଛନ୍ତି ।

ଏହି ଅଚଳାବସ୍ଥା ମଧ୍ୟରେ ଏକ ଆଶ୍ଚର୍ଯ୍ୟ କଲା ଭଳି ଖବର ଆସୁଛି । ତାହା ହେଲା, ବିଜେପିର ପରବର୍ତ୍ତୀ ସଭାପତି ଜଣେ ମହିଳା ହୋଇପାରନ୍ତି । ଏହି ପଦବୀ ଲାଗି ତିନିଜଣ ମହିଳା ନେତ୍ରୀଙ୍କ ନାମକୁ ନେଇ ଏବେ ଜୋରଦାର ଚର୍ଚ୍ଚା । ଏହା ଯଦି ସତ୍ୟରେ ପରିଣତ ହୁଏ, ତାହାହେଲେ ବିଜେପି ଇତିହାସରେ ପ୍ରଥମ ଥର ଲାଗି ଜଣେ ମହିଳା ସଭାପତି ହେବେ । ଏଭଳି ପ୍ରସ୍ତାବରେ ଆର୍‌ଏସ୍‌ଏସ୍ (ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ) ମଧ୍ୟ ରାଜି ଥିବା କୁହାଯାଉଛି । ତେବେ କାହାକୁ ସଭାପତି କରାଯିବ, ତାହା ଏବେ ବଡ଼ ପ୍ରଶ୍ନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଦେଶ ଗସ୍ତରୁ ଫେରିବା ପରେ ଏସଂପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି ।

ଯେଉଁ ତିନି ଜଣ ମହିଳା ନେତ୍ରୀଙ୍କ ନାମ ଏହି ପଦବୀ ଲାଗି ଶୁଣାଯାଉଛି, ସେମାନେ ହେଉଛନ୍ତି କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ, ଡି. ପୁରନ୍ଦେଶ୍ୱରୀ ଏବଂ ଭି.ଶ୍ରୀନିବାସନ । ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରୁ ଫେରିବା ପୂର୍ବରୁ ଦଳର ବରିଷ୍ଠ ନେତାମାନଙ୍କ ମଧ୍ୟରେ ଏହାକୁ ନେଇ ବିଚାରବିମର୍ଶ ଚାଲିଛି । ଏଥିରେ ଆରଏସଏସର ଅନେକ ନେତା ମଧ୍ୟ ସାମିଲ ହୋଇଛନ୍ତି । ତେବେ ଏହି ତିନି ନେତ୍ରୀଙ୍କ ମଧ୍ୟରେ ସୀତାରମଣଙ୍କ ନାମ ସର୍ବାଗ୍ରେ ରହିଛି ।



ମିଳିଥିବା ଖବର ଅନୁଯାୟୀ କିଛି ଦିନ ତଳେ ବିଜେପି ମୁଖ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା । ଏଥିରେ ସୀତାରମଣଙ୍କ ସମେତ ଜେପି ନଡ୍ଡା ଏବଂ ଦଳର ସାଧାରଣ ସଂପାଦକ ବିଏଲ୍ ସନ୍ତୋଷ ମଧ୍ୟ ଉପସ୍ଥିତ ଥିଲେ । ରାଜନୀତିରେ ଅଭିଜ୍ଞତା ଏବଂ ପ୍ରଶାସନରେ ଦକ୍ଷତା ଦୃଷ୍ଟିରୁ ତାଙ୍କ ନାମ ଚର୍ଚ୍ଚାରେ ରହିଛି । ସେ ଦଳକୁ ଦକ୍ଷ ନେତୃତ୍ୱ ଦେଇପାରିବେ ବୋଲି ଅନେକ ଦଳୀୟ ନେତା ମତ ପ୍ରକାଶ କରିଛନ୍ତି । ଦକ୍ଷିଣ ଭାରତରେ ବିଜେପିର ସ୍ଥିତିକୁ ମଜବୁତ କରିବାରେ ତାଙ୍କର ନେତୃତ୍ୱ ସହାୟକ ବୋଲି ଯୁକ୍ତି କରାଯାଉଛି ।

ଏହି ପଦବୀ ଲାଗି ଅନ୍ୟତମ ଦାବିଦାର ହେଉଛନ୍ତି ଡି. ପୁରନ୍ଦେଶ୍ୱରୀ । ରାଜନୀତିରେ ତାଙ୍କର ଦୀର୍ଘ ଦିନର ଅଭିଜ୍ଞତା ରହିଛି । ସେ ଆନ୍ଧ୍ର ପ୍ରଦେଶ ବିଜେପିର ସଭାନେତ୍ରୀ ଥିଲେ । ସେହିଭଳି ଭି. ଶ୍ରୀନିବାସନଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା । ଆଇନଜୀବୀରୁ ରାଜନୀତିକୁ ଆସିଥିବା ତାମିଲନାଡୁର ଏହି ନେତ୍ରୀ ବିଜେପି ମହିଳା ମୋର୍ଚ୍ଚାର ଅଧ୍ୟକ୍ଷା ଥିଲେ । ୧୯୯୩ରୁ ସେ ବିଜେପିରେ ଅଛନ୍ତି ।

# ବିଶିଷ୍ଟ ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କୁ ଗୁଳିକରି ହତ୍ୟା

ପାଟନା, ୫।୭(ଏଜେନ୍ସି): ବିହାର ରାଜଧାନୀ ପାଟନାରେ ଶୁକ୍ରବାର ଏକ ହାଇପ୍ରୋଫାଇଲ ହତ୍ୟାକାଣ୍ଡ ଘଟିଛି । ଶୁକ୍ରବାର ରାତି ୧୧ଟାରେ ଜଣାଶୁଣା ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କୁ ଗୁଳିକରି ହତ୍ୟା କରାଯାଇଛି । ଏହି ଘଟଣାରେ ଜଣେ ସଂଦିଗ୍ଧଙ୍କୁ ପୁଲିସ ଗରିଫ କରିଛି । ସୁଟରଙ୍କ ଦ୍ୱାରା ଏହି ହତ୍ୟାକାଣ୍ଡ ଘଟିଛି । ସଂଦିଗ୍ଧଙ୍କୁ ଗିରଫ କରିବାକୁ ସ୍ପେଶିଆଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) କ୍ରମାଗତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ କରିଛି । ଏହି ମାମଲାରେ ପୁଲିସଙ୍କୁ ଏକାଧିକ ତଥ୍ୟ ହସ୍ତଗତ ହୋଇଛି । ସୁଟର ଓ ସୁଟରଙ୍କୁ ନିୟୋଜିତ କରିଥିବା ବ୍ୟକ୍ତିଙ୍କ ବିଷୟରେ ସୂଚନା ମିଳିଛି ବୋଲି ପୁଲିସ କହିଛି । ହତ୍ୟାର କାରଣ ସମ୍ପର୍କରେ ମଧ୍ୟ ପୁଲିସ ଅବଗତ ହୋଇଛି ବୋଲି ଆଇଜି ଜିତେନ୍ଦ୍ର ରାଣା କହିଛନ୍ତି । ଗୋପାଳଙ୍କ ପରିବାର ସଦସ୍ୟଙ୍କ ସହ ଉପ- ମୁଖ୍ୟମନ୍ତ୍ରୀ ବିଜୟ ସିହ୍ନା ସାକ୍ଷାତ କରିଛନ୍ତି । ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଗିରଫ୍ କରାଯିବ ବୋଲି କୁହାଯାଇଛି । ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ତରଫରୁ କୁହାଯାଇଛି । ଝିଅ ସ୍କଟଲାଣ୍ଡରୁ ଆସିବା ପରେ ଗୋପାଳଙ୍କ ଅନ୍ତେଷ୍ଟିକ୍ରିୟା ରବିବାର କରାଯିବ । ଗୋପାଳ ରହୁଥିବା ଆପାର୍ଟମେଣ୍ଟର ଗେଟ୍ ସାମ୍ନାରେ ହିଁ ତାଙ୍କୁ ଗୁଳି କରାଯାଇଥିଲା । ତାଙ୍କୁ ପାଟଣାର ମୋଡିଭର୍ସାଲ ହସ୍ପିଟାଲକୁ ନିଆଯାଇଥିଲା ଓ ଚିକିତ୍ସା ଅବସରରେ ସେ ମୃତ୍ୟୁବରଣ କରିଥିଲେ । ସେ ବିଳମ୍ବିତ ରାତିରେ ବାଙ୍କିପୁର କ୍ଲବରୁ ନିଜେ ଗାଡି ଚଲାଇ ଘରକୁ ଫେରୁଥିଲେ ।

# ନୀରବ ମୋଦୀଙ୍କ ଭାଇ ଗିରଫ

ୱାସିଂଟନ୍, ୫।୭(ଏଜେନ୍ସି): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ନୀରବ ମୋଦୀଙ୍କ ଭାଇ ନିହାଲଙ୍କୁ ଆମେରିକାରେ ଗିରଫ୍ କରାଯାଇଛି । ଶନିବାର ତାଙ୍କୁ ଗିରଫ କରାଯାଇଛି ବୋଲି କୁହାଯାଇଛି । ଭାରତର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ (ସିବିଆଇ) ନିହାଲଙ୍କ ପ୍ରତ୍ୟାର୍ପଣ ପାଇଁ ଆବେଦନ କରିଥିଲେ । ନିହାଲ ଜାମିନି ପାଇଁ ଆବେଦନ କରିଛନ୍ତି । ନ୍ୟାସନାଲ ଡିଷ୍ଟ୍ରିକ୍ଟ ଅଫ୍ ହନଲୁଲୁ (ଏନ୍‌ଡିଓଏଚ୍)ରେ ଜୁଲାଇ ୧୭ରେ ତାଙ୍କ ଜାମିନି ନେଇ ଶୁଣାଣି ହେବ । ଆମେରିକା ନ୍ୟାୟ ବିଭାଗ ଏନେଇ ସୂଚନା ଦେଇଛି ।



ଆମେରିକାରେ ଏଲ୍‌ଏଲ୍‌ଡି ଡାଇମଣ୍ଡସ ସହିତ ଠକାମୀ କରିବା ସହ ନିହାଲ ମୋଦୀ ପିଏନ୍‌ବିରେ ହୋଇଥିବା ୧୩, ୬୦୦ କୋଟି ଟଙ୍କାର ଦୁର୍ନୀତିରେ ସାମିଲ ଅଛନ୍ତି ବୋଲି ଅଭିଯୋଗ ହୋଇଛି । କେବଳ ସେତିକି ନୁହଁ ଏହି ମାମାଲାଗୁଡିକରେ ସେ ପ୍ରମାଣକୁ ନଷ୍ଟ କରିବାକୁ ମଧ୍ୟ ପ୍ରୟାସ କରିଥିଲେ । ଦୁର୍ନୀତିରେ ନୀରବଙ୍କୁ ନିହାଲ ସବୁ ପ୍ରକାର ସହାୟତା ଯୋଗାଇ ଦେଇଥିଲେ ବୋଲି ସିବିଆଇ ତରଫରୁ କୁହାଯାଇଛି । ଭାରତ ଓ ଆମେରିକା ମଧ୍ୟରେ ଏକ ଦୃଢ ପ୍ରତ୍ୟାର୍ପଣ ଚୁକ୍ତି ହୋଇଛି । ଫଳରେ ନିହାଲଙ୍କୁ ଭାରତ ଅଣାଯିବା ସହ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସମ୍ଭବ ବୋଲି କୁହାଯାଇଛି ।

# ଭାରତକୁ ଆସି କିଡ୍‌ନୀ ବିକୁଛନ୍ତି ବାଂଲାଦେଶୀ

ଢ଼ାକା/କୋଲକାତା, ୫।୭(ଏଜେନ୍ସି): ବାଂଲାଦେଶରେ ଦାରିଦ୍ର୍ୟ ଉତ୍କଟ ରୂପ ଧାରଣ କରିଛି । ଦାରିଦ୍ର୍ୟର ଉତ୍ପୀଡନରେ ଲୋକେ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କିଡନୀକୁ ବିକ୍ରି କରିବାକୁ ପଛାଉନାହାନ୍ତି । ବାଂଲାଦେଶର ଉତ୍ତର-ପଶ୍ଚିମ ଜିଲ୍ଲା ଜୟପୁରହାଟ୍‌ରେ ଥିବା ଏକ ଛୋଟିଆ ଗାଁ 'କିଡନୀ ଭିଲେଜ୍' ନାମରେ କୁଖ୍ୟାତ ହାସଲ କରିଛି । ଏହି ଗାଁର ନାମ ବାଇଗୁନୀ । ଏହି ଗାଁର ପ୍ରତି ୩୫ ଜଣରେ ଜଣେ ବ୍ୟକ୍ତି ତାଙ୍କ କିଡନୀ ବିକ୍ରି କରିଛନ୍ତି । ଭାରତ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ଅବୈଧ ଅଙ୍ଗ କାରବାରରେ ବହୁ ପରିବାର ଓ ତା'ର ସଦସ୍ୟ ଜୀବନ ବର୍ବାଦ କରିଛନ୍ତି ବୋଲି ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟରେ ଉଲ୍ଲେଖ କରିଛି ।

ଏହି ଗାଁରେ ରହୁଥିବା ୪୫ ବର୍ଷୀୟ ସଫିରୁଦ୍ଦିନ ୨୦୨୪ରେ ଗ୍ରୀଷ୍ମ ଋତୁରେ ଭାରତ ଆସି ଅଢେଇ ଲକ୍ଷ ଟଙ୍କାରେ ତାଙ୍କର ଗୋଟିଏ କିଡନୀ ବିକ୍ରି କରିଛନ୍ତି । ଦାରିଦ୍ରରୁ ମୁକ୍ତି ପାଇବା ଓ ନିଜ ୩ ଜଣ ପିଲାଙ୍କ ପାଇଁ ଘର ତିଆରି କରିବାକୁ ସେ କିଡନୀ ବିକ୍ରି କରିଛନ୍ତି ବୋଲି କହିଛନ୍ତି । କିନ୍ତୁ ସେ ନିର୍ମାଣ କରୁଥିବା ଘର ସମ୍ପୂର୍ଣ୍ଣ ହୋଇପାରିନାହିଁ । ଶରୀରରେ କଷ୍ଟ ଅନୁଭବ କରୁଥିବା ବେଳେ ସେ କାମ କରିବାକୁ ଶକ୍ତି ଓ ସାମର୍ଥ୍ୟ ପାଉନାହାନ୍ତି ବୋଲି କହିଛନ୍ତି । ଦଲାଲମାନେ ନକଲି କାଗଜପତ୍ର ତଥା ଦସ୍ତାବେଜ ତିଆରି କରି ରୋଗୀଙ୍କର ସମ୍ପର୍କୀୟ ଭାବେ ଏହି ଗାଁର ଲୋକଙ୍କୁ ଚିତ୍ରଣ କରାଯାଉଛି । ଏହିକ୍ରମରେ ନକଲି ନୋଟାରୀ ପ୍ରମାଣପତ୍ର ଓ ଡିଏନ୍‌ଏ ରିପୋର୍ଟ ମଧ୍ୟ ପ୍ରସ୍ତୁତ କରିବାକୁ ଦଲାଲମାନେ ପଛାଉ ନାହାନ୍ତି । ୧୯୯୪ରେ ଜାରି କରାଯାଇଥିବା ନିୟମ ଅନୁସାରେ ଜଣେ ନିକଟ ସମ୍ପର୍କୀୟ କିମ୍ବା ସରକାରଙ୍କ ଅନୁମତି କ୍ରମେ ଜଣେ ବ୍ୟକ୍ତି ଆଉଜଣଙ୍କୁ କିଡ୍‌ନୀ ଦାନ କରିପାରିବେ । ଭୁଲ ଭାବେ ଏହି ନିୟମର ଫାଇଦା ଉଠାଇ ଦଲାଲ୍‌ମାନେ ମୋଟ ଅଙ୍କରେ ଅର୍ଥ ଉପାର୍ଜନ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ଏହି ଭଳି ଅନେକ ଉଦାହରଣ ଏହି ଗାଁରେ ଦେଖିବାକୁ ମିଳିଛି । ଦଲାଲମାନେ ଅଢ଼େଇ ଲକ୍ଷ ଟଙ୍କାରେ କିଡନୀ କିଣି ୧୮ରୁ ୨୨ଲକ୍ଷ ଟଙ୍କାରେ ବିକ୍ରି କରି ବହୁତ ଲାଭ କରିବା ସହ ଅର୍ଥ ଉପାର୍ଜନ କରୁଛନ୍ତି । ଏହି ଅବୈଧ ଅଙ୍ଗ କାରବାରରେ ବାଂଲାଦେଶ ପୁଲିସ ବହୁ ଲୋକଙ୍କୁ ଗିରଫ କରିଛି । ଗତ ବର୍ଷ ପୁଲିସ ଏହି ମାମଲାରେ ଜଣେ ମହିଳା ସର୍ଜନଙ୍କୁ ଗିରଫ କରିଥିଲା । ସେ ଅବୈଧ ଭାବେ ୧୫ ଜଣ ବାଂଲାଦେଶ ନାଗରିକଙ୍କ କିଡନୀକୁ ପ୍ରତିରୋପଣ କରିବାର ଅଭିଯୋଗ ହୋଇଛି । ଏହି ଅବୈଧ ଅଙ୍ଗ କାରବାରକୁ ରୋକିବା ପାଇଁ ଦୁଇ ଦେଶର ସରକାର ମିଳିତ ଭାବେ କାର୍ଯ୍ୟ କରିବା ସହ ଲୋକଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି ।

'କିଡ୍‌ନୀ ଭିଲେଜ' ନାମରେ କୁଖ୍ୟାତି ହାସଲ କରିଛି ବାଇଗୁନି ଗାଁ



## ମହିଳାଙ୍କ ଭାବାବେଗକୁ ଚିତ୍ରରେ ଦିଅନ୍ତି ରୂପ

ଜଣେ ମହିଳା ମନରେ ବହୁ ଦୁଃଖ, କଷ୍ଟ, ଯନ୍ତ୍ରଣା ରହିଥାଏ । ହେଲେ ସେ ସମସ୍ତଙ୍କ ଆଗରେ ନିଜର ଭାବନାକୁ ପରିପ୍ରକାଶ କରିପାରନ୍ତିନି । ଅନ୍ୟ ଆଗରେ କହିବାକୁ କୁଣ୍ଠା ପ୍ରକାଶ କରିଥାନ୍ତି । ତେଣୁ ଅନେକ ମହିଳା ମନର କଥାକୁ ଡାଏରୀରେ ଲେଖିଥାନ୍ତି । ସେହିପରି କିଛି ମହିଳା ମନର ଭାବନାକୁ ଗୀତ ତଥା କବିତା ଆକାରରେ ପ୍ରକାଶ କରିଥାନ୍ତି । କିନ୍ତୁ ଏମାନଙ୍କଠୁ ଭିନ୍ନ ଉତ୍ତରାଖଣ୍ଡର ଯୁବ ଚିତ୍ରଶିଳ୍ପୀ ଖୁସି ରାଓତ । ସେ ମହିଳାଙ୍କ ମନର ଅକୁହା କଥା ଦୁଃଖ, ଯନ୍ତ୍ରଣା, ହସକାନ୍ଦକୁ ନିଜ ଚିତ୍ରକଳା ମାଧ୍ୟମରେ ଦର୍ଶାଇଥାଆନ୍ତି । ଏହା ସହ ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାରକୁ ସେ ଲୋକଲୋଚନକୁ ଆଣିଥାନ୍ତି । ଏପରି କରି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ସମାଜ ପରିବର୍ତ୍ତନରେ ଏକ ନୂଆ ଦିଗ ସୃଷ୍ଟି କରିଛନ୍ତି ।





ଖୁସି ରାଓତ୍ ଜଣେ ଚିତ୍ରକର ଭାବେ ପରିଚିତ । ପିଲାବେଳୁ ତାଙ୍କର ଚିତ୍ରକଳା ପ୍ରତି ଆଗ୍ରହ ରହିଥିଲା । ନବମ ଶ୍ରେଣୀରେ ପାଠ ପଢୁଥିବା ସମୟରେ ସେ ଚିତ୍ରକଳା ପାଇଁ ଲଳିତ କଳା ଏକାଡେମୀ ଆୱାର୍ଡ ପାଇଥିଲେ । ଏହାପରେ ସେ ଚିତ୍ରକଳା ଦିଗରେ ଆଗକୁ ଯିବା ପାଇଁ ମନସ୍ଥ କରିଥିଲେ । ପାଠପଢ଼ା ସହ ସେ ନିଜର ଚିତ୍ରକଳା ଜାରି ରଖିଥିଲେ । ଗ୍ରାଜୁଏସନ୍ ପାଇଁ ସେ ଦିଲ୍ଲୀ ୟୁନିଭର୍ସିଟିରେ ବ୍ୟାଚ୍‌ଲର୍ ଅଫ୍ ଫାଇନ୍ ଆର୍ଟ କୋର୍ସ କରିଥିଲେ । ପାଠପଢ଼ା ସାଙ୍ଗକୁ ସେ ଚିତ୍ର ଆଙ୍କୁଥିଲେ । ବିଭିନ୍ନ ଥିମ୍ ଅନୁସାରେ ମହିଳାଙ୍କୁ କେନ୍ଦ୍ର କରି ସେ ଚିତ୍ର ଅଙ୍କନ କରିଥାନ୍ତି । ସେ ସମୟରେ ତାଙ୍କର ତିନୋଟି ପେଣ୍ଟିଂ ଲକ୍ଷାଧିକ ଟଙ୍କାରେ ବିକ୍ରି ହୋଇଥିଲା ।

ମହିଳାଙ୍କ ଭାବନା ସହ ଜଡ଼ିତ ଚିତ୍ରକଳା ଲୋକଙ୍କୁ ଘଡ଼ିଏ ଭାବିବାକୁ ବାଧ୍ୟ କରିଥାଏ । ତାଙ୍କର ଦୁଇଟି ପେଣ୍ଟିଂକୁ ଏକ ଆମେରିକୀୟ କମ୍ପାନୀ ଅନଲାଇନ୍ କମ୍ୟୁନିଟି ଇଭେଣ୍ଟରେ ବିକିବା ପାଇଁ ସ୍ଥିର କରିଥିଲା । ଆମେରିକୀୟ ମାର୍ବଲ ଲୋଟସ କମ୍ପାନୀ ଏହି ଦୁଇଟି ଚିତ୍ରକଳାର ବିକ୍ରିମୂଲ୍ୟ ସାତଲକ୍ଷ ଟଙ୍କାରୁ ଅଧିକ ରଖିଥିଲା । ଏହି ଚିତ୍ରକଳାକୁ ନେଇ ଖୁସି କୁହନ୍ତି, ଥରେ ସକାଳୁ ସେ ଦିଲ୍ଲୀରେ ବୁଲୁଥିବା ସମୟରେ ସେ



ଖୁବ୍ ଅଜବ ଦୃଶ୍ୟ ଦେଖିଥିଲେ । ଗୋଟିଏ ଫେସନ ସୋ' ରୁମ୍ ବୋକାନରେ ଥିବା ମାନିକୁଇନ୍ ଉପରେ କପଡ଼ା ଆବଦ୍ଧ କରିଥିବା ସେ ଦେଖିଥିଲେ । ଏହାକୁ ଦେଖି ସେ ବର୍ତ୍ତମାନ ସମୟରେ ମାନିକ୍ୟୁଇନ୍ ବି ସୁରକ୍ଷିତ ନୁହେଁ ବୋଲି ଅନୁଭବ କରିଥିଲେ । ଏହା ତାଙ୍କ ମନକୁ ଆନ୍ଦୋଳିତ କରିଥିଲା । ଏହାପରେ ସେ ଏହି ଥିମ୍‌କୁ ନେଇ ନିଜର ଆର୍ଟ ତିଆରି କଲେ । ଏହା ଖୁବ୍ ଲୋକପ୍ରିୟ ହୋଇଥିଲା ।

ଖୁସି ବିଭିନ୍ନ ଦିଗକୁ ଧ୍ୟାନରେ ରଖି ଚିତ୍ର ଅଙ୍କନ କରିଥାନ୍ତି । ମହିଳାମାନଙ୍କୁ ସମାଜରେ ଉପେକ୍ଷା କରି ଘୋଡ଼ାଇ ରଖିବା, ନିଜର ଭାବନା ଚିନ୍ତାଧାରାକୁ ନିଜ ଭିତରେ ରଖିବା, ମହିଳାଙ୍କ ସ୍ୱରକୁ ଚାପିବା, ଆଦିକୁ ଚିତ୍ରରେ ଦର୍ଶାଇଥାନ୍ତି । କେବଳ ଜଣେ ମହିଳା ହିଁ ଗୋଟିଏ ମହିଳାର ଦୁଃଖକୁ ଅନୁଭବ କରି ସହାନୁଭୂତି ଦେଖାଇଥାଏ ବୋଲି ଖୁସି କୁହନ୍ତି । ଭବିଷ୍ୟତରେ ସେ ଜଣେ ବଡ଼ ଚିତ୍ରଶିଳ୍ପୀ ହେବାକୁ ଲକ୍ଷ୍ୟ ରଖିଛନ୍ତି । ସେ ଚିତ୍ରକଳା ମାଧ୍ୟମରେ ଦୁନିଆକୁ ଏକ ନୂଆ ଦୃଷ୍ଟିକୋଣ ଦେବାକୁ ଚାହୁଁଛନ୍ତି । ମହିଳାମାନଙ୍କ ଭାବନାକୁ ବୁଝିବା ପାଇଁ ସେ ନିଜ ଚିତ୍ର ବ୍ୟବହାର କରିଥାନ୍ତି । ଏପରି କରି ସେ ଲକ୍ଷ ଲକ୍ଷ ମହିଳାଙ୍କୁ ପ୍ରେରଣା ଦେଉଛନ୍ତି ।

## ଫଟୋ ଫ୍ରେମ୍ ଜୁଏଲାରୀ



ସମୟ ଅନୁଯାୟୀ ଫେଶନ, ପୋଷାକ, ମେକ୍‌ଅପ୍, ଅଳଙ୍କାର ଆଦିରେ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ସେହିପରି ବର୍ତ୍ତମାନ ସମୟରେ ଫଟୋଫ୍ରେମ୍ ଜୁଏଲାରୀ ଟ୍ରେଣ୍ଡରେ ରହିଛି । ଏଥିରେ ମହିଳାମାନେ ସେମାନଙ୍କ ପସନ୍ଦ ଅନୁଯାୟୀ ଫଟୋ ଦେଇ ଚୁଡ଼ି, ମଙ୍ଗଳସୂତ୍ର ଆଦି କଷ୍ଟମାଇଜ୍ କରି ପିନ୍ଧିଥାନ୍ତି । ଜାଣିବା ସେ ବିଷୟରେ...



**ଚୁଡ଼ି** - ବିଶେଷ କରି ବିବାହିତ ମହିଳାଙ୍କ ମଧ୍ୟରେ ଏହି ଫଟୋଫ୍ରେମ୍ ଚୁଡ଼ିର ଚାହିଦା ଅଧିକ ରହିଛି । ଏଥିରେ ସେମାନେ ନିଜ ପସନ୍ଦ ଅନୁସାରେ ଡିଜାଇନ୍ ବରାଦ ଦେଉଛନ୍ତି । ଏଥିରେ ନିଜ ଫଟୋ ସହ ଚାହିଁଲେ ପତିଙ୍କ ଫଟୋରେଖି ପ୍ରସ୍ତୁତ କରିପାରିବେ ।

**ମଙ୍ଗଳସୂତ୍ର** – ସାଧାରଣତଃ ମଙ୍ଗଳସୂତ୍ରରେ କଳାମାଳି ସହ ଏକ ଲକେଟ୍ ରହିଥାଏ । କିନ୍ତୁ ବର୍ତ୍ତମାନ ମହିଳାମାନେ ପ୍ରିୟଜନଙ୍କ ଫଟୋ ଦେଇ ଲକେଟ୍ ଡିଜାଇନ କରିଥାନ୍ତି । ସେହିପରି ଏହା ଉଭୟ ଅନ୍‌ଲାଇନ୍ ଅଫ୍‌ଲାଇନ୍‌ରେ ଉପଲବ୍ଧ ।

**ମୁଣ୍ଡ ଖୋସା** – ଆଜିକାଲି ଯୁବତୀ ତଥା ମହିଳାମାନେ କୌଣସି ପାର୍ଟି, ଫଙ୍କ୍‌ସନକୁ ଗଲେ ମୁଣ୍ଡରେ ଖୋସା କରି ତଳେ ଗଜରା ଫୁଲ ଲଗାଉଛନ୍ତି । କିନ୍ତୁ ଏବେ ଧଳାମାଳିରେ ଛୋଟ ଫଟୋ ଫ୍ରେମ୍ ଡିଜାଇନ କରି ମୁଣ୍ଡରେ ଲଗାଉଛନ୍ତି ।

## ବର୍ଷାଦିନିଆ ଫେଶନ

ସବୁ ମହିଳାମାନେ ସୁନ୍ଦର ତଥା ଆକର୍ଷଣୀୟ ଦିଶିବା ପାଇଁ ଚାହାନ୍ତି । ଏଥିପାଇଁ ଋତୁ ଅନୁଯାୟୀ, ଆଉଟ୍‌ଫିଟ୍ ଚୟନ କରିଥାନ୍ତି । ହେଲେ ବର୍ଷାଦିନେ ଓଦା ପୋଷାକ, ଖସଡ଼ା ରାସ୍ତା, ହାତରେ ଛତା ଧରି ଯାତାୟାତ କରିବାବେଳେ ଷ୍ଟାଇଲିଶ୍ ଦେଖାଯିବା ଖୁବ୍ ସମସ୍ୟାଜନକ ହୋଇଯାଏ; କିନ୍ତୁ କିଛି ୱାଟରପ୍ରୁଫ୍ ଆକ୍ସେସରିଜ୍ ରହିଛି, ଯାହା ବର୍ଷାରୁ ସୁରକ୍ଷା ଦେବା ସହ ଏକ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ ।

**ୱାଟରପ୍ରୁଫ୍ ରେନ୍‌କୋଟ୍**

ରେନ୍‌କୋଟ କହିଲେ, କେବଳ ପ୍ଲାଷ୍ଟିକ୍ ସାଦା ଜରି ନୁହେଁ । ବର୍ତ୍ତମାନ ମାର୍କେଟରେ ରଙ୍ଗିନ୍, ହାଲୁକା, ଟ୍ରେଣ୍ଡି କ୍ୟାନେଟ୍ ମିଳୁଛି । ଏହା ବର୍ଷାରୁ ସୁରକ୍ଷା ଦେବା ସହ ଫେସନ ଷ୍ଟେଟ୍‌ମେଣ୍ଟ ଭାବେ ବ୍ୟବହାର କରିପାରିବେ ।

**ଟ୍ରେଣ୍ଡି ଛତା**

ଛତା କେବଳ ବର୍ଷାରୁ ରକ୍ଷା କରେନି, ଏହା ଏକ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି । ଫୁଲ ପ୍ରିଣ୍ଟ, ପୋଲ୍‌କା ଡଟ୍, ଟ୍ରାନ୍ସପାରେଣ୍ଟ ଛତା ଲୁକ୍‌କୁ ଦ୍ୱିଗୁଣିତ କରିଥାଏ । ଏହାକୁ ଆଉଟ୍‌ଫିଟ୍ ସହ ମ୍ୟାଚ୍ କରି ନେଇପାରିବେ ।

**ବ୍ୟାଗ୍**

ଅଫିସ୍ ହେଉ ଅବା କଲେଜ ବର୍ଷାଦିନେ ୱାଟରପ୍ରୁଫ୍ ବ୍ୟାଗ୍ ବ୍ୟବହାର କରିବା ଆବଶ୍ୟକ । ଏହା ବର୍ଷାରୁ ସମସ୍ତ ଜିନିଷକୁ ସୁରକ୍ଷିତ ରଖିଥାଏ । ଏଥିପାଇଁ ରଙ୍ଗିନ୍ ରେକ୍, ଲେଦର ଫିନିଶ୍ ବ୍ୟାଗ ବ୍ୟବହାର କରିପାରିବେ ।

**ଫୁଟ୍‌ୱିୟାର୍**

ବର୍ଷାଦିନେ ଗମ୍‌ବୁଟ୍‌ସ୍, ୱାଟରପ୍ରୁଫ୍ ସାଣ୍ଡେଲ୍ ଆଦି ଅଧିକ ବ୍ୟବହାର କରାଯାଏ । ଏବେର ସମୟରେ ବିଶେଷ କରି ଫ୍ଲୋରାଲ୍ ପ୍ରିଣ୍ଟ, ଟ୍ରାନ୍ସପାରେଣ୍ଟ ଏବଂ ନିଅନ ରଙ୍ଗର ବୁଟ୍ ଲୋକେ ପସନ୍ଦ କରୁଛନ୍ତି ।

**ଆକ୍ସେସରିଜ୍**

ଘଣ୍ଟା ବିନା ହାତ ଖାଲି ଦିଶିଥାଏ । ତେଣୁ ବର୍ଷାଦିନେ ୱାଟରପ୍ରୁଫ୍ ଘଣ୍ଟା ପିନ୍ଧିପାରିବେ । ଏଥିସହ ବ୍ରେସ୍‌ଲେଟ୍ କ୍ଲିପ୍ ଆଦି ପିନ୍ଧିପାରିବେ ।



## ଚୁଡ଼ା ପିଜା ବଲ୍

**ଆବଶ୍ୟକ ସାମଗ୍ରୀ**

ଚୁଡ଼ା – ଦୁଇ କପ୍, ସିଝା ଆଳୁ – ତିନୋଟି, କଟା କ୍ୟାପ୍‌ସିକମ୍ – ଏକ କପ୍, କଟା ପିଆଜ – ଏକ କପ୍, ସିଝା ମିଠା ମକା – ଏକ କପ୍, ଗରମମସଲା, - ଏକ ଚାମଚ, ହଳଦୀଗୁଣ୍ଡ- ଏକ ଚାମଚ, ଲଙ୍କାଗୁଣ୍ଡ – ଏକ ଚାମଚ, ଗୋଲମରିଚ ଗୁଣ୍ଡ – ଅଧା ଚାମଚ, ଚିଲି ଫ୍ଲେକ୍ସ – ଅଧା ଚାମଚ, ଛୋଟ ଚିଜ୍ କ୍ୟୁବ୍ – ଅଧା କପ୍, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଚୁଡ଼ାକୁ ପାଣିରେ ଧୋଇ ଭଲରେ ଚିପୁଡ଼ି ଏକ ପାତ୍ରରେ ରଖନ୍ତୁ । ସେଥିରେ ସିଝା ଆଳୁ, କ୍ୟାପ୍‌ସିକମ୍, ପିଆଜ, ମକା, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଗରମମସଲା, ଚିଲି ଫ୍ଲେକ୍ସ, ଗୋଲମରିଚ ଗୁଣ୍ଡ, ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାକୁ ହାତରେ ଛୋଟ ବଲ୍ ଆକାର କରି ମଝିରେ ଗୋଟିଏ ଚିଜ୍ କ୍ୟୁବ୍ ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ପ୍ରସ୍ତୁତ କରି ରଖିଥିବା ବଲଗୁଡ଼ିକୁ ଦେଇ ଛାଣନ୍ତୁ । ଦୁଇ ପାଖ ସୁନେଲି ରଙ୍ଗ ହୋଇଗଲେ ଏହାକୁ ଏକ ପ୍ଲେଟ୍‌କୁ କାଢ଼ି ଟମାଟୋ ସସ ସହ ପରଷି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ଚୁଡ଼ା ପିଜା ବଲ୍' ।



## ହ୍ୟାଙ୍ଗିଙ୍ଗ୍ ବାସ୍କେଟ୍ ପ୍ଲାଣ୍ଟରେ ସଜାନ୍ତୁ ବାଲ୍‌କୋନି



ମହିଳାମାନେ ବାଲ୍‌କୋନି ସଜାଇବାକୁ ପସନ୍ଦ କରନ୍ତି । ଏଥିପାଇଁ ଇଣ୍ଟେରିୟର ଡିଜାଇନରଙ୍କ ସାହାଯ୍ୟରେ ବାଲ୍‌କୋନିକୁ ଏକ ନୂଆ ରୂପ ଦେଇଥାନ୍ତି । କିନ୍ତୁ ସମସ୍ତଙ୍କ ପକ୍ଷେ ଏହା ସମ୍ଭବ ହୋଇ ନଥାଏ । ତେଣୁ ଚାହିଁଲେ ହ୍ୟାଙ୍ଗିଙ୍ଗ୍ ବାସ୍କେଟ୍ ପ୍ଲାଣ୍ଟ ଲଗାଇ ବାଲ୍‌କୋନି ସଜାଇପାରିବେ ।

**ମନିପ୍ଲାଣ୍ଟ**

ଏହି ଗଛ ଲଗାଇବା ସହ ଏହାର ଯତ୍ନ ନେବା ଖୁବ୍ ସୁବିଧାଜନକ ହୋଇଥାଏ । ଏହି ଲତାଗୁଡ଼ିକ ଫୁଲକୁଣ୍ଡରେ ଝୁଲନ୍ତା ଅବସ୍ଥାରେ ଖୁବ୍ ସୁନ୍ଦର ଦେଖାଯାଏ । ଏହାକୁ ସାମାନ୍ୟ ଖରା, ଅଳ୍ପ ଯତ୍ନ କରିବାକୁ ପଡ଼ିଥାଏ । ଏହି ଗଛ ଖୁବ୍ ଶୀଘ୍ର ବଢ଼ିଥାଏ । ହଳଦିଆ ସବୁଜ ରଙ୍ଗର ଏହି ପତ୍ର କାନ୍ଥର ସୌନ୍ଦର୍ଯ୍ୟ ବଢ଼ାଇଥାଏ ।

**ସ୍ପାଇଡର ପ୍ଲାଣ୍ଟ**


ଏହା ଏକ ଲୋକପ୍ରିୟ ଗଛ ଭାବେ ପରିଚିତ । ଏହାକୁ ଘର ସଜାଇବା ସହ ଘରେ ଶୁଦ୍ଧତା ବଜାୟ ରଖିବା ପାଇଁ ଲଗାଯାଇଥାଏ । ବିଶେଷ କଥା ହେଉଛି ସ୍ପାଇଡର ପ୍ଲାଣ୍ଟ ଲଗାଇଲେ, ଏହାର ବେଶୀ ଯତ୍ନ ନେବାକୁ ପଡ଼େନି । ଏହି ଗଛ ଫୁଲକୁଣ୍ଡରେ ଖୁବ୍ ସୁନ୍ଦର ଦେଖାଯାଏ । ଏହାର ପତ୍ର ଗୁଡ଼ିକ ତଳକୁ ଝୁଲିବା ଭଳି ରହିଥାଏ । ସେହିପରି ଏହା ବାୟୁମଣ୍ଡଳକୁ ଶୁଦ୍ଧ ରଖିଥାଏ । ଏହା ଦ୍ୱାରା ଘରେ ସକାରାତ୍ମକ ବାତାବରଣ ବଜାୟ ରହିଥାଏ ।

**ପେଟୁନିଆ**

ବାଲ୍‌କୋନୀକୁ ରଙ୍ଗିନ ଫୁଲପତ୍ରରେ ସଜାଇବାକୁ ଚାହୁଁଥିଲେ, ପେଟୁନିଆ ଏକ ଭଲ ବିକଳ୍ପ । ଏହି ଗଛରେ ଫୁଲଗୁଡ଼ିକ ଖୁବ୍ ସୁନ୍ଦର ଦେଖାଯାଏ । ଏହିଗଛ ଅଧିକ ସୂର୍ଯ୍ୟାଲୋକ ଆବଶ୍ୟକ କରିଥାଏ । ବିଶେଷ କରି ଖରାଦିନେ ଏହି ଫୁଲ ଅଧିକ ଫୁଟିଥାଏ ।

## ନିୟମିତ ମସ୍କାରା ଲଗାଉଥିଲେ...

ଆଖିପତାକୁ ଘନକଳା ତଥା ଆକର୍ଷଣୀୟ କରିବା ପାଇଁ ମହିଳାମାନେ ମସ୍କାରା ଲଗାଇଥାନ୍ତି । ଏହା ଆଖିର ସୌନ୍ଦର୍ଯ୍ୟ ବୃଦ୍ଧି କରି ମେକ୍‌ଅପ୍‌କୁ ଏକ ପରଫେକ୍ଟ ଲୁକ୍ ଦେଇଥାଏ । କିନ୍ତୁ ନିୟମିତ ଆଖିରେ ମସ୍କାରା ଲଗାଇଲେ ଆଖିପତା ଝଡ଼ିଯାଏ । ଏହା ଆଖିକୁ କ୍ଷତି ପହଞ୍ଚାଇଥାଏ । ଜାଣିବା ସେ ବିଷୟରେ...



**ଆଖି ସଂକ୍ରମଣ**

ମସ୍କାରାରେ ଥିବା ରାସାୟନିକ ପଦାର୍ଥ ଆଖିକୁ କ୍ଷତି ପହଞ୍ଚାଇଥାଏ । ନିୟମିତ ମସ୍କାରା ଲଗାଇଲେ ଆଖି ନାଲିପଡ଼ିବା, କୁଣ୍ଡାବ ହେବା ଓ ପାଣି ବାହାରିବା ଭଳି ସମସ୍ୟା ଦେଖିବାକୁ ମିଳିଥାଏ ।

**ଆଖିପତା ଝଡ଼ିବା**

ଆଖିପତା ଘନ କରିବା ପାଇଁ ନିୟମିତ ବ୍ୟବହୃତ ମସ୍କାରା ଦ୍ୱାରା ଆଖି ପତା ଝଡ଼ିଯାଏ । ତେଣୁ ନିୟମିତ ମସ୍କାରା ଲଗାଇବାଠୁ ଦୂରେଇ ରହିବା ଭଲ ।

**ଦେଖିବାରେ ସମସ୍ୟା**

ସେହିପରି ନିୟମିତ ମସ୍କାରା ବ୍ୟବହାର କଲେ ଦେଖିବାରେ ମଧ୍ୟ ସମସ୍ୟା ହୋଇଥାଏ । ମସ୍କାରା ଲଗାଉଥିବା ସମୟରେ ଭୁଲବଶତଃ ଏହା ଆଖିରେ ପ୍ରବେଶ କଲେ କାର୍ନିୟାକୁ କ୍ଷତି ପହଞ୍ଚାଇଥାଏ । ଏହା ଦ୍ୱାରା ଦୃଷ୍ଟିଶକ୍ତିରେ ସମସ୍ୟା ହୋଇପାରେ ।

## ବ୍ଲାଉଜ୍ ଡିଜାଇନ୍



ସାଧାରଣତଃ ପୂଜା, ଫଙ୍କ୍‌ସନ୍‌ରେ ମହିଳାମାନେ ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି । ଶାଢ଼ିର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ବ୍ଲାଉଜ୍ । ବିଶେଷ କରି ବ୍ଲାଉଜ୍‌ର ବେକ ଓ ପଛ ଡିଜାଇନ୍ ଶାଢ଼ିର ମୁଖ୍ୟ ଆକର୍ଷଣ ହୋଇଥାଏ । ତେଣୁ ବ୍ଲାଉଜ୍‌କୁ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, ବର୍ତ୍ତମାନ ସମୟରେ ଟ୍ରେଣ୍ଡରେ ଥିବା ଡିଜାଇନ୍ କରିପାରିବେ ।

**ବୋ - ଡିଜାଇନ୍**

ବର୍ତ୍ତମାନ ସମୟରେ ବୋ- ଡିଜାଇନ୍ ବ୍ଲାଉଜର ଖୁବ୍ ଚାହିଦା ରହିଛି । ଏଥିରେ ଚାହିଁଲେ ମ୍ୟାଚିଙ୍ଗ୍ କରି କାହାଳୀ ତଥା ବିଡ୍ ଲଗାଇପାରିବେ । ଏହା ବ୍ଲାଉଜ୍‌ର ସୁନ୍ଦରତା ବୃଦ୍ଧି କରିଥାଏ ।

**ଟେମ୍ପଲ୍ କଟିଙ୍ଗ୍**

ଶାଢ଼ି ଓ ଲେହେଙ୍ଗା ପାଇଁ ବ୍ଲାଉଜ୍ ତିଆରି କରିବାକୁ ଚାହୁଁଥିଲେ ଟେମ୍ପଲ କଟ୍ ଡିଜାଇନ୍ କରିପାରିବେ । ଏଥିସହ ଚାହିଁଲେ ଲଟକନ୍ କିମ୍ବା ଡୋରୀ ଲଗାଇପାରିବେ ।



**ଷ୍ଟାଇଲିସ୍ ବ୍ଲାଉଜ୍ ଡିଜାଇନ୍**

ବ୍ଲାଉଜ୍‌ରେ ଏ ପ୍ରକାର ଡିଜାଇନ୍ ଖୁବ୍ ସୁନ୍ଦର ଦେଖାଯାଏ । ବ୍ଲାଉଜର ପଛପାର୍ଶ୍ୱ ୟୁ-କଟ୍ କରି ସେଥିରେ ତ୍ରିଭୂଜାକାର ଡିଜାଇନ ହୋଇଥାଏ । ମଝିରେ ବାନ୍ଧିବା ପାଇଁ ଫିତା ରହିଥାଏ । ଏହି ଡିଜାଇନ୍ ଉଭୟ ଭାରି ଓ ହାଲୁକା ଶାଢ଼ିକୁ ଭଲ ମାନିଥାଏ ।



**ସ୍ୱିଟ୍‌ହାର୍ଟ ନେକ୍ ଡିଜାଇନ**

ବିଶେଷ କରି ସ୍ୱିଟହାର୍ଟ ନେକ୍ ଡିଜାଇନ୍ ବ୍ଲାଉଜ୍‌କୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି । ଏହି ଡିଜାଇନ୍ କରି ଏଥିରେ ବୋ ଲଗାଇଲେ ଏହା ଅଧିକ ଆକର୍ଷଣୀୟ ଦିଶିଥାଏ ।

# ଭାରତର ବାଂଲା ଗସ୍ତ ସ୍ଥଗିତ

ନୂଆଦିଲ୍ଲୀ,୫।୭ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ଆସନ୍ତା ଅଗଷ୍ଟରେ ହେବାକୁ ଥିବା ବାଂଲାଦେଶ ଗସ୍ତକୁ ସ୍ଥଗିତ ରଖାଯାଇଛି। ଏହି ଗସ୍ତରେ ଅଗଷ୍ଟ ୧୭ରୁ ୩୧ ମଧ୍ୟରେ ୩ଟି ଦିନିକିଆ ଓ ୩ଟି ଟି-୨୦ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ବାଂଲାଦେଶ ଗସ୍ତରେ ଯିବା ଭାରତୀୟ କ୍ରିକେଟ ଦଳର ସମ୍ଭବ ନୁହେଁ। ଏହି ଗସ୍ତକୁ ଆସନ୍ତାବର୍ଷ ଅର୍ଥାତ୍ ୨୦୨୬ ସେପ୍ଟେମ୍ବରରେ ଆୟୋଜନ କରାଯିବାକୁ ଉଭୟ ଦେଶର କ୍ରିକେଟ ବୋର୍ଡ ରାଜି ହୋଇଥିବା କଥା ବିସିସିଆଇ ପକ୍ଷରୁ କୁହାଯାଇଛି। ସେହିଭଳି ଆସନ୍ତାବର୍ଷ ଭାରତୀୟ କ୍ରିକେଟ ଦଳର ଗସ୍ତକୁ ଆମେ ଉତ୍କଣ୍ଠାର ସହ ଅପେକ୍ଷା କରିବୁ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ଅମିନୁଲ ଇସ୍‌ଲାମ କହିଛନ୍ତି। ଏହି ଗସ୍ତ ସ୍ଥଗିତ ରହିବାର କାରଣ ଯାହା ହେଉନା କାହିଁକି, ଦୁଇ ଦେଶ ମଧ୍ୟରେ କୁଟନୈତିକ ଓ ରାଜନୈତିକ ସମ୍ପର୍କ ଭଲ ନାହିଁ। ଏଣୁ ଗସ୍ତ ବାତିଲ ହେବାର ଆଶଙ୍କା କରି ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ ଏହି ସିରିଜ୍ ଲାଗି କୌଣସି ପ୍ରସ୍ତୁତି କରାଯାଇ ନ ଥିଲା। ବୋର୍ଡ ମଧ୍ୟ ତାହାର ପ୍ରସାରଣ ଅଧିକାର ନିଲାମିକୁ ଘୁଞ୍ଚାଇଦେଇଛି। ଏହା ସମସ୍ତେ ଜାଣିଛନ୍ତି, ଭାରତ ଯେଉଁ ଦେଶକୁ କ୍ରିକେଟ ଖେଳିବାକୁ ଯାଏ, ସେହି ଦେଶର କ୍ରିକେଟ ବୋର୍ଡ ମାଲେମାଲ ହୋଇଯାଇଥାଏ। ଦୁଇଦେଶ ମଧ୍ୟରେ କୁଟନୈତିକ ସମ୍ପର୍କ ଭଲ ହେବା ପରେ ଏହି ଗସ୍ତକୁ କାର୍ଯ୍ୟକାରୀ କରାଯିବ।

# ଦ୍ୱିତୀୟ ଟେଷ୍ଟ: ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ଆଗୁଆ

ଗ୍ରେନେଡା,୫।୭ (ଏଜେନ୍ସି): ନାଥନ ଲାୟନ ଓ ଅନ୍ୟ ସହଯୋଗୀଙ୍କ ସଫଳତା ବଳରେ ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ୩୩ ରନ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ନେଇଛି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୨୮୬ ରନ୍ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୨୫୩ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ବ୍ରାଣ୍ଡନ କିଙ୍ଗ୍ ସର୍ବାଧିକ ୭୫, ଜନ୍ କ୍ୟାମ୍ପବେଲ ୪୦ରନ୍ କରିଥିଲେ। ଦୁଇ ଯୋଶେଫଙ୍କ ମଧ୍ୟରୁ ସମର ୨୯ ଓ ଅଲଜରୀ ୨୭ ରନ୍‌ର ଯୋଗଦାନ ଦେଇଥିଲେ। ଅଷ୍ଟ୍ରେଲିଆର ଲାୟନଙ୍କୁ ୩ଟି, ଜୋଶ ହାଜ୍‌ଲେଉଡ୍ ଓ ପ୍ୟାଟ କମିନ୍ସଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ପ୍ରଥମ ଇନିଂସ ଅଗ୍ରଣୀ ନେଇଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୧୨ ରନ୍‌ରେ ୨ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ମ୍ୟାଚ୍‌ର ତୃତୀୟ ଦିନ ଖେଳ ଶେଷ ଖବର ସୁଦ୍ଧା ଦଳ ୩ ୱିକେଟ ହରାଇ ୨୩ ଓଭରରେ ୬୦ ରନ୍ ସଂଗ୍ରହ କରିଛି। ଦୁଇ ଓପନର ସାମ କୋନଷ୍ଟାସ ୦, ଉସ୍‌ମାନ ଖୱାଜା ୨ ରନ୍‌ରେ ଆଉଟ ହୋଇଛନ୍ତି।

**ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ**

# ସେମିରେ ଚେଲସୀ-ଫ୍ଲୁମିନେନ୍ସ

ଲିଙ୍କନ୍, ୫।୭ (ଏଜେନ୍ସି): ଇଂଲଣ୍ଡର ଚାମ୍ପିଅନ କ୍ଲବ୍ ଚେଲସୀ ଓ ବ୍ରାଜିଲର ଟାଣୁଆ ଟିମ୍ ଫ୍ଲୁମିନେନ୍ସ ମଧ୍ୟରେ ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳାଯିବ। ଗତକାଲି ବିଳମ୍ବିତ ରାତିରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ଚେଲସୀ ୨-୧ ଗୋଲରେ ପାଲମେଇରାସକୁ ଓ ଫ୍ଲୁମିନେନ୍ସ ମଧ୍ୟ ୨-୧ ଗୋଲରେ ବିପର୍ଯ୍ୟୟସୃଷ୍ଟିକାରୀ ଅଲ ହିଲାଲକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲ ମୁକାବିଲା ଇଷ୍ଟ ରଦରଫୋର୍ଡରେ ଜୁଲାଇ ୮ରେ ଖେଳାଯିବ। ଏହା ପୂର୍ବରୁ ଦ୍ୱିତୀୟ ସେମିଫାଇନାଲ ଲାଗି ଆଜି ମୁକାବିଲା ହେବ। ଆଟଲାଣ୍ଟାରେ ଖେଳାଯିବାକୁ ଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସର ପ୍ୟାରିସ୍ ସେଣ୍ଟ ଜର୍ମେନ ସହ ଜର୍ମାନୀର ବେୟର୍ଣ୍ଣ ମ୍ୟୁନିକ୍‌ର ମୁକାବିଲା ହେବ। ସେହିପରି ଇଷ୍ଟ ରଦରଫୋର୍ଡରେ ଖେଳାଯିବାକୁ ଥିବା ଶେଷ କ୍ୱାର୍ଟର ଫାଇନାଲ ମୁକାବିଲାରେ ସ୍ପେନ୍‌ର ରିଅଲ ମାଡ୍ରିଡ୍ ସହ ଜର୍ମାନୀ ଟିମ୍ ବୋରୁସିଆ ଡର୍ଟମଣ୍ଡ ଖେଳିବ। ଜୁଲାଇ ୮ ଓ ୯ରେ ସେମିଫାଇନାଲ, ୧୩ରେ ଫାଇନାଲ ମୁକାବିଲା ଖେଳାଯିବ। ଏହି ୩ଟି ଯାକ ମୁକାବିଲା ଇଷ୍ଟ ରଦରଫୋର୍ଡରେ ଖେଳାଯିବ।

**ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ: ଉଭୟ ଇନିଂସରେ ଗିଲ୍‌ଙ୍କ ଶତକ**

# ଇଂଲଣ୍ଡକୁ ୬୦୮ ରନ୍‌ର ଟାର୍ଗେଟ୍



ଏଜ୍‌ବାଷ୍ଟନ,୫।୭ (ଏଜେନ୍ସି)

ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତର ଅଧିନାୟକ ଶୁବମନ ଗିଲ୍ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ଏହି ଟେଷ୍ଟର ପ୍ରଥମ ଇନିଂସରେ ୨୬୯ ରନ୍ କରି ରେକର୍ଡ କରିଥିବା ଗିଲ୍ ଭାରତର ତୃତୀୟ ଅଧିନାୟକ ଭାବେ ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି। ଗିଲ୍ (୧୬୧)ଙ୍କ ଶତକ ସହ ଉପଅଧିନାୟକ ଋଷଭ ପନ୍ତ୍ (୬୫), ଲୋକେଶ ରାହୁଲ (୫୫) ଓ ରବୀନ୍ଦ୍ର ଜାଡେଜା (୬୯)ଙ୍କ ଅର୍ଦ୍ଧଶତକ ବଳରେ ଭାରତ ୬ ୱିକେଟ ବିନିମୟରେ ୪୨୭ ରନ୍ କରି ଦ୍ୱିତୀୟ ଇନିଂସ ଘୋଷଣା କରିଛି। ଇନିଂସ ସମାପ୍ତି ଘୋଷଣା ବେଳକୁ ଜାଡେଜା ୬୯ ଓ ୱାଶିଂଟନ ସୁନ୍ଦର ୧୨ ରନ୍‌ରେ ବ୍ୟାଟିଂ କରୁଥିଲେ। ଏହା ଫଳରେ ପ୍ରଥମ ଇନିଂସରେ ୧୮୦ ରନ୍‌ର ଅଗ୍ରଣୀକୁ ମିଶାଇ ଭାରତ ଏହି ମ୍ୟାଚ୍‌ରେ ମୋଟ ୬୦୭ ରନ୍‌ରେ ଆଗୁଆ ରହି ନିଜର ସ୍ଥିତି ସୁଦୃଢ଼ କରିଛି। ଆସନ୍ତାକାଲି ଏହି ମ୍ୟାଚ୍‌ର ଶେଷ ଦିନ ହୋଇଥିବାରୁ ମୁକାବିଲା ଉତ୍କଣ୍ଠାପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ଏହି ମ୍ୟାଚ୍‌ରେ ଶନିବାର ଭାରତ ତାହାର ଅସମାପ୍ତ ଦ୍ୱିତୀୟ ଇନିଂସରେ ୧ ୱିକେଟରେ ୬୪ ରନ୍‌ରୁ ଖେଳ ଆରମ୍ଭ କରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲା। ଲୋକେଶ ରାହୁଲ ପାରମ୍ପରିକ ଭଙ୍ଗୀରେ ଖେଳି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୮୪ ବଲ ଖେଳି ୧୦ ଚୌକା ସହ ୫୫ ରନ୍ କରିଥିଲାବେଳେ ଟଙ୍ଗଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ। ତାଙ୍କ ପୂର୍ବରୁ କରୁନ ନାୟାର ୨୬ ରନ୍ କରି ଟେଷ୍ଟ ଦଳରେ ସ୍ଥାନ ସୁରକ୍ଷିତ କରିବାର ଆଉ ଏକ ସୁଯୋଗ ହାତଛଡ଼ା କରିଥିଲେ।

୧୨୬ ରନ୍‌ରେ ଦଳ ତୃତୀୟ ୱିକେଟ ହରାଇବା ପରେ ଗିଲ ଦୁଇଟି ବଡ଼ ପାର୍ଟନରସିପ୍ ବଳରେ ଭାରତକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। ଚତୁର୍ଥ ୱିକେଟରେ ଗିଲ୍ ଉପଅଧିନାୟକ ଋଷଭ ପନ୍ତଙ୍କ ସହ ୧୦୩ ବଲ୍‌ରୁ ୧୧୦ ଓ ଅବିଭକ୍ତ ପଞ୍ଚମ ୱିକେଟରେ ରବୀନ୍ଦ୍ର ଜାଡେଜାଙ୍କ ସହ ୨୦୮ ବଲ୍‌ରୁ ୧୭୫ ରନ୍ ଉଠାଇଥିଲେ। ଏକ ବଡ଼ ସଟ୍ ମାରିବାକୁ ଯାଇ ପନ୍ତ୍ ନିୟନ୍ତ୍ରଣ ହରାଇବା ସହ କ୍ୟାଚ୍ ଆଉଟ ହୋଇଥିଲେ। କିନ୍ତୁ ଗିଲ୍ ଓ ଜାଡେଜା ଦମ୍ ଦେଖାଇ ଭାରତକୁ ସୁରକ୍ଷିତ ସ୍ଥାନରେ ପହଞ୍ଚାଇଥିଲେ। ପନ୍ତ୍ ୫୮ ବଲ୍ ଖେଳି ୮ ଚୌକା ଓ ୩ଛକା ସହ ୬୫ ରନ୍ କରିଥିଲେ। କିନ୍ତୁ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିବା ଗିଲ୍ ୧୬୨ ବଲ୍‌ରୁ ୧୩ ଚୌକା ଓ ୮ ଛକା ସହ ୧୬୧ ରନ୍‌ରେ ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ**: ୫୮୭ (ଗିଲ-୨୬୯, ଜାଡେଜା-୮୯, ଜୟସ୍ୱାଲ-୮୭, ବସିର-୩/୧୬୭, ଓକ୍ସ-୨/୮୧)।
**ଇଂଲଣ୍ଡ ପ୍ରଥମ ଇନିଂସ**: ୪୦୭/୧୦, ୮୯.୩ ଓଭର (ବ୍ରୁକ୍-୧୫୮, ସ୍ମିଥ-୧୮୪*, ସିରାଜ-୬/୭୦, ଆକାଶ ଦୀପ-୪/୮୮)।
**ଭାରତ ଦ୍ୱିତୀୟ ଇନିଂସ**: ୪୨୭/୬ (ପାଳି ଘୋଷଣା) ୮୩ ଓଭର (ଶୁବମନ ଗିଲ- ୧୬୧, ରବୀନ୍ଦ୍ର ଜାଡେଜା-ବ୍ୟାଟିଂ-୬୯*, ଋଷଭ ପନ୍ତ୍-୬୫, ଲୋକେଶ ରାହୁଲ-୫୫, ଟଙ୍ଗ୍-୨/୯୩, ସୋଏବ ବସିର-୨/୧୧୯)।

**ମହିଳା ଟି-୨୦**

# ବିଶ୍ୱରେକର୍ଡ ସତ୍ତ୍ୱେ ହାରିଲା ଭାରତ

କିଆ ଓଭାଲ,୫।୭ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ତୃତୀୟ ମହିଳା ଦିନିକିଆ ମ୍ୟାଚ୍‌ରେ ଭାରତ ୨୫ ବଲ୍‌ରେ ୯ଟି ୱିକେଟ ଅକ୍ତିଆର କରି ବିଶ୍ୱରେକର୍ଡ କରିଥିଲେ ମଧ୍ୟ ୫ ରନ୍‌ରେ ଏହି ମ୍ୟାଚ୍‌କୁ ହାରିଯାଇଛି। ଏହା ଫଳରେ ୧-୨ରେ ପଛୁଆ ରହିଥିବା ଇଂଲଣ୍ଡ ଏହି ସିରିଜ୍‌ରେ ତିଷ୍ଠି ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୯ ୱିକେଟରେ ୧୭୧ ରନ୍ କରିଥିଲା। ଏପରିକି ଦଳ ୯୨ ବଲ୍‌ରେ ପ୍ରଥମ ୱିକେଟ ହରାଇଥିଲେ ମଧ୍ୟ ୨୫ ବଲ୍‌ରେ ଶେଷ ୯ଟି ୱିକେଟ ହରାଇ ଭାରତକୁ ବିଶ୍ୱରେକର୍ଡ କରିବାରେ ସହାୟତା ଦେଇଥିଲା। ଏହି ୯ଟି ମଧ୍ୟରୁ ଦୀପ୍ତି ଶର୍ମା ଓ ଅରୁନ୍ଧତି ରେଡ୍ଡି ୩ଟି ଲେଖାଏଁ ଓ ଶ୍ରୀଚରଣି ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ପ୍ରଥମ ୱିକେଟରୁ ୮୫ରନ୍ ଉଠାଇ ଦଳକୁ ବିଜୟ ଅଭିମୁଖେ ନେଇଯାଇଥିଲେ। ଶେଫାଳି ୪୭ ରନ୍ କରିଥିଲେ। କିନ୍ତୁ ୧୬ତମ ଓଭରରେ ମନ୍ଧାନା ଆଉଟ ହେବା ପରେ ଭାରତ ଆଉ ରନ୍ ରେଟ୍ ରଖିପାରି ନ ଥିଲା। ଶେଷରେ ୫ ରନ୍‌ରେ ପରାଜିତ ହୋଇଥିଲା। ୫୩ ବଲ୍‌ରୁ ୭୫ ରନ୍ କରିଥିବା ସୋଫି ଡଙ୍କଲୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

# ମେଜର ଲିଗ୍ କ୍ରିକେଟ୍ : ୯.୨ ଓଭରରେ ଜିତିଲା ୱାଶିଂଟନ ଫ୍ରିଡମ୍

ଫ୍ଲୋରିଡା,୫।୭ (ଏଜେନ୍ସି): ସୌରଭ ନେତ୍ରାଭାଲକର (୩/୧୩), ଅଧିନାୟକ ଗ୍ଲେନ ମ୍ୟାକ୍ସୱେଲ (୩/୧୨) ଓ ଜ୍ୟାକ୍ ଏଡ୍‌ୱାର୍ଡସ (୩/୧୯)ଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ଭାରତୀୟ ସମୟ ଶନିବାର ଅନୁଷ୍ଠିତ ମେଜର ଲିଗ୍ କ୍ରିକେଟର ଏକ ମୁକାବିଲାରେ ୱାଶିଂଟନ ଫ୍ରିଡମ ୯.୨ ଓଭରରେ ସିଆଟଲ ଓର୍କାସକୁ ୮ ୱିକେଟରେ ହରାଇଛି। ଉଭୟ ଦଳ ଓ ଟେକ୍ସାସ ସୁପର କିଙ୍ଗ୍‌ସ ନକ୍‌ଆଉଟକୁ ଉନ୍ନୀତ ହୋଇସାରିଛନ୍ତି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସିଆଟଲ ଓର୍କାସ ୧୭.୪ ଓଭରରେ ୮୨ ରନ୍ କରିଥିଲା। ଦଳ ପକ୍ଷରୁ କେବଳ ହେନରୀ କ୍ଲାସେନ ସର୍ବାଧିକ ୪୮ ରନ୍ କରିବା ସହ ଦୁଇ ଅଙ୍କ ଛୁଇଁଥିଲେ। ଜବାବରେ ଡିଫେଣ୍ଡିଂ ଚାମ୍ପିଅନ ୱାଶିଂଟନ ଫ୍ରିଡମ ୯.୨ ଓଭରରେ ମାତ୍ର ୨ ୱିକେଟ ହରାଇ ବିଜୟୀ ହୋଇଛି। ଆଉ ୪ଟି ଲିଗ୍ ମ୍ୟାଚ୍ ପରେ ନକ୍‌ଆଉଟ ମୁକାବିଲା ଜୁଲାଇ ୮ରୁ ଆରମ୍ଭ ହେବ।

# ଚତୁର୍ଥ ରାଉଣ୍ଡରେ ସିନର, ସାବାଲେଙ୍କା




ଲଣ୍ଡନ, ୫।୭ (ଏଜେନ୍ସି): ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟରେ ସିଡ୍ ଇଟାଲୀର ପୁରୁଷ ତାରକା ଜାନିକ ସିନର ଓ ବେଲାରୁଷର ଅରିନା ସାବାଲେଙ୍କା ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ କାଜାଖସ୍ତାନର ମହିଳା ଖେଳାଳି ଏଲିନା ରିବାକିନା ତୃତୀୟ ରାଉଣ୍ଡରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ଏକକ ମୁକାବିଲାରେ ସିନର ୬-୧, ୬-୩, ୬-୧ ସିଧା ସେଟ୍‌ରେ ସ୍ପେନ୍‌ର ପେଡ୍ରୋ ମାର୍ଟିନେଜଙ୍କୁ, ୨୨ତମ ସିଡ୍ ଇଟାଲୀର ଫ୍ଲାଭିଓ କୋବୋଲି ୬-୨, ୬-୪, ୬-୨ ସିଧା ସେଟ୍‌ରେ ଚେକ୍ ଗଣରାଜ୍ୟର ୧୫ତମ ସିଡ୍ ଜାକୁବ୍ ମେନସିକଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ଏକକରେ ୧୧ତମ ସିଡ୍ ରିବାକିନା ୬-୭, ୬-୩ ସିଧା ସେଟ୍‌ରେ ୨୩ତମ ସିଡ୍ ଡେନମାର୍କର କ୍ଲାରା ଟସନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ସାବାଲେଙ୍କା ୭-୬, ୬-୪ ସିଧା ସେଟ୍‌ରେ ବ୍ରିଟେନର ଇମ୍ମା ରାଡୁକାନୁଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ୭ମ ସିଡ୍ ୧୭ ବର୍ଷୀୟ ରୁଷିଆର ମୀରା ଆନ୍ଦ୍ରିଭା ୬-୧, ୬-୩ ସେଟ୍‌ରେ ଆମେରିକରା ହେଲି ବାପ୍ଟାଇଜ୍‌ଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପଟେ ପୁରୁଷ ଯୁଗଳରେ ଭାରତର ଏନ୍ ଶ୍ରୀରାମ ବାଲାଜୀ ତାଙ୍କ ମେକ୍ସିକୋ ପାର୍ଟନର ମିଗୁଏଲ ଭାରେଲା ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

**ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା**

# ଦଣ୍ଡସେନାଙ୍କୁ ଚତୁର୍ଥ ସ୍ୱର୍ଣ୍ଣ

ଭୁବନେଶ୍ୱର, ୫।୭ (ସମିସ)

ଓଡ଼ିଶା ପୁଲିସର ଜଣାଶୁଣା ଧାବକ ଅଶୋକ ଦଣ୍ଡସେନାଙ୍କ ସ୍ୱର୍ଣ୍ଣିମ ସଫଳତା ଧାରା ଜାରି ରହିଛି। ଆମେରିକାରେ ଚାଲିଥିବା ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ଅଶୋକ ଚତୁର୍ଥ ସ୍ୱର୍ଣ୍ଣ ପଦକ ସହ ୫ମ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ୧୦,୦୦୦ ମିଟର ଦୌଡ଼ରେ କନଷ୍ଟେବଲ ଦଣ୍ଡସେନା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୂର୍ବରୁ ଶୁକ୍ରବାର ଅନୁଷ୍ଠିତ ପୁରୁଷ ୫୦୦୦ ମିଟର ରେସରେ ସେ ପ୍ରଥମ ସ୍ଥାନରେ ରହି ଏହି ସମ୍ମାନଜନକ ପ୍ରତିଯୋଗିତାରେ ୩ୟ ସ୍ୱର୍ଣ୍ଣପଦକ ଜିତିଥିଲେ। ପୂର୍ବରୁ ସେ ୮୦୦ ମିଟର ଓ ୧୫୦୦ ମିଟରରେ ମଧ୍ୟ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। କିନ୍ତୁ ୪ ଗୁଣା ୪୦୦ ମିଟର ରିଲେ ଦୌଡ଼ରେ ସେ ଏକମାତ୍ର ରୌପ୍ୟ ପଦକ ହାସଲ କରିଛନ୍ତି।





ସେହିପରି ମହିଳା ବିଭାଗରେ କନଷ୍ଟେବଲ ସବିତା ଆଜି ଦ୍ୱିତୀୟ ସ୍ୱର୍ଣ୍ଣପଦକ ମହିଳା ୧୦୦ ମିଟର ବାଧାଦୌଡ଼ରେ ବିଜୟୀ ହୋଇଛନ୍ତି। ଏହା ବ୍ୟତୀତ ୪୦୦ ମିଟର ବାଧାଦୌଡ଼ରେ ମଧ୍ୟ ତାଙ୍କୁ କାଂସ୍ୟ ପଦକ ମିଳିଛି। ମହିଳା ବିଭାଗରେ ସୁସ୍ମିତା ଟିଗ୍‌ଗା ମହିଳା ୪ ଗୁଣା ୪୦୦ ମିଟର ରିଲେ ଦୌଡ଼ରେ କାଂସ୍ୟ ଜିତିବାକୁ ସମର୍ଥ ହୋଇଛନ୍ତି। ପୂର୍ବରୁ ସେ ୧୫୦୦ ଓ ୮୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହି ସଫଳତା ଲାଗି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଓ ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରତି ଦୁଇ ବର୍ଷରେ ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା ଅନୁଷ୍ଠିତ ହୋଇଥାଏ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS